

ଯା ଦେବୀ ସର୍ବଭୂତେଷୁ...

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ❑ ଗୁରୁବାର ୦୪ ଡିସେମ୍ବର ୨୦୨୫ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ THURSDAY 04 December 2025
Vol.No. 36 ■ No.319 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019

ସଂଗ୍ରହ କରନ୍ତୁ
ସାଗରିକା ପୂଜା ସଂଖ୍ୟା
ସାଗରିକା
ଡିଜିଟାଲ୍ ଫର୍ମାଟରେ
ମଧ୍ୟ ଉପଲବ୍ଧ...
website : sagarika.in.net

# ଆଜି ଭାରତ ଆସୁଛନ୍ତି ରୁଷ ରାଷ୍ଟ୍ରପତି

## ଦ୍ୱିପାକ୍ଷିକ ଆଲୋଚନା ସହ ବଡ଼ ପ୍ରତିରକ୍ଷା ଚୁକ୍ତି ସ୍ୱାକ୍ଷର ସମ୍ଭାବନା

ନୂଆଦିଲ୍ଲୀ,୦୩/୧୨ : ଭାରତ ଆସୁଛନ୍ତି ରୁଷ ରାଷ୍ଟ୍ରପତି ଭ୍ଲାଦିମୀର ପୁଟିନ । ଏନେଇ ସମସ୍ତ ପ୍ରକାର ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ । ଦିଲ୍ଲୀକୁ କଡ଼ା ସୁରକ୍ଷାରେ ବ୍ୟବସ୍ଥା ଭିତରେ ରଖାଯାଇଛି । ଡିସେମ୍ବର ୪ ଓ ୫ ତାରିଖ ପାଇଁ କି କି ପ୍ରସ୍ତୁତି କରାଯାଇଛି । କାଲିଠୁ ଦୁଇଦିନ ପର୍ଯ୍ୟନ୍ତ ଦିଲ୍ଲୀରେ ରହିବେ ରୁଷ ରାଷ୍ଟ୍ରପତି ଭ୍ଲାଦିମୀର ପୁଟିନ । ରୁଷରୁ ଉଡାଣ ଭରିବାଠୁ ଦିଲ୍ଲୀରେ ଦୁଇଦିନ ରହଣୀ ଯାଏଁ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି । ସୂଚନା ଅନୁସାରେ ପୁଟିନ ଯେଉଁ ବିମାନରେ ଆସୁଛନ୍ତି ସେଥିରେ ବହୁସ୍ତରୀୟ କ୍ଷେପଣାସ୍ତ୍ର ଜାମିଂ ସିଷ୍ଟମ ବ୍ୟବସ୍ଥା ରହିଛି । ଶତ୍ରୁଙ୍କ ବିଭ୍ରାନ୍ତକାରି ଆକ୍ରମଣକୁ ବିଫଳ କରିପାରେ । ସେପଟେ ଦିଲ୍ଲୀରେ ଲ୍ୟାଣ୍ଡ କରିବାପରଠୁ ପୁଟିନଙ୍କ ଉପରେ ତୀକ୍ଷ୍ଣ ନଜର ରଖିବେ ଭାରତ ସରକାର, ପୁଟିନଙ୍କ ବ୍ୟକ୍ତିଗତ ସୁରକ୍ଷାକର୍ମୀ । ସେପଟେ ଦିଲ୍ଲୀରେ ବହୁ ସ୍ତରୀୟ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି । ଯେତେବେଳେ ପୁଟିନ୍ ବିଦେଶ ଯାତ୍ରା କରନ୍ତି, ତାଙ୍କ ସୁରକ୍ଷା ତଦାରଖ କରୁଥିବା ଟିମ ସେହି ଦେଶରେ ଆଗୁଆ ପହଞ୍ଚି ରହଣୀ ଠୁ କାର୍ଯ୍ୟକ୍ରମସ୍ଥଳରେ ଟିକିନିକ ଯାଂଚ କରନ୍ତି । ଏହି କ୍ରମରେ ଦିଲ୍ଲୀରେ ପହଞ୍ଚିସାରିଛନ୍ତି ସୁରକ୍ଷା ଟିମ । ହୋଟେଲଠୁ ନେଇ ରୋଷେଇ ଘର । ଏଥିସହ ଖାଦ୍ୟର ତ୍ରିସ୍ତରୀୟ ଯାଂଚ କରିବ ଟିମ । ସେପଟେ ଏୟାରଲିଫ୍ଟ ହୋଇ ଦିଲ୍ଲୀରେ ପହଞ୍ଚିଛି ପୁଟିନଙ୍କ ହାଇବ୍ରିଡ କାର ଔରସ ସେନାଟ ଲିମୋଜିନ । ଟ୍ରକ



ପରି ଓଜନିଆ, ବଙ୍କର ପରି ସୁରକ୍ଷିତ । ସବୁ ପ୍ରକାର ଆକ୍ରମଣକୁ ପ୍ରତିହତ କରେ ଏହି କାର । ଚଳନ୍ତା ସୁରକ୍ଷା କବଚ ଭାବେ ଜଣାଯାଉଥିବା ଏହା ଦୁନିଆର ଏକମାତ୍ର କାର । ଆପଣଙ୍କ ମନେ ଥିବ ଏସସିଓ ସମ୍ମିଟରେ ପ୍ରଧାନମନ୍ତ୍ରୀ ମୋଦୀ ଓ ରୁଷ ରାଷ୍ଟ୍ରପତି ଯେଉଁ କାରରେ ଏକାଠି ଯାତ୍ରା କରିଥିଲେ ସେହି କାର ହେଉଛି ଏହି ବୁଲେଟପ୍ରୁଫ କାର ଔରସ ସେନାଟ ।

# ଗୁଳିବିନିମୟରେ ୩ଜଣ ଯବାନ ସହୀଦ: ୧୨ ମାଓବାଦୀ ନିପାତ

ମାଲକାନଗିରି, ୦୩/୧୨ (ନି.ପ୍ର): ମାଓବାଦୀମାନେ ସୁଧୁରୁ ନାହାନ୍ତି। ବିଗତ ଏକ ମାସ ମଧ୍ୟରେ ପ୍ରାୟ ୫୦୦ରୁ ଊର୍ଦ୍ଧ୍ୱ ମାଓବାଦୀ ଆତ୍ମସମର୍ପଣ କରସାରିଛନ୍ତି। ଆହୁରି ଶତାଧିକ ମାଓବାଦୀମାନେ ଆତ୍ମସମର୍ପଣ କରିବାକୁ ଯାଉଛନ୍ତି ବୋଲି ମାଓନେତାମାନେ ମଧ୍ୟ ଚର୍ଚ୍ଚା କରୁଛନ୍ତି। ତେବେ ଏହାରି ମଧ୍ୟରେ ମାଓବାଦୀମାନେ ସୁରକ୍ଷାବାହିନୀକୁ ଟାର୍ଗେଟ କରୁଛନ୍ତି। ଛତିଶଗଡ଼ର ବିଜାପୁର ଜିଲ୍ଲାରେ ଏକ ବଡ଼ଧରଣର ଏନ୍‌କାଉଣ୍ଟର ଘଟଣା ଘଟିଛି। ଏହି ଗୁଳିମାଡ଼ରେ ୩ଜଣ ଯବାନ ସହିଦ ହୋଇଛନ୍ତି। ଅନ୍ୟପଟରେ ସୁରକ୍ଷା ବାହିନୀର ଗୁଳିମାଡ଼ରେ ୧୨ଜଣ ମାଓବାଦୀ ନିପାତ ହୋଇଛନ୍ତି। ରିପୋର୍ଟ ଲେଖାଯିବା ବେଳକୁ ପରିସ୍ଥିତି ଉତ୍ତେଜନାପୂର୍ଣ୍ଣ ରହିଛି। ଘଟଣାସ୍ଥଳ ଅଭିମୁଖେ ଅତିରିକ୍ତ ସୁରକ୍ଷା ବାହିନୀ ପହଞ୍ଚୁଛନ୍ତି। ମାଓ ପ୍ରଭାବିତ ବିଜାପୁର ଜିଲ୍ଲାର ଏକ ଘଞ୍ଚ ଜଙ୍ଗଲରେ ମାଓବାଦୀଙ୍କ ଚଳପ୍ରଚଳ ନେଇ ସୁରକ୍ଷାବାହିନୀକୁ ସୂଚନା ମିଳିଥିଲା। ଏହି ଆଧାରରେ ସୁରକ୍ଷାବାହିନୀର ଯବାନମାନେ ଘଟଣାସ୍ଥଳରେ ପହଞ୍ଚି ସର୍ଚ୍ଚ ଅପରେସନ କରିଥିଲେ। ସୁରକ୍ଷାବାହିନୀକୁ ଦେଖିବା ପରେ ମାଓବାଦୀମାନେ ବିଚଳିତ ହୋଇପଡ଼ିଥିଲେ। ସେମାନେ ଅଙ୍କୁଶ ଲଗାଇ ବସିଥିବାରୁ ପୂର୍ବ ଯୋଜନା ଅନୁସାରେ ଯବାନଙ୍କୁ ଲକ୍ଷ୍ୟ କରି ଗୁଳି ମାରିଥିଲେ। ମାଓବାଦୀଙ୍କର ଗୁଳିମାଡ଼ରେ ୩ଜଣ ଯବାନ ସହିଦ ହୋଇଛନ୍ତି। ଜଣେ ପୁଲିସ ଅଧିକାରୀ ଗଣମାଧ୍ୟମକୁ ବୁଧବାର କହିଛନ୍ତି, ପଶ୍ଚିମ ବସ୍ତର ଡିଭିଜନର ଏକ ଜଙ୍ଗଲରେ ସୁରକ୍ଷା ବାହିନୀ ଏବଂ ମାଓବାଦୀଙ୍କ ମଧ୍ୟରେ ଏହି ଗୁଳିବିନିମୟ ହୋଇଛି। ନକ୍ସଲ ଗତିବିଧି ନେଇ ସୂଚନା ମିଳିବା ପରେ ସର୍ଚ୍ଚ ଅପରେସନ କରାଯାଇଥିଲା। ମାଓବାଦୀଙ୍କୁ ମୁକାବିଲା କରିବା ପାଇଁ ରିଜର୍ଭ ଗାର୍ଡ, ଏସ୍‌ଟିଏଫ୍ ଏବଂ କେନ୍ଦ୍ରୀୟ ରିଜର୍ଭ ପୁଲିସ ବଳ (ସିଆରପିଏଫ୍)ର ବାଟାଲିଅନ ପହଞ୍ଚି ଥିଲେ। ସୁରକ୍ଷାକର୍ମୀଙ୍କୁ ଦେଖି ମାଓବାଦୀମାନେ ଗୁଳି କରିଥିଲେ। କିନ୍ତୁ ଆମର ଯବାନମାନେ କଡ଼ା ମୁକାବିଲା କରିଛନ୍ତି। ଏନ୍‌କାଉଣ୍ଟରରେ ୧୨ଜଣ ମାଓବାଦୀ ନିପାତ ହୋଇଛନ୍ତି।

▶▶ପୃଷ୍ଠା ୭

# ରାଜଧାନୀ ଟ୍ରାଫିକ୍ ବ୍ୟବସ୍ଥାର ବିକଳ ଚିତ୍ର: ମୁଖ୍ୟମନ୍ତ୍ରୀଙ୍କ କାରକେଡ ଭିତରକୁ ପଶିଗଲା କାର, ସୁରକ୍ଷାକୁ ନେଇ ଉଠିଲା ପ୍ରଶ୍ନ

ଭୁବନେଶ୍ୱର, ୦୩/୧୨ (ନି.ପ୍ର): ରାଜଧାନୀର ଟ୍ରାଫିକ ବ୍ୟବସ୍ଥାକୁ ବାରମ୍ବାର ପ୍ରଶ୍ନ ଉଠୁଛି । ଯାହାର ଏକ ଉଦାହରଣ ଆଜି ଦେଖିବାକୁ ମିଳିଛି । ସାଧାରଣ ଲୋକଙ୍କ କଥା କିଏ ପଚାରେ, ନିଜେ ମୁଖ୍ୟମନ୍ତ୍ରୀମଧ୍ୟ ଟ୍ରାଫିକରେ ସୁରକ୍ଷିତ ନୁହଁନ୍ତି । କାରଣ ଆଜି ମୁଖ୍ୟମନ୍ତ୍ରୀଙ୍କ କାରକେଡ ଭିତରକୁ ଏକ ଅଜଣା କାର ପଶିଯିବା ପରେ ମୁଖ୍ୟମନ୍ତ୍ରୀଙ୍କ ସୁରକ୍ଷା ବ୍ୟବସ୍ଥା ଉପରେ ପ୍ରଶ୍ନ ଉଠିଛି । ଏ ତ୍ରୁଟି ଅନ୍ୟ କେଉଁଠି ନୁହେଁ ଖୋଦ୍ କମିଶନରେଟ୍ ପୁଲିସ କାର୍ଯ୍ୟାଳୟ ସମ୍ମୁଖରେ ଘଟିଛି ।



ମୁଖ୍ୟମନ୍ତ୍ରୀଙ୍କ କାରକେଡ କମିଶନରେଟ ପୁଲିସ କାର୍ଯ୍ୟାଳୟ ନିକଟରେ ଯାଉଥିବା ବେଳେ ହଠାତ ଏକ କାର କାରକେଡ ଭିତରକୁ ପଶିଆସିଥିଲା । ଏହାପରେ ଉପସ୍ଥିତ ପୁଲିସ କର୍ମଚାରୀମାନେ କାରକୁ ଘେରି ଯାଇଥିଲେ । କଡ଼ା ସୁରକ୍ଷା ସତ୍ତ୍ୱେ କାରକେଡ୍ ଭିତରକୁ କାର କିଭଳି ପଶିଲା ତାକୁ ନେଇ ପ୍ରଶ୍ନ ଉଠୁଛି ।

# ରାଜ୍ୟରେ ବୃଦ୍ଧି ପାଉଛି ଜଳସେଚିତ ଚାଷ ଜମି

ଭୁବନେଶ୍ୱର, ୦୩/୧୨ (ନି.ପ୍ର): ରାଜ୍ୟରେ ଉଭୟ ଖରିଫ ଓ ରବି ଋତୁରେ ଜଳସେଚିତ ଚାଷଜମିର ପରିମାଣ ବଢ଼ିବାରେ ଲାଗିଛି। ଅନୁରୂପ ଭାବେ ରାଜ୍ୟରେ ପଡିଆ ଜମିର ପରିମାଣ ହ୍ରାସ ପାଉଛି । ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀଙ୍କ ଏକ ପ୍ରଶ୍ନର ଉତରରେ ଏହି ସୂଚନା ଦେଇଛନ୍ତି ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ । ଉପମୁଖ୍ୟମନ୍ତ୍ରୀ ଦର୍ଶାଇଛନ୍ତି ଯେ ଗତ ୫ବର୍ଷ ଧରି ରାଜ୍ୟରେ ଚାଷ ଜମିର ପରିମାଣ ସ୍ଥିର ଥିବାବେଳେ ଜଳସେଚିତ ଚାଷ ଜମିର ପରିମାଣ କିନ୍ତୁ ବଢ଼ିବାରେ ଲାଗିଛି ।

# ଫେବୃଆରୀ ୧୮ ତାରିଖରୁ +୨ ପରୀକ୍ଷା: ପ୍ରଥମ ଥର ପାଇଁ ହେବ ୱେବ୍ କାଷ୍ଟିଂ

ଭୁବନେଶ୍ୱର, ୦୩/୧୨ (ନି.ପ୍ର):ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଯୁକ୍ତ ୨ ବାର୍ଷିକ ପରୀକ୍ଷା ୨୦୨୬ ଫେବ୍ରୁଆରି ୧୮ ତାରିଖ ଠାରୁ ଆରମ୍ଭ ହେବ । ଏହି ପରୀକ୍ଷା ମାର୍ଚ୍ଚ ୨୧ ତାରିଖରେ ଶେଷ ହେବ । ପରୀକ୍ଷା ଆରମ୍ଭ ହେବା ଠାରୁ ଶେଷ ହେବା ପାଇଁ ୨୨ ଦିନ ଲାଗିବ । ସୂଚୀ ଅନୁସାରେ ବାର୍ଷିକ ପରୀକ୍ଷା ସକାଳ ୧୦ଟାରୁ ଦିନ ୨ଟା ପର୍ଯ୍ୟନ୍ତ ଜାରି ରହିବ । ପିଲାମାନେ ପରୀକ୍ଷା ହଲ୍ ଭିତରକୁ ପରୀକ୍ଷା ଆରମ୍ଭ ହେବାର ଅଧ ଘଣ୍ଟା ଭିତରେ ପ୍ରବେଶ କରିବେ । ପରୀକ୍ଷା ପାଇଁ




ମୋଟ ୪,୦୦,୭୩୭ ଛାତ୍ରଛାତ୍ରୀ ଫର୍ମ ଫିଲଅପ୍ କରିଛନ୍ତି । ବୋର୍ଡ ପରୀକ୍ଷାରେ ପ୍ରଥମ ଥର ପାଇଁ ୱେବ୍ କାଷ୍ଟିଂ, ସିସିଟିଭି ଓ ଲାଇଭ ଷ୍ଟ୍ରିମିଂ ହେବ । ୩ଟି ପର୍ଯ୍ୟାୟ ମଧ୍ୟରୁ ପ୍ରଥମ ପର୍ଯ୍ୟାୟ ଡିସେମ୍ବର ୨୨ରୁ ୩୧ ଇଣ୍ଟରନାଲ ପରୀକ୍ଷା ହେବ । ଏହାପରେ ୧୪ଦିନ ପ୍ରାକ୍ଟିକାଲ ପରୀକ୍ଷା ହେବ । ପ୍ରାକ୍ଟିକାଲ ପରୀକ୍ଷା ଜାନୁଆରି ୨ ତାରିଖ ଠାରୁ ଆରମ୍ଭ ହୋଇ ୧୫ ତାରିଖ ପର୍ଯ୍ୟନ୍ତ ଚାଲିବ । ଯେଉଁମାନେ ପ୍ରଥମ ଇଣ୍ଟରନାଲ ପରୀକ୍ଷା ଦେଇନଥିବେ ସେମାନେ ଜାନୁଆରି ୧୦ରୁ ୧୫ ଭିତରେ ପରୀକ୍ଷା ଦେଇପାରିବେ । ପ୍ରଥମ ଥର ଲାଗି ଇଓ ସର୍ଭେଲିଆନ୍ସରେ ରହିବ ୨୧୦ ପରୀକ୍ଷା ହେବ । ପ୍ରଥମ ଥର ପାଇଁ ପ୍ରାକ୍ଟିକାଲ ପରୀକ୍ଷାର ହେବ ଲାଇଭ ଷ୍ଟ୍ରିମିଂ । ଚଳିତବର୍ଷ ୧୩୫୦ଟି ପରୀକ୍ଷା କେନ୍ଦ୍ର ଅଛି । ଆବଶ୍ୟକତା ଅନୁସାରେ ବଢ଼ିପାରେ ପରୀକ୍ଷା କେନ୍ଦ୍ର । ପରୀକ୍ଷା ସରିବାର ୪୦ଦିନ ଭିତରେ ପ୍ରକାଶ ପାଇବ ରେଜଲ୍ଟ । ଫେବ୍ରୁଆରି ୧୫ ସୁଦ୍ଧା ପରୀକ୍ଷା କେନ୍ଦ୍ରରେ ପହଞ୍ଚିବ ପ୍ରଶ୍ନପତ୍ର । ଚଳିତବର୍ଷ ଜିଲ୍ଲାସ୍ତରରେ ପରୀକ୍ଷା ପରିଚାଳନା ପାଇଁ ଅଧିକ ସ୍କ୍ୱାଡ ବ୍ୟବସ୍ଥା ହେବ। ଯୁକ୍ତ ଦୁଇ ପରୀକ୍ଷା ପାଇଁ ତାରିଖ ଘୋଷଣା ସହ ପ୍ରସ୍ତୁତିକୁ ଜୋରଦାର କରିଛନ୍ତି ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ କର୍ତ୍ତୃପକ୍ଷ ।

# ଚାଷୀଙ୍କୁ ସ୍ୱପ୍ନ ଦେଖାଇଲେ ସରକାର: ୧୨ ହଜାର ଡେଇଁବ ମାସିକ ଆୟ

ଭୁବନେଶ୍ୱର, ୦୩/୧୨ (ନି.ପ୍ର): ଚାଷୀଙ୍କ ମାସିକ ଆୟ ୧୨ ହଜାର ଟପିବ । ହେଲେ ଏବେ ନୁହେଁ । ଏଥିପାଇଁ ୨୦୩୬ର କଣ୍ଟ ରଖିଛନ୍ତି ସରକାର । ହେଲେ ବିରୋଧୀ କହିଛନ୍ତି, ୨୦୩୬ରେ ୧୨ ହଜାର ଟଙ୍କାରେ ଚାଷୀ କରିବ କଣ ? ବିକଶିତ ଓଡ଼ିଶାର ପରିକଳ୍ପନା ଭିତରେ ଚାଷୀଙ୍କ ପାଇଁ ଖୁସି ଖବର ଆଣିଛନ୍ତି ରାଜ୍ୟ ସରକାର । ମାସିକ ଆୟ ୨ ଗୁଣାରୁ ଅଧିକ କରିବାକୁ ଅଙ୍କାଯାଇଛି ନକ୍ସା । ୨୦୩୬ ସୁଦ୍ଧା ଚାଷୀଙ୍କ ମାସିକ ଆୟ ୧୨ ହଜାରକୁ ବୃଦ୍ଧି ପାଇବ । ବିଧାୟକ ଅରବିନ୍ଦ ମହାପାତ୍ରଙ୍କ ପ୍ରଶ୍ନର ଉତ୍ତର ଦେଇ ଗୃହରେ ଏଭଳି ଉତ୍ତର ରଖିଛନ୍ତି ଉପମୁଖ୍ୟମନ୍ତ୍ରୀ କେଭି ସିଂଦେଓ । ଯାହାକୁ ନେଇ ଶାସକ ଦଳକୁ ଘେରିଛନ୍ତି ବିରୋଧୀ। ବିଜେଡି କହିଛି, ୨୦୩୬ ବେଳକୁ ୧୨ ହଜାର ଟଙ୍କାର ମୂଲ୍ୟ କ’ଣ ଥିବ ? ଚାଷୀଙ୍କ ଆୟ ବୃଦ୍ଧି ପାଇଁ ୨୦୩୬ ଯାଏଁ କାହିଁକି ଅପେକ୍ଷା କରିବା ବୋଲି ପ୍ରଶ୍ନ

▶▶ପୃଷ୍ଠା ୭



# ବୟାନ ପାଇଁ ବିବାଦରେ ତେଲେଙ୍ଗାନା ମୁଖ୍ୟମନ୍ତ୍ରୀ: ଧାର୍ମିକ ମନୋଭାବନା ଆଘାତ ଅଭିଯୋଗ

ନୂଆଦିଲ୍ଲୀ, ୦୩/୧୨ : ହାଇଦ୍ରାବାଦରେ କଂଗ୍ରେସ କାର୍ଯ୍ୟକାରିଣୀ କମିଟି ବୈଠକରେ ଦଳର ପ୍ରଶଂସା କରୁ କରୁ ତେଲେଙ୍ଗାନା ମୁଖ୍ୟମନ୍ତ୍ରୀ ଏମିତି କିଛି ବୟାନ ଦେଇଛନ୍ତି ଯାହା ପାଇଁ ନୂଆ ବିବାଦ ଛିଡା ହୋଇଛି । କଂଗ୍ରେସ, କେମିତି ଭିନ୍ନ ଭିନ୍ନ ମାନସିକତାର ଲୋକଙ୍କ ସହ କାମ କରେ ଏହାର ଉଦାହରଣ ଦେଇ ରେଭନ୍ତ ରେଡ୍ଡୀ ହିନ୍ଦୁ ଦେବାଦେବୀଙ୍କୁ ଆକ୍ଷେପ କରିବାକୁ ପଛାଇ ନାହାଁନ୍ତି । ମୁଖ୍ୟମନ୍ତ୍ରୀ କହିଛନ୍ତି - ହିନ୍ଦୁ ଧର୍ମରେ ଏତେ



ଦେବଦେବୀ କ’ଣ ପାଇଁ? ଯେଉଁମାନେ ଅବିବାହିତ ସେମାନଙ୍କ ପାଇଁ ହନୁମାନ ଭଗବାନ । ଯିଏ ଦୁଇଟି ବିବାହ କରିଛନ୍ତି, ତାଙ୍କ ପାଇଁ ଆଉ ଜଣେ ଭଗବାନ । ଯିଏ ନିଶା ସେବନ କରନ୍ତି, ତାଙ୍କ ପାଇଁ ଭିନ୍ନ ଜଣେ ଦେବତା ଅଛନ୍ତି । ଏମିତି କି ମାଂସାହାରୀ, ଶାକାହାରୀ, ସମସ୍ତଙ୍କ ପାଇଁ ବିଭିନ୍ନ ପ୍ରକାର ଦେବଦେବୀ ରହିଛନ୍ତି। ଯଦି ଭଗବାନଙ୍କୁ ନେଇ ସମସ୍ତଙ୍କ ଭିତରେ ଗୋଟିଏ ପ୍ରକାର ସହମତି ଅସମ୍ଭବ ତେବେ ରାଜନୈତିକ ଦଳରେ ଏହା କିପରି ସମ୍ଭବ। ତେଣୁ କଂଗ୍ରେସ ବିବିଧତାକୁ ବିଶ୍ୱାସ କରେ। ବିଭିନ୍ନ ପ୍ରକାର ମାନସିକତାର ଲୋକଙ୍କୁ ନେଇ କାମ କରେ । ସେପଟେ ରେଭନ୍ତଙ୍କ ଏହି ବୟାନକୁ ବଡ ପ୍ରସଙ୍ଗ କରିଛନ୍ତି ବିଆରଏସ ଓ ବିଜେପି । ହିନ୍ଦୁମାନଙ୍କ ପ୍ରତି ଘୃଣାସୃଷ୍ଟିକାରୀ ବୟାନ ଦେଇଥିବା ଅଭିଯୋଗ କରି ମୁଖ୍ୟମନ୍ତ୍ରୀଙ୍କଠୁ କ୍ଷମା ମାଗିଛି ବିଜେପି । ସେପଟେ ବିଆରଏସ କହିଛି ଏଭଳି ବୟାନ କେବଳ ରେଭନ୍ତଙ୍କ ନୁହେଁ କଂଗ୍ରେସର ହିନ୍ଦୁ ବିରୋଧୀ ମାନସିକତାକୁ ଦର୍ଶାଉଛି । ତେଲେଙ୍ଗାନା ମୁଖ୍ୟମନ୍ତ୍ରୀଙ୍କ ଏଭଳି ବିବାଦୀୟ ବୟାନ, ଆଗାମୀ ଦିନରେ କୁହୁଳିବା ସହ ଦଳ ପାଇଁ ସମସ୍ୟା ଆଣିପାରେ ।

# ଓଡିଶାରେ ଉତ୍ପାଦିତ ହେଉଛି ନୂତନ ପୀଢିର ଟୀକା

ଭୁବନେଶ୍ୱର, ୦୩/୧୨ (ନି.ପ୍ର): ରାଜ୍ୟ ରାଜଧାନୀ ଭୁବନେଶ୍ୱର ଠାରେ ନୂତନ ପୀଢିର ଟୀକା ଉତ୍ପାଦନ କରାଯାଉଛି । ଏଥି ମଧ୍ୟରେ ମ୍ୟାଲେରିଆ,ହଇଜା, ଯକ୍ଷ୍ମା ଇତ୍ୟାଦି ରୋଗବିରୋଧୀ ଟୀକାରହିଛି । ରାଜଧାନୀ ଉପକଣ୍ଠ ଅନ୍ଧାରୁଆରେ ଓଡିଶା ବାୟୋଟେକ ପାର୍କରେ ସ୍ଥାପିତ ସାପିଜେନ ବାୟୋଲୋଜିକ୍ସ ଏହିସବୁ ଟିକା ଉତ୍ପାଦନ କରୁଛି । ରାଜ୍ୟରେ ଟୀକା ଉତପାଦନ ସଂକ୍ରାନ୍ତରେ ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀ ପଚାରିଥିବା ପ୍ରଶ୍ନର ଉତ୍ତରରେ ଏହି ସୂଚନା ଦେଇଛନ୍ତି ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର ।

# ବିଧାନସଭାରେ ଉଠିଲା ମଣ୍ଡି ଅବ୍ୟବସ୍ଥା ପ୍ରସଙ୍ଗ: ମଣ୍ଡି ଜଗିବେ ମନ୍ତ୍ରୀ

ଭୁବନେଶ୍ୱର, ୦୩/୧୨ (ନି.ପ୍ର): ଆରମ୍ଭରୁ ମଣ୍ଡି ଅବ୍ୟବସ୍ଥା ପ୍ରସଙ୍ଗ ଆଜି ବିଧାନସଭାରେ ଉଠିଛି । କାଲିଠୁ ସମ୍ବଲପୁର, ବରଗଡରେ ସ୍ୱାଭାବିକ ହୋଇଥିଲେ ବି ଟୋକନ ସମସ୍ୟା ଓ ଏମଏସପିକୁ ନେଇ ସରକାରଙ୍କୁ ଘେରିଛନ୍ତି ବିରୋଧୀ । ଜବାବ ରଖିବା ସହ ବିରୋଧୀଙ୍କୁ କଡା ଜବାବ ଦେଇଛି ଶାସକ ଦଳ । ଖରିଫ୍ ଧାନ କିଣିବା ପାଇଁ ଗତ ୨୮ତାରିଖରୁ ରାଜ୍ୟରେ ମଣ୍ଡି ଖୋଲିଥିଲେ ବି ଆରମ୍ଭରୁ ଅବ୍ୟବସ୍ଥା ଲାଗି ରହିଛି । ଏହାକୁ ନେଇ ସରକାରଙ୍କ ଘେରିଛନ୍ତି ବିରୋଧୀ । ମଣ୍ଡି ଅବ୍ୟବସ୍ଥାକୁ ନେଇ ବିଜେଡି ମୂଳତବୀ ପ୍ରସ୍ତାବ ଆଣିଥିଲା । ଧାନ ଉଠାଣ ବିଳମ୍ବ, ପଞ୍ଜୀକରଣ, ଟୋକନ୍ ସମସ୍ୟା ଓ ଏମ୍‌ଏସ୍‌ପି ଦ୍ୱନ୍ଦ୍ୱ ଯୋଗୁଁ ଚାଷୀ କ୍ଷତି ସହୁଥିବା ଅଭିଯୋଗ କରି ଗୃହରେ ବର୍ଷିଛନ୍ତି ବିଜେଡି ବିଧାୟକ । ମିଲର ଏବଂ ମଣ୍ଡି ଟାଗିଂ ପ୍ରକ୍ରିୟା ସରି ନଥିବାରୁ ଧାନ କେମିତି ଉଠିବ ବୋଲି ପ୍ରଶ୍ନ କରିଛନ୍ତି । କଂଗ୍ରେସ ସଦସ୍ୟ ବି ସରକାରକୁ ଘେରିଛନ୍ତି । କଡ଼ା ଜବାବ ରଖିଛି ଶାସକ ଦଳ । ମଣ୍ଡିକୁ ନେଇ ଶାସକ, ବିରୋଧ ସଦସ୍ୟଙ୍କ ଆରୋପ ପ୍ରତ୍ୟାରୋପ ଭିତରେ ଉତ୍ତର ରଖିଛନ୍ତି ଯୋଗାଣ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର । କହିଛନ୍ତି, ଧାନ ସଂଗ୍ରହ ସମୟରେ ସମନ୍ୱୟ ପାଇଁ ଏକ ମନ୍ତ୍ରୀସ୍ତରୀୟ ଉପକମିଟି ଗଠନ ହୋଇଛି । ମନ୍ତ୍ରୀମାନଙ୍କୁ ଜିଲ୍ଲାୱାରୀ ଦାୟିତ୍ୱ ଦେଇଛନ୍ତି ମୁଖ୍ୟମନ୍ତ୍ରୀ । ମଣ୍ଡିରେ ଦୁର୍ନୀତି ହେଲେ ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ । ସବୁ ମଣ୍ଡିରେ ସିସିଟିଭି ଏବଂ କଣ୍ଟ୍ରୋଲ ରୁମ୍ ବ୍ୟବସ୍ଥା କରାଯାଇଛି ।

# ଓପିଜିସି ପାଉଁଶ ପୋଖରୀ ଭାଙ୍ଗିବାରୁ ୩୧କୋଟି ଟଙ୍କା କ୍ଷତି

ଭୁବନେଶ୍ୱର, ୦୩/୧୨ (ନି.ପ୍ର): ବିଗତ ପାଞ୍ଚ ବର୍ଷ ମଧ୍ୟରେ ଓଡ଼ିଶା ଶକ୍ତି ଉତ୍ପାଦନ ନିଗମ (ଓପିଜିସି)ର ପାଉଁଶ ପୋଖରୀ କେବଳ ଥରୁଟିଏ ୨୦୨୩ ମସିହା ସେପ୍ଟେମ୍ବର ୧୨ ତାରିଖରେ ଭାଙ୍ଗିଥିଲା । ଏହି ପାଉଁଶ ପୋଖରୀ ଭାଙ୍ଗିବା ଫଳରେ ଓପିଜିସିର ମୋଟ ୩୧ କୋଟି ୨୭ଲକ୍ଷ ଟଙ୍କାର କ୍ଷତି ହୋଇଛି । ଓପିଜିସି ପାଉଁଶ ପୋଖରୀ ଭାଙ୍ଗିବା ସଂକ୍ରାନ୍ତରେ ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀ ପଚାରିଥିବା ପ୍ରଶ୍ନର ଉତରରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ବିଧାନସଭାରେ ଏହି ସୂଚନା ପ୍ରଦାନ କରିଛନ୍ତି । ଉପମୁଖ୍ୟମନ୍ତ୍ରୀ ଦର୍ଶାଇଛନ୍ତି ଯେ ଏହି ପାଉଁଶ ପୋଖରୀ ଭାଙ୍ଗିବାର ବିଫଳତା ପାଇଁ କୌଣି ମାନବୀୟ ହସ୍ତକ୍ଷେପର ପ୍ରମାଣ ମିଳିନଥିଲା ।

# ଦିଲ୍ଲୀ ନଗର ନିଗମ ଉପ ନିର୍ବାଚନ: ୭ ଆସନରେ ବାଜି ମାରିଲା ବିଜେପି, ଆପ୍‌କୁ ୩ ଓ ଖାତା ଖୋଲିଲା କଂଗ୍ରେସ

ନୂଆଦିଲ୍ଲୀ,୦୩/୧୨ : ଦିଲ୍ଲୀ ନଗର ନିଗମ(ଏମସିଡି) ଉପ ନିର୍ବାଚନରେ ବିଜେପିର ଦମଦାର ପ୍ରଦର୍ଶନ। ୧୨ଟି ଆସନରେ ହୋଇଥିବା ଉପ ନିର୍ବାଚନରେ ବିଜେପି ୭ଟିରେ ବିଜୟୀ ହୋଇଛି। ଅରବିନ୍ଦ କେଜ୍ରିୱାଲଙ୍କ ଆପ ୩ଟି ଓ କଂଗ୍ରେସ ଗୋଟିଏ ଆସନରେ ଜିତିବାକୁ ସକ୍ଷମ ହୋଇଛି। ସେହିପରି ଗୋଟିଏ ଆସନୀ ସର୍ବ ଭାରତୀୟ ଫରୱାର୍ଡ ବ୍ଲକର ପ୍ରାର୍ଥୀ ବିଜୟୀ ହୋଇଛନ୍ତି। ୧୨ ଆସନ ପାଇଁ ହୋଇଥିବା ଉପ ନିର୍ବାଚନର ଗଣତି ଆଜି ସକାଳ ୮ଟାରୁ କଡ଼ା ସୁରକ୍ଷା ବଳୟ ମଧ୍ୟରେ ଆରମ୍ଭ ହୋଇଥିଲା। ଦିଲ୍ଲୀର ୧୦ଟି



ସ୍ଥାନରେ ହୋଇଥିବା କେନ୍ଦ୍ରରେ ଭୋଟ ଗଣତି ପରେ ରେଜଲ୍ଟ ପ୍ରକାଶ ପାଇଛି। ୨୦୨୨ ନଗର ନିଗମ ନିର୍ବାଚନରେ ଭୋଟିଂ ହାର ୫୦.୪୭% ରହିଥିଲା। କିନ୍ତୁ ଉପ ନିର୍ବାଚନରେ ଭୋଟିଂ ହାର ମାତ୍ର ୩୮.୫୧% ରେକର୍ଡ ହୋଇଥିଲା।

▶▶ପୃଷ୍ଠା ୭

# ଡିସେମ୍ବର ୩୧ ପର୍ଯ୍ୟନ୍ତ ଜାରି ରହିବ ଇ-କେୱାଇସି ପ୍ରକ୍ରିୟା

ଭୁବନେଶ୍ୱର, ୦୩/୧୨ (ନି.ପ୍ର): ଡିସେମ୍ବର ୩୧ ପର୍ଯ୍ୟନ୍ତ ଜାରି ରହିବ ଇ-କେୱାଇସି ପ୍ରକ୍ରିୟା । ଇ-କେୱାଇସି ପ୍ରକ୍ରିୟା ଓ କ୍ଷେତ୍ର ତର୍ଜମା ସମୟ ରେ ୬ ଲକ୍ଷ ୮୩ ହଜାର ୯୯୫ ଜଣ ମୃତ ବ୍ୟକ୍ତି ଚିହ୍ନଟ ହୋଇଛନ୍ତି । ସେହିପରି ୩୩ ହାଜର ୧୨୮ ଅଯୋଗ୍ୟ ରାସନ କାର୍ଡକୁ ବାତିଲ କରାଯାଇଛି । ଯାହାର ପରିବାର ସଦସ୍ୟଙ୍କ ସଂଖ୍ୟା ହେଉଛି ୧ ଲକ୍ଷ ୨୦ ହଜାର ୧୯୯। ସର୍ବାଧିକ ଖୋର୍ଦ୍ଧା ଜିଲ୍ଲାରେ ୪ ହଜାର ୭୪୭ ଗୋଟି ଜାଲି ରାସନ କାର୍ଡ ଧରା ପଡ଼ିଛି । ସେହିପରି ଦ୍ୱିତୀୟ ରେ କଟକ ରୁ ୨୯୦୫ ଗୋଟି ଜାଲି କାର୍ଡ ଧରା ପଡିଛି। ତୃତୀୟ ରେ ରହିଛି ସୁନ୍ଦର ଗଡ଼ ଜିଲ୍ଲା ଯେଉଁଠି ୨୩୫୭ ଗୋଟି ଜାଲି ରାସନ କାର୍ଡ ଧରା ପଡ଼ିଛି । ବିଧାନସଭାରେ ଲିଖିତ ଉତ୍ତର ରଖିଲେ ଯୋଗାଣ ମନ୍ତ୍ରୀ କୃଷ୍ଣ ପାତ୍ର । ଅନ୍ୟ ଏକ ଲିଖିତ ଉତ୍ତର ରେ ଯୋଗାଣ ମନ୍ତ୍ରୀ କହିଛନ୍ତି ଜୁନ୍ ୨୦୨୪ ଠାରୁ ରାସନ କାର୍ଡ଼ ପାଇଁ ମୋଟ ୧୫ ଲକ୍ଷ ୩୩ ହଜାର ୧୫୩ ଗୋଟି ଆବେଦନ ହସ୍ତଗତ ହୋଇଛି ।

# ସେଲ୍, ରାଉରକେଲା ଇସ୍ପାତ କାରଖାନାର ଏସ ଏମ ଏସ-୧ ବିଭାଗର ସାମୁହିକଙ୍କ ଦ୍ୱାରା ସଡ଼କ ସୁରକ୍ଷା ସଚେତନତା ନିମତେ ବିସ୍ତୃତ ମାନବ ଶୃଙ୍ଖଳ ଅନୁଷ୍ଠିତ




ରାଉରକେଲା,୦୩/୧୨ (ନି.ପ୍ର): ସେଲ୍, ରାଉରକେଲା ଇସ୍ପାତ କାରଖାନା (ଆର ଏସ ପି)ରେ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମର ଏକ ଅଂଶ ସ୍ୱରୂପ ଗତ ନଭେମ୍ବର ୨୫ ତାରିଖ ଦିନ ଇଡି (ୱର୍କ୍ସ) ବିଲଡିଂର ଠାରୁ ଏସ ଏମ ଏସ -୧ ବିଭାଗ ପର୍ଯ୍ୟନ୍ତ ଏସ ଏମ ଏସ ୧ ବିଭାଗର ସାମୁହିକଙ୍କ ଦ୍ୱାରା ଦ୍ୱାରା ଏକ ସୁଦୀର୍ଘ ମାନବ ଶୃଙ୍ଖଳ ଗଠନ କରାଯାଇଥିଲା। ଏହି ଅଭିଯାନରେ ଏସ ଏମ ଏସ ୧ ବିଭାଗର ସିଜିଏମ ଶ୍ରୀ ଏସ୍ କାର୍ଥା, ସୁରକ୍ଷା ଏବଂ ଅଗ୍ନିଶମ ସେବା ବିଭାଗର ର ସି ଜି ଏମ , ଶ୍ରୀ ହୀରାଲାଲ ମହାପାତ୍ର, ଏବଂ ସୁରକ୍ଷା ଇଂଜିନିୟରିଂ ବିଭାଗର ଜିଏମ ଶ୍ରୀ ଅବକାଶ ବେହେରା, ନେତୃତ୍ୱ ନେଇଥିଲେ। ଏଥିରେ ଅଧିକାରୀଙ୍କ ସମେତ ୯୦ରୁ ଉର୍ଦ୍ଧ୍ୱ କର୍ମଚାରୀ ଏବଂ ଠିକା ଶ୍ରମିକ ଅଂଶଗ୍ରହଣ କରିଥିଲେ।

ଅଂଶଗ୍ରହଣକାରୀମାନେ ଉତ୍ସାହର ସହିତ ମାନବ ଶୃଙ୍ଖଳ ଗଠନ କରି ଠିଆ ହୋଇଥିଲେ। ସେମାନେ ହାତରେ ପ୍ଲାକାର୍ଡ ଧରିଥିଲେ ଯେଉଁଥିରେ ଜରୁରୀକାଳୀନ ସୁରକ୍ଷା ବାର୍ତ୍ତା ପ୍ରଦର୍ଶିତ ହୋଇଥିଲା। ଏହି ପ୍ଲାକାର୍ଡଗୁଡ଼ିକରେ ଟ୍ରାଫିକ୍ ନିୟମର ସଠିକ ଅନୁପାଳନ, ସଡକ ସୁରକ୍ଷା ନିୟମ, ଗାଡ଼ି ଚଲାଇବା ସମୟରେ ମୋବାଇଲ୍ ଫୋନ୍ ବ୍ୟବହାର ନ କରିବା, ଓଭରଟେକିଂ ଏଡାଇବା, ଲାଲ ବତୀ ଉଲ୍ଲଂଘନରୁ ନିବୃତ୍ତ ରହିବା, ଅସୁରକ୍ଷିତ ଡ୍ରାଇଭିଂ ଅଭ୍ୟାସ ଏଡାଇବା ଏବଂ କାରଖାନା ପରିସରରେ ଗତି ସୀମା ନିୟମ ପାଳନ କରିବା ଭଳି ବହୁ ଗୁରୁତ୍ୱପୂର୍ଣ୍ଣ ଦିଗଗୁଡ଼ିକ ଉପରେ ଗୁରୁତ୍ୱ ଦିଆଯାଇଥିଲା।

ବିଭାଗୀୟ ସୁରକ୍ଷା ଅଧିକାରୀ ତଥା ଏସ ଏମ ଏସ ୧ ବିଭାଗ ର ଡିଜିଏମ ଶ୍ରୀ ଏନ ବେହେରା ଏବଂ ଏଜିଏମ ଶ୍ରୀ ପି କେ ସାମଲ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ।

ଏହି ମାନବ ଶୃଙ୍ଖଳ ସୁରକ୍ଷା ପ୍ରତି ସଂଗଠନର ପ୍ରତିବଦ୍ଧତା ଏବଂ ଏହାର କର୍ମଚାରୀ ତଥା ପଣଧାରୀଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ପାଇଁ ଏହାର ସକ୍ରିୟ ଆଭିମୁଖ୍ୟକୁ ଦୋହରାଇଥିଲା। ଏହି ମହତ ଉଦ୍ଦେଶ୍ୟ ପାଇଁ ଏକତ୍ରିତ ହୋଇ, ଅଂଶଗ୍ରହଣକାରୀମାନେ ସୁରକ୍ଷିତ ଟ୍ରାଫିକ ନିୟମ ର ଅନୁପାଳନ କରିବା ସହିତ ଅନ୍ୟମାନଙ୍କୁ ସେମାନଙ୍କ ଦୈନନ୍ଦିନ ଜୀବନରେ ସୁରକ୍ଷା ନିୟମ କୁ ପ୍ରାଥମିକତା ଦେବା ଲକ୍ଷ୍ୟରେ ସେମାନଙ୍କର ସମର୍ପଣ ଭାବନା ପ୍ରଦର୍ଶନ କରିଥିଲେ।

# ଡିଏମଏଫ ଖଣି ଶକ୍ତି ଦକ୍ଷତା ବିକାଶ କାର୍ଯ୍ୟକ୍ରମ ମାଧ୍ୟମରେ କେନ୍ଦୁଝରର ୨୧ ଯୁବକଙ୍କୁ ନିଯୁକ୍ତି

କେନ୍ଦୁଝର,୦୩/୧୨ (ନି.ପ୍ର): ଆବଶ୍ୟକତା-ଭିତ୍ତିକ ଦକ୍ଷତା ବିକାଶ ପଦକ୍ଷେପ ନିମିତ୍ତ ଡିଏମଏଫ କେଉଁଝରର ପ୍ରଯୋଜିତ ଖଣି ଶକ୍ତି କାର୍ଯ୍ୟକ୍ରମ ଅଧୀନରେ ଖଣି କୌଶଳ ବିକାଶ ତାଲିମ କେନ୍ଦ୍ରର ୨୧ ଜଣ ପ୍ରାର୍ଥୀ ବେଙ୍ଗାଲୁରୁରେ ଚାକିରି ପାଇଛନ୍ତି। ଜିଲ୍ଲାପାଳ ବିଶାଲ ସିଂ ନୂତନ ନିଯୁକ୍ତି ପ୍ରାପ୍ତ ଯୁବକମାନଙ୍କୁ ଆଜି ଏକ ବିଶେଷ ଉତ୍ସବରେ ସମ୍ବର୍ଦ୍ଧିତ କରିଛନ୍ତି।

ସ୍ଥାନୀୟ ଯୁବକମାନଙ୍କ ପାଇଁ ଜୀବିକା ନିର୍ବାହର ସୁଯୋଗ ବୃଦ୍ଧି କରିବାରେ ଗୁରୁତ୍ୱପୂର୍ଣ୍ଣ ପ୍ରୟାସର ଏକ ଅଂଶ ସ୍ୱରୂପ, କେନ୍ଦୁଝର ଜିଲ୍ଲାର ବିଭିନ୍ନ ବ୍ଲକରୁ ୨୧ ଜଣ ପ୍ରାର୍ଥୀ ସ୍କିଲ୍ କାଉନସିଲ୍ ଫର୍ ମାଇନିଂ ସେକ୍ଟର ଦ୍ୱାରା କାର୍ଯ୍ୟକାରୀ ଏକ ଆବାସିକ ଦକ୍ଷତା ତାଲିମ କାର୍ଯ୍ୟକ୍ରମ ସଫଳତାର ସହ ସମାପ୍ତ କରିବା ପରେ ବେଙ୍ଗାଲୁରୁର ଦୁଇଟି କମ୍ପାନୀରେ ଏହି ନିଯୁକ୍ତି ପାଇଛନ୍ତି।

ହେଭି ଆର୍ଥ ମୁଭିଂ ମେସିନାରୀ ଉପରେ ପର୍ଯ୍ୟବେସିତ ୪୫୦ ଘଣ୍ଟାର ଆବାସିକ, ଶିଳ୍ପ-ମୁଖୀ ବୈଷୟିକ ତାଲିମ ସମାପ୍ତ ପରେ ୧୬ ଜଣ ପ୍ରଶିକ୍ଷାର୍ଥୀଙ୍କୁ ଟିଭିଏସ୍ ମୋଟର୍ସରେ ନିଯୁକ୍ତି ଦିଆଯାଇଛି ଓ ୫ ଜଣ ପ୍ରଶିକ୍ଷାର୍ଥୀଙ୍କୁ ସ୍ନାଇଡର ଦ୍ୱାରା ନିଯୁକ୍ତି ମିଳିଛି। ଏହି ପ୍ରାର୍ଥୀମାନଙ୍କୁ ଜିଲ୍ଲା ଖଣିଜ ପ୍ରତିଷ୍ଠାନ କେନ୍ଦୁଝରର ମୁଖ୍ୟ ନିର୍ବାହୀ ଅଧିକାରୀ ଡଃ ରିନା ପ୍ରଧାନ ପ୍ରମାଣପତ୍ର ବଣ୍ଟନ କରିଥିଲେ। ମନୋନୀତ ପ୍ରାର୍ଥୀମାନେ ଜିଲ୍ଲାର ବିଭିନ୍ନ ବ୍ଲକକୁ ପ୍ରତିନିଧିତ୍ୱ କରୁଛନ୍ତି ଯେଉଁମାନେ ଜିଲ୍ଲା ମଧ୍ୟରେ କାର୍ଯ୍ୟକ୍ରମର ଅନ୍ତର୍ଭୁକ୍ତି ଏବଂ ଭୌଗୋଳିକ ପହଞ୍ଚ ପ୍ରଦର୍ଶନ କରୁଛନ୍ତି। ସେମାନଙ୍କୁ ସମ୍ବର୍ଦ୍ଧିତ କରି ଜିଲ୍ଲାପାଳ କହିଛନ୍ତି ଯେ କିଛି ଦିନ ପରେ ନୂଆ ସ୍ଥାନରେ କାମ କରିବାକୁ ଭଲ ଲାଗିବ ତେଣୁ ସୁଯୋଗର ସଦୁପଯୋଗ କରିବାକୁ ସେ ପରାମର୍ଶ ଦେଇଛନ୍ତି। ଜିଲ୍ଲା ପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ କୁମାର ନାଗଭୂଷଣ ଓ ଖଣି କୌଶଳ ବିକାଶ ତାଲିମ କେନ୍ଦ୍ରର ସଂଯୋଜକ ରାହୁଲ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

ଏହି ପଦକ୍ଷେପ ଖଣି-ନିର୍ଭର ସମ୍ପ୍ରଦାୟର ପ୍ରଥମ ପିଢ଼ିର ଶିଳ୍ପ ଶ୍ରମିକମାନଙ୍କୁ ପ୍ରମୁଖ ଜାତୀୟ ସଂଗଠନଗୁଡ଼ିକରେ ସ୍ଥାୟୀ ନିଯୁକ୍ତି ପାଇବାରେ ସକ୍ଷମ କରିଛି।

ପ୍ରଶିକ୍ଷାର୍ଥୀଙ୍କ ପିତାମାତାଙ୍କ ସହିତ ଆଲୋଚନା ସମୟରେ, ଅଧିକାରୀମାନେ ଜଣାଇଥିଲେ ଯେ ଏହି କାର୍ଯ୍ୟକ୍ରମ ଡିଏମଏଫ କେଉଁଝରର ନିଯୁକ୍ତି-ସଂଯୋଜିତ ଦକ୍ଷତା ବିକାଶ ମାଧ୍ୟମରେ ଦୀର୍ଘକାଳୀନ ସାମାଜିକ-ଆର୍ଥିକ ବିକାଶ ସୁନିଶ୍ଚିତ କରିବାର ଆଦେଶ ସହିତ ସମନ୍ୱିତ। ଆଗାମୀ ସମୟରେ ଅଧିକରୁ ଅଧିକ ଯୁବପିଢ଼ିଙ୍କୁ ଏପରି ତାଲିମରେ ସାମିଲ କରାଯିବ।

# ହାତୀ ଆକ୍ରମଣରେ ଯୁବକଙ୍କ ମୃତ୍ୟୁ

କେନ୍ଦୁଝର,୦୩/୧୨ (ନି.ପ୍ର): କେନ୍ଦୁଝର ବନଖଣ୍ଡ ଅନ୍ତର୍ଗତ ତେଲକୋଇ ବନାଂଚଳରେ ହାତୀ ଘଉଡାଇବା ବେଳେ ହାତୀ ଆକ୍ରମଣରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ରୁଗୁଡିହ ଗାଁ ର ଚକ୍ରଧର ମହାରଣା ବୋଲି ସୂଚନା ମିଳିଛି।ବାରାହାଦେବତା ବିଟ ଅଂଚଳରେ ୩୯ ଟିକିଆ ହାତୀପଲଙ୍କ ଦାଉରୁ ଫସଲକୁ ସୁରକ୍ଷା ଦେବା ପାଇଁ ଧାନ ଜମିରେ ହାତୀଙ୍କୁ ଘଉଡାଇବା ବେଳେ ଦନ୍ତାହାତୀ ଆକ୍ରମଣରେ ବାଘମୁଣ୍ଡା ସାହି ନିକଟରେ ଯୁବକଙ୍କ ମୃତ୍ୟୁ ହୋଇଛି। ଯୁବକଙ୍କୁ ଉଦ୍ଧାର କରି ସ୍ଥାନୀୟ ଲୋକେ ତେଲକୋଇ ଚିକିତ୍ସାଳୟକୁ ନେଇଥିଲେ। କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତାଙ୍କୁ ସରକାରୀ ନିୟମ ଅନୁଯାୟୀ ଅନୁକମ୍ପାମୂଳକ ସହାୟତା ପ୍ରଦାନ ପାଇଁ ଗ୍ରାମବାସୀ ଦାବୀ କରିଛନ୍ତି।

# ଜିଲ୍ଲାସ୍ତରୀୟ ମାଣ୍ଡିଆ କ୍ରୟ କମିଟି ବୈଠକ

ନୂଆପଡ଼ା,୦୩/୧୨ (ନି.ପ୍ର): ନୂଆପଡ଼ା ଜିଲ୍ଲାପାଳ ମଧୁସୂଦନ ଦାସଙ୍କ ଅଧକ୍ଷତାରେ ଜିଲ୍ଲାସ୍ତରୀୟ ମାଣ୍ଡିଆ କ୍ରୟ କମିଟି ବୈଠକ ଆଜି ଅନୁଷ୍ଠିତ ହୋଇଥିଲା। ଉକ୍ତ ବୈଠକରେ ସାଂସଦ (କଳାହାଣ୍ଡି)ଙ୍କ ପ୍ରତିନିଧି, ବିଧାୟକ(ନୂଆପଡ଼ା)ଙ୍କ ପ୍ରତିନିଧି, ଜିଲ୍ଲା ଆରକ୍ଷୀ ଅଧିକାରୀ, ଉପ-ଜିଲ୍ଲାପାଳ, ଉପ-ନିବନ୍ଧକ ସମବାୟ ସମିତି, ଆର୍. ଏମ. ସି. ସମ୍ପାଦକ, ଜିଲ୍ଲା ପରିଚାଳକ ଟି.ଡି.ସି.ସି.ଓ. ଏଲ୍, କୃଷି ବିଭାଗର ସମସ୍ତ ଅଧିକାରୀ ଏବଂ ଅନ୍ୟାନ୍ୟ ସଦସ୍ୟ ଉକ୍ତ ବୈଠକରେ ଯୋଗ ଦେଇଥିଲେ। ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ପ୍ରଦୀପ କୁମାର ନାୟକ, କାର୍ଯ୍ୟସୂଚୀ ଅନୁଯାୟୀ ତଥ୍ୟ ଉପସ୍ଥାପନ କରିଥିଲେ। ଆସନ୍ତା ୩ ଜାନୁଆରୀ ୨୦୨୬ ତାରିଖରୁ ନୂଆପଡ଼ା ଜିଲ୍ଲା ର ୩୦ ଗୋଟି ମଣ୍ଡି ମାଧ୍ୟମରେ କେନ୍ଦ୍ର ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ କ୍ୱିଂଟାଲ ପିଛା ୪୮୮୬ ଟଙ୍କା ପ୍ରତି କ୍ୱିଣ୍ଟାଲ ହିସାବରେ ନୂଆପଡ଼ା ଜିଲ୍ଲାରୁ ୧୭୭୦୪ କ୍ୱିଣ୍ଟାଲ ମାଣ୍ଡିଆ କ୍ରୟ କରାଯିବ ବୋଲି ନିଷ୍ପତି ନିଆଗଲା।

# ସେଲ୍ ଆରଏସପିର ଇସ୍ପାତ ଜେନେରାଲ୍ ହସ୍ପିଟାଲ୍ ଦ୍ୱାରା ଉଚ୍ଚ ବିପଦପୂର୍ଣ୍ଣ ଅସ୍ତ୍ରୋପଚାରେ ଉତ୍କର୍ଷତା ଲାଭ



ରାଉରକେଲା,୦୩/୧୨ (ନି.ପ୍ର): ସେଲ୍, ଆର ଏସ ପି ର ଇସ୍ପାତ ଜେନେରାଲ୍ ହସ୍ପିଟାଲ୍, ପୁଣି ଥରେ ଜଣେ ପୂର୍ବତନ କର୍ମଚାରୀଙ୍କ ୯୧ ବର୍ଷୀୟା ପତ୍ନୀଙ୍କର ସଫଳତାପୂର୍ବକ ଚିକିତ୍ସା କରି ନିଜର ଅସାଧାରଣ ଚିକିତ୍ସା କ୍ଷମତା ପୁଣି ଥରେ ପ୍ରଦର୍ଶନ କରିଛି, ଯାହା ପ୍ରମାଣ କରିଛି ଯେ ବୟସ ଅସ୍ତ୍ରୋପଚାର ପାଇଁ କୌଣସି ପ୍ରତିବନ୍ଧକ ନୁହେଁ। ରୋଗୀ ଜନକଙ୍କୁ ଏକ ଗୁରୁତର ଅବସ୍ଥାରେ ଆଇ ଜି ଏଚ ରେ ଭର୍ତ୍ତି କରାଯାଇଥିଲା, ସେ ମସ୍ତିଷ୍କ ରକ୍ତସ୍ରାବ, ଗୁରୁତର ସ୍ୱାସ୍ଥ୍ୟାବସ୍ଥା ତଥା କଥା କହିବା ଏବଂ ଖାଇବାରେ ଅସମର୍ଥତା ପୂର୍ବକ ଡାହାଣ ପାର୍ଶ୍ୱ ହେମିପାରେସିସ୍‌ରେ ପୀଡିତ ଥିଲେ।

ସମ୍ପୂର୍ଣ୍ଣ ଡାକ୍ତରୀ ଯାଞ୍ଚ ପରେ ତାଙ୍କ ସମ୍ପର୍କୀୟଙ୍କ ସମ୍ମତିକ୍ରମେ, ଡାକ୍ତରୀ ଦଳ ଜୀବନ ରକ୍ଷାକାରୀ ଅସ୍ତ୍ରୋପଚାର କରିବାକୁ ନିଷ୍ପତ୍ତି ନେଇଥିଲେ। ରୋଗୀଙ୍କର ଏକ ମିନି-କ୍ରାନିଓଟୋମି ପରୀକ୍ଷା କରାଯାଇଥିଲା ଏବଂ ପରେ ହେମାଟୋମାକୁ ଖାଲି କରାଯାଇଥିଲା, ଯାହା ବରିଷ୍ଠ ପରାମର୍ଶଦାତା ତଥା ନ୍ୟୁରୋସର୍ଜନ୍ ଡାକ୍ତର ମନୋଜ କୁମାର ଦେଓ, କରିଥିଲେ। ଏହି ଅସ୍ତ୍ରୋପଚାରକୁ ଅତିରିକ୍ତ ସି ଏମ ଓ (ଆନାସ୍ଥେସିଆ) ଡକ୍ଟର ସଞ୍ଜୁକ୍ତା ପାଣିଗ୍ରାହି ସହଯୋଗ କରିବା ସହିତ ବ୍ରଦର କମଳାକର ଏବଂ ସିଷ୍ଟର ଅର୍ଚ୍ଚନାଙ୍କ ଆନ୍ତଃଅପରେଟିଭ୍ ସହାୟତା ପ୍ରଦାନ କରିଥିଲେ।

ଏହି ସମସ୍ତ ପ୍ରକ୍ରିୟା ପରେ, ରୋଗୀଙ୍କୁ ଆଇ ସି ୟୁ କୁ ସ୍ଥାନାନ୍ତରିତ କରାଯାଇଥିଲା, ଯେଉଁଠାରେ ତାଙ୍କୁ ବୈକଳ୍ପିକ ଭାବେ ଭେଣ୍ଟିଲେଟରରେ ରଖାଯାଇଥିଲା ଏବଂ ସମୟାନୁଯାୟୀ ଅତି ସତର୍କତାର ସହ ଭେଣ୍ଟିଲେଟରରୁ ବାହାର କରାଯାଇଥିଲା। ସେ ପ୍ରାୟ ଗୋଟିଏ ମାସ ପର୍ଯ୍ୟନ୍ତ ଯତ୍ନ ସହକାରେ ପୋଷ୍ଟ-ଅପରେଟିଭ୍ କେୟାର ରେ ରହିଥିଲେ ଏବଂ ପରେ ତାଙ୍କର ସ୍ୱାସ୍ଥ୍ୟାବସ୍ଥାରେ ଧୀରେ ଧୀରେ ସୁଧାର ଆସିଥିଲା । ସେ ଚେତା ଫେରି ପାଇବା ସହିତ, ଶବ୍ଦ ଏବଂ ଅସମ୍ପୂର୍ଣ୍ଣ ବାକ୍ୟ କହିବା ଆରମ୍ଭ କଲେ ପରେ ପରେ ଅଳ୍ପ ଅଳ୍ପ ଖାଇବା ପୁନଃ ଆରମ୍ଭ କଲେ। ଏଥିରେ ସିଷ୍ଟର ସାଇନି ଜର୍ଜ ଏବଂ ଅନ୍ୟ ସହାୟକ କର୍ମଚାରୀଙ୍କ ଦ୍ୱାରା ଯତ୍ନ ଯୋଗାଇ ଦିଆଯାଇ ଥିବା ବେଳେ ପରବର୍ତ୍ତୀ ୱାର୍ଡ ଯତ୍ନ ସିଷ୍ଟର ପଦ୍ମାବତୀ, ସିଷ୍ଟର ଜାନକୀ, ସିଷ୍ଟର ରୀମା ଏବଂ ସେମାନଙ୍କ ଦଳ ଦ୍ୱାରା ନିଆ ଯାଇଥିଲା। ରୋଗୀଙ୍କ ସ୍ୱାସ୍ଥ୍ୟ ରେ ଉନ୍ନତି ଆସିବା ଜାରି ରହିଛି । ଏହା ଆଇ ଜି ଏଚ ର ସମନ୍ୱିତ ବହୁବିଧ ଚିକିତ୍ସା ଯତ୍ନର ପ୍ରଭାବଶାଳୀତା ପ୍ରଦର୍ଶନ କରୁଛି।

ଏହି ମାମଲାର ସଫଳ ପରିଚାଳନା ସେଲ-ଆରଏସପି ର ସମସ୍ତ ଙ୍କ ପାଇଁ ଉନ୍ନତ, ରୋଗୀ-କେନ୍ଦ୍ରିକ ଏବଂ ନିର୍ଭରଯୋଗ୍ୟ ସ୍ୱାସ୍ଥ୍ୟସେବା ମାନଦଣ୍ଡ ବଜାୟ ରଖିବା ପାଇଁ ସ୍ଥାୟୀ ପ୍ରତିବଦ୍ଧତାକୁ ପ୍ରତିଫଳିତ କରି ଉଚ୍ଚ-ବିପଦପୂର୍ଣ୍ଣ ଜେରିଆଟ୍ରିକ୍ ଅସ୍ତ୍ରୋପଚାରରେ ଉତ୍କର୍ଷତା ପାଇଁ ଆଇ ଜିଏ ଚ ତାର ଖ୍ୟାତିକୁ ଆହୁରି ସୁଦୃଢ଼ କରିଛି ।

# ପାରାଦୀପ ବନ୍ଦର ପକ୍ଷରୁ ଆନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ ପାଳିତ




ପାରାଦୀପ,୦୩/୧୨ (ନି.ପ୍ର): ପାରାଦୀପ ବନ୍ଦର ପକ୍ଷରୁ ନୂଆବଜାରସ୍ଥିତ ସ୍ୱତନ୍ତ୍ର ଶିକ୍ଷାନୁଷ୍ଠାନ ଜାଗୃତି ପରିସରରେ ଆନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ଆୟୋଜିତ ସମାରୋହରେ ମୁଖ୍ୟଅତିଥି ଭାବେ ବନ୍ଦର ଉପସଂରକ୍ଷକ କ୍ୟାପଟେନ୍ ଏ.ସି.ସାହୁ ଯୋଗ ଦେଇ ଏହି ସ୍ୱତନ୍ତ୍ର ଶିକ୍ଷାର୍ଥୀମାନଙ୍କୁ ସହଯୋଗର ହାତ ବଢ଼ାଇଲେ ସେମାନଙ୍କର ସାମଗ୍ରୀକ ବିକାଶ ହୋଇ ପାରିବ ବୋଲି ମତବ୍ୟକ୍ତ କରିଥିଲେ । ସମ୍ମାନୀତ ଅତିଥି ଭାବେ ବନ୍ଦର ସିଏମଇ ସୁଶୀଲ କୁମାର ନାହାକ, ପାରାଦୀପ ଲେଡିଜ୍ କ୍ଲବ୍ ସମ୍ପାଦିକା ପୁଷ୍ପାଂଜଳୀ ସାହୁ, କୋଷାଧକ୍ଷା ଗେମିମା ଏଡିସନ୍, କାର୍ଯ୍ୟକାରୀ ସଭାନେତ୍ରୀ କବିତା ନାହାକ, ସଦସ୍ୟା ସବିତା ସାହୁ, ଜାଗୃତିର ଅଧକ୍ଷା ନଳିନୀ ମହାନ୍ତି ମଂଚାସୀନ ହୋଇଥିଲେ । । ବନ୍ଦର ଉପମୁଖ୍ୟ ଅର୍ଥ ପରାମର୍ଶଦାତା ପ୍ରଶାନ୍ତ କୁମାର ମହାରଣା ଏହି ଦିବସ ପାଳନର ତାତ୍ପର୍ଯ୍ୟ ସମ୍ପର୍କରେ ମତବ୍ୟକ୍ତ କରିଥିଲେ । ଏହି ଅବସରରେ ବନ୍ଦରରେ କାର୍ଯ୍ୟରତ ୫୧ଜଣ ଦିବ୍ୟାଙ୍ଗ କର୍ମଚାରୀମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏଥି ସହିତ ଜାଗୃତି ଅନୁଷ୍ଠାନର ଛାତ୍ରଛାତ୍ରୀମାନଙ୍କୁ ପଠନ ସାମଗ୍ରୀ ବନ କରାଯିବା ସହିତ ଜାଗୃତି କର୍ମଚାରୀମାନଙ୍କୁ ପୁରସ୍କୃତ କରାଯାଇଥିଲା । ଶେଷରେ ସ୍ୱତନ୍ତ୍ର ଶିକ୍ଷାନୁଷ୍ଠାନ ଜାଗୃତି ଛାତ୍ରଛାତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । ବନ୍ଦର କଲ୍ୟାଣ ଅଧିକାରୀ ରାମ ଚନ୍ଦ୍ର ପ୍ରଧାନ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଜାଗୃତି କୋଷାଧକ୍ଷା ସୀମାଶ୍ରୀ ବେଉରା ଧନ୍ୟବାଦ ଅର୍ପଣ କରିଥିଲେ । ପାରାଦୀପ ବନ୍ଦର ଦିବ୍ୟାଙ୍ଗଙ୍କ କଲ୍ୟାଣ ନିମନ୍ତେ ବହୁବିଧ କାର୍ଯ୍ୟ ଜାରୀ ରଖିଥିବା ନେଇ ସୂଚନା ମିଳିଛି।

# ଦଶଦିନ ଧରି ଶିକୁଳିରେ ବାନ୍ଧି ୪ର୍ଥଶ୍ରେଣୀ ଛାତ୍ରଙ୍କୁ ନିର୍ଯ୍ୟାତନା: ଭିଡିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ



ନୀଳଗିରି ,୦୩/୧୨ (ନି.ପ୍ର): ଆଦିବାସୀ ଜନଜାତି ଓ ଜାତି ତଥା ପଛୁଆବର୍ଗର ପିଲାମାନଙ୍କୁ ସରକାରଙ୍କ ତରଫରୁ ରହିବା, ଖାଇବା ଏବଂ ମାଗଣାରେ ପାଠପଢ଼ାଇ ମୁଖ୍ୟସ୍ରୋତରେ ସାମିଲ କରିବାକୁ ବିଭିନ୍ନ ଆଶ୍ରମ, ସେବାଶ୍ରମ ଏବଂ ଅନ୍ୟାନ୍ୟ ଦେୟମୁକ୍ତ ବିଦ୍ୟାଳୟ ପ୍ରତିଷ୍ଠାକରି ଛାତ୍ରଛାତ୍ରୀ ମାନଙ୍କୁ ଅଧୟନପାଇଁ ପ୍ରୋତ୍ସାହନ ଯୋଗାଇଦେଉଥିବା ବେଳେ ନୀଳଗିରି ବ୍ଲକରେ ଜଣେ ଆଦିବାସୀଛାତ୍ରକୁ ଲୁହା ଶିକୁଳିରେ ବାନ୍ଧିରଖିବା ଭଳି ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ସୂଚନା ଅନୁଯାୟୀ ନୀଳଗିରି ବ୍ଲକ୍ ବେଗୁନିଆ ପଞ୍ଚାୟତ ବେଗୁନିଆ ୟୁଜିୟୁପି ବିଦ୍ୟାଳୟରେ ୪୦ସିଟ ଥାଇ ଏକ ହଷ୍ଟେଲରେ ଆଖପାଖ ଅଂଚଳର ପିଲା ପାଠପଢନ୍ତି। ଉକ୍ତ ହଷ୍ଟେଲରେ ନିକଟବର୍ତ୍ତୀ କମ୍ପାରଖଲିଆ ଗ୍ରାମର ମଳୟ ସିଂ ନାମକ ଚତୁର୍ଥଶ୍ରେଣୀର ଛାତ୍ର ଏକ ଲୁହା ଜଞ୍ଜିରରେ ବନ୍ଧାହୋଇଥିବା ଭିଡିଓ ଭାଇରଲ ହେବାପରେ ସ୍ଥାନୀୟ ସାଂସଦଙ୍କ ବ୍ୟକ୍ତିଗତ ସହାୟକ ଚନ୍ଦ୍ରବିନ୍ଦୁ ଦାସ ଉକ୍ତ ଘଟଣା ଜାଣି ବାଲେଶ୍ୱର ଜିଲ୍ଲାପାଳ, ଜିଲ୍ଲାମଙ୍ଗଳ ଅଧିକାରୀ ଏବଂ ନୀଳଗିରି ଉପଜିଲ୍ଲାପାଳଙ୍କୁ ଅବଗତକରି ଏଭଳି ନିନ୍ଦନୀୟ, ଜଘନ୍ୟ କାଣ୍ଡପାଇଁ ତଦନ୍ତ କରି ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବୀ କରିଛନ୍ତି। ତେବେ ଛାତ୍ରଜଣକ ବାରମ୍ୱାର ହଷ୍ଟେଲରୁ ଲୁଚି ଘରକୁ ପଳାଇ ଯାଉଥିବାରୁ ତାକୁ ବାନ୍ଧି ଦେଇଥିବା ହଷ୍ଟେଲ ଭାଇ ସମ୍ବୋଧନ କରୁଥିବା ବାଳକ ଜଣକ ଭିଡିଓରେ କହୁଥିବା ଜଣାଯାଇଛି। ତେବେ ରାଜ୍ୟସରକାର ବିଦ୍ୟାଳୟଗୁଡ଼ିକୁ ଦଣ୍ଡମୁକ୍ତ ଘୋଷଣା କରିଥିବା ବେଳେ ଦୀର୍ଘ ୧୦ଦିନ ଧରି ଛାତ୍ରଜଣକୁ ବେଡିପକାଇ ରଖିବା ମାନବୀୟ ଉଲଂଘନ ବୋଲି ବୁଦ୍ଧିଜୀବୀମାନେ କହୁଥିବାବେଳେ ଛାତ୍ରର ବାପା ପିଲାର ଏପରି ଦୁଷ୍ଟାମୀପାଇଁ ବାନ୍ଧି ରଖିବାକୁ କହିଥିବା ହଷ୍ଟେଲ ଚାର୍ଜରେ ଥିବା ଶିକ୍ଷକ କହୁଥିବା ଦେଖିବାକୁ ମିଳିଛି। ତେବେ ନୀଳଗିରି ମଙ୍ଗଳସମ୍ପ୍ରସାରଣ ଅଧିକାରୀ ଶୈଳେନ୍ଦ୍ର ଶତପଥୀ ଘଟଣାବିଷୟରେ ଅବଗତ ଥିବା କହିଥିବା ବେଳେ ଆଜି ଘଟଣାର ପୁଙ୍ଖାନୁପୁଙ୍ଖ ତଦନ୍ତ କରାଯାଇ ଦୋଷୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବବୋଲି ସୂଚନା ଦେଇଛନ୍ତି।

# ଆମ୍ବଗୁଡା ଗ୍ରାମ ଓ ହାଣ୍ଡିଆ ପଂଚାୟତକୁ ଯୋଡିଥିବା ପୋଲ : ଆପ୍ରୋଚ ରାସ୍ତା ନଥିବାରୁ ଦୁର୍ଦ୍ଦଶା ଭୋଗୁଛନ୍ତି ଗ୍ରାମବାସୀ

ଜୟପୁର,୦୩/୧୨ (ନି.ପ୍ର): କୋରାପୁଟ ଜିଲ୍ଲା ଜୟପୁର ବ୍ଲକ ଅଧୀନ ଆମ୍ବାଗୁଡା ପଂଚାୟତର ଆମ୍ବଗୁଡା ଗ୍ରାମ ଓ ହାଡିଆ ପଂଚାୟତ ମଧ୍ୟରେ ଯାତାୟତର ସୁବିଧା ସକାଶେ ସରକାର ଏକ ପୋଲ ଓ ରାସ୍ତା ସକାଶେ ଟେଣ୍ଡର ଆହ୍ୱାନ କରିଥିଲେ । ଏହାକୁ ଏକ ଏନ ବି ସିସି ସଂସ୍ଥା ପାଇଥିଲା କିନ୍ତୁ ବିଡମ୍ବନାର ବିଷୟ ଉକ୍ତ ସଂସ୍ଥା ପୋଲ ନିର୍ମାଣ କଲା କିନ୍ତୁ ରାସ୍ତା କରିବାକୁ ଭୁଲିଗଲା । ଏହି ବ୍ରିଜ ହେବାଦ୍ୱାରା ଦୁଇ ପଂଚାୟତର ଲୋକମାନେ ସହଜ ଯାତାୟାତ କରିପାରିବେ ବୋଲି ଆଶା କରାଯାଉଥିଲା । ବ୍ରିଜଟି ତିଆରି ହୋଇଗଲା କିନ୍ତୁ, ଏହାର ଆପ୍ରୋଚ ରାସ୍ତା ନିର୍ମାଣ କରିନାହାନ୍ତି ଉକ୍ତ ନିର୍ମାଣ ସଂସ୍ଥା । ଏହା ଫଳରେ ଗ୍ରାମବାସୀମାନେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଥିବା ଗ୍ରାମବାସୀ ପ୍ରଭୁ ଦାଶ ହରିଜନ ଓ ବାବୁଲା ପଟ୍ଟନାୟକ ଅଭିଯୋଗ କରିଛନ୍ତି । ଏହି ଗ୍ରାମରେ ପ୍ରାୟ ୨୦୦ ପରିବାର ବସବାସ କରନ୍ତି, ପାଖାପାଖି ୫୦୦ ଲୋକଙ୍କୁ ନେଇ ଏହି ଗ୍ରାମ। ୨୦ରୁ ୩୦ପିଲା ପ୍ରତିଦିନ ଏହି ବ୍ରିଜ ଦେଇ ପାଖ ପଂଚାୟତ ହାଡ଼ିଆ ସ୍କୁଲ ଯାନ୍ତି ପାଠ ପଢିବା ସକାଶେ। ଗ୍ରାମର ଅଧିକାଂସ ଚାଷି, କୁଲି ମଜୁରିଆ, ଅଧିକାଂଶ ସମୟରେ ମେଡିକାଲ ଯିବାକୁ ଏହି ବିପଦପୂର୍ଣ୍ଣ ପୋଲ ହିଁ ସାହା ଭରଷା। ପୋଲ ତିଆରି ହୋଇଥିଲେ ମଧ, ରାସ୍ତା ନଥିବାରୁ ଲୋକମାନେ ପୋଲକୁ ବ୍ୟବହାର କରିପାରୁନାହାନ୍ତି । ବର୍ଷା ଦିନରେ କାଦୁଅ, ପାଣି ଜମା ଓ ଖରାପ ଭୂମିଭାଗ ଯୋଗୁଁ ଲୋକମାନେ ବ୍ରିଜ ଉପରକୁ ଯାଇପାରୁନାହାନ୍ତି । ବିଶେଷତଃ ରୋଗୀ, ବୃଦ୍ଧ, ଶିଶୁ ଓ ଛାତ୍ରଛାତ୍ରୀମାନେ ବହୁତ ଅସୁବିଧାରେ ପଡୁଛନ୍ତି ।

ଗ୍ରାମବାସୀମାନେ କହୁଛନ୍ତି, ଯଦି ପୋଲର ଆପ୍ରୋଚ ରାସ୍ତା ନିର୍ମାଣ ହୋଇଯାଏ, ତେବେ ଆମ୍ବଗୁଡାରୁ ହାଣ୍ଡିଆ ପର୍ଯ୍ୟନ୍ତର ଦୂରତା ବହୁତ କମିଯିବ । ବର୍ତ୍ତମାନ ଲୋକମାନେ ଅନ୍ୟ ରାସ୍ତା ଦେଇ ୭-୮ କି.ମି. ରାସ୍ତା ବୁଲିକରି ଯିବାକୁ ବାଧ ହେଉଛନ୍ତି । କିନ୍ତୁ ବ୍ରିଜର ରାସ୍ତା ଯଦି ସମ୍ପୂର୍ଣ୍ଣ ହୋଇଯାଏ, ତେବେ ମାତ୍ର ୨-୩ କି.ମି. ପଡ଼ିବ ହାଡିଆ ଗ୍ରାମକୁ ବୋଲି ଗ୍ରାମବାସୀ ଦାବି କରିଛନ୍ତି । ଆମ୍ବଗୁଡା ଓ ହାଣ୍ଡିଆ ପଂଚାୟତକୁ ସଂଯୋଗ କରୁଥିବା ପୋଲ ଯଦି ସମ୍ପୂର୍ଣ୍ଣ ଭାବେ ଚାଲୁ ହୋଇଯାଏ, ତେବେ ସେଥିରେ ଲୋକମାନଙ୍କ ଜୀବନରେ ବଡ ପରିବର୍ତ୍ତନ ଆସିପାରେ । ଏହିପରି ସ୍ଥିତିରେ ସରକାର ଓ ପ୍ରଶାସନ ଗ୍ରାମବାସୀଙ୍କ ସମସ୍ୟାକୁ ଗୁରୁତ୍ୱ ଦେଇ, ଶୀଘ୍ର ଆପ୍ରୋଚ ରାସ୍ତା ନିର୍ମାଣ କାମ ଆରମ୍ଭ କରିବା ଆବଶ୍ୟକ ରହିଛି। ଏହି ରାସ୍ତା ତିଆରି ହେଲେ ବଜାର, ସ୍କୁଲ, ହସପିଟାଲ ଓ କାର୍ଯ୍ୟାଳୟ ପହଂଚିବାରେ ଗ୍ରାମବାସୀମାନଙ୍କୁ ସହଜ ହେବ । କୃଷକମାନେ ମଧ ତାଙ୍କ ଚାଷ ଉତ୍ପାଦନକୁ ବଜାରକୁ ଏହି ରାସ୍ତାରେ ନେଇଯାଇ ବିକ୍ରି କରିପାରିବେ । ଏହା ଫଳରେ ଅର୍ଥନୈତିକ ଲାଭ ହେବା ସହିତ ଗ୍ରାମର ସମଗ୍ରିକ ବିକାଶ ଘଟିପାରିବ । ଏ ନେଇ ସମ୍ପୃକ୍ତ ସଂସ୍ଥା ସହ ଯୋଗାଯୋଗ କରାଯାଇଥିଲା ସେମାନେ ପ୍ରକାଶ କରିଥିଲେ ଯେ, ଜମି ମାଲିକ ସେତେବେଳେ ତାଙ୍କ ଜମିରେ ରାସ୍ତା କରିବାକୁ ମନା କରିଥିଲେ କିନ୍ତୁ ଜମି ମାଲିକଙ୍କ ସହ ଆଲୋଚନା କରିବାରୁ ଏବେ ରାସ୍ତା କାମ କରିବାକୁ ସହମତି ପ୍ରକାଶ କରିଛନ୍ତି ୪/୫ ମାସ ମଧ୍ୟରେ ଆପ୍ରୋଚ ରାସ୍ତା କାମ କରିବାକୁ ପ୍ରକାଶ କରିଛନ୍ତି । ଗ୍ରାମ୍ୟ ଉନ୍ନୟନ ବିଭାଗ, ଜୟପୁର ନିର୍ବାହୀ ଯନ୍ତ୍ରୀ ଦେବାଶିଷ ମଣ୍ଡଳ କହିଛନ୍ତି ତୁରନ୍ତ କାମ ଶେଷ କରିବାକୁ ଏନବିସିସି ସଂସ୍ଥାକୁ ଚିଠି କରାଯାଇଛି।

# ସମସ୍ୟା ସୃଷ୍ଟି କରୁଛି ବାଲି ମାଟି ବୋଝେଇ ଟ୍ରାକ୍ଟର, ହାଇୱା

ମୁଖୀଗୁଡା ,୦୩/୧୨ (ନି.ପ୍ର): କଳାହାଣ୍ଡି ଜିଲ୍ଲା ଜୟପାଟଣା-ଖଇରମାଲ ରାସ୍ତାରେ ବହୁ ସଂଖ୍ୟାରେ ବେଆଇନ ଭାବେ ମାଟି, ବାଲି, ମେଟାଲ ବୋଝେଇ ଟ୍ରାକ୍ଟର,ହାଇୱା। ଚଳାଚଳ କରୁଛି । ଗାଡିଗୁଡିକ ଖୋଲା ଭାବରେ ବୋଝେଇ ହେଉଥିବାରୁ ମାଟି, ବାଲି ଉଡି ଲୋକଙ୍କ ପାଇଁ ସମସ୍ୟା ସୃଷ୍ଟି ହେଉଛି । କେତେକ ଚାଳକ ବେପରୁଆ ଭାବେ ଚଳାଉଥିବାରୁ ଲୋକଙ୍କ ଧନ ଜୀବନ ପ୍ରତି ବିପଦ ସୃଷ୍ଟି କରୁଛି । ଅନେକ ଗାଡ଼ିର କାଗଜପତ୍ର ଠିକ ନଥିବା ସତ୍ୱେ ବେଧଡକ ଭାବେ ବାଲି, ମେଟାଲ ବୋଝେଇ କରି ଲୋକଙ୍କ ପାଇଁ ସମସ୍ୟା ସୃଷ୍ଟି କରୁଥିବାରୁ ଖାଇରମାଲ ଗ୍ରାମବାସୀ ଜୟପାଟଣା ତହସିଲଦାରଏବଂ ଥାନା ଅଧିକାରୀ ପଦକ୍ଷେପ ନେବାକୁ ଦାବି କରିଛନ୍ତି । ସେହିପରି, କୋଟ ପାଡି, ଖାଇରମାଲ , ଚିର୍କା, କାଦେକ୍ଷପଦର ବାଲିଘାଟରୁ ବେଆଇନ ଭାବେ ବାଲିଚୋରା ଚାଲାଣ ହେଉଥିବାରୁ ସରକାରଙ୍କ ରାଜସ୍ୱ ହାନି ହେଉଛି । ଏହି ଚୋରା ଚାଲାଣ ରୋକିବା ପାଇଁ ପ୍ରଶାସନ ତରଫରୁ ପଦକ୍ଷେପ ନେବାକୁ ଦାବି ହେଉଛି ।

# ସମ୍ବଲପୁର ଅଟୋ ଚାଳକ ମହାସଂଘର ବିଶାଳ ବିକ୍ଷୋଭ ସମାବେଶ

ସମ୍ବଲପୁର,୦୩/୧୨ (ନି.ପ୍ର): ସମ୍ବଲପୁର ଅଟୋ ଚାଳକ ମହାସଂଘ ପକ୍ଷରୁ ଆଜି ଏକ ବିକ୍ଷୋଭ ସମାବେଶ ଅନୁଷ୍ଠିତ ହୋଇଯାଇଛି । ମହାସଂଘର ଉପଦେଷ୍ଟା ସଂଜିତ ମହାନ୍ତିଙ୍କ ନେତୃତ୍ୱରେ ଏକ ହଜାରରୁ ଉର୍ଦ୍ଧ୍ୱ ଅଟୋ ଶୋଭା ଯାତ୍ରାରେ ବାହାରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଠାରେ ପହଞ୍ଚି ବିକ୍ଷୋଭ ସମାବେଶରେ ସାମିଲ ହୋଇଥିଲେ । ଏହି ସଭାରେ ସମ୍ବଲପୁରରେ ଥିବା ୫ ହଜାର ଅଟୋ ଚାଳକଙ୍କ ଜୀବନ ଜୀବିକା ଓ ତାଙ୍କ ପରିବାରର ୨୦ ହଜାର ସଦସ୍ୟଙ୍କ ସୁରକ୍ଷା ପାଇଁ ସରକାର ଓ ଜିଲ୍ଲା ପ୍ରଶାସନ ପଦକ୍ଷେପ ନିଅନ୍ତୁ ବୋଲି ଉପଦେଷ୍ଟା ସଂଜିତ ମହାନ୍ତି ଦାବି କରିଥିଲେ। ଏଚଏମଏସ ରାଜ୍ୟ କାର୍ଯ୍ୟକାରୀ ସଭାପତି ବିଜୟ କୁମାର ମହାନ୍ତି ମହସଂଘର ସଂଗଠନକୁ ଶକ୍ତିଶାଳୀ କରିବା ପାଇଁ ଆହ୍ୱାନ ଜଣାଇଥିଲେ । ବିକ୍ଷୋଭ ସମାବେଶ ରେ ବିଭିନ୍ନ ଦାବି ମଧ୍ୟରେ ଅଟୋ ଚାଳକ ମାନଙ୍କୁ ପରିଚୟ ପତ୍ର ପ୍ରଦାନ, ସାମାଜିକ ସୁରକ୍ଷା ଯୋଜନା ଭିତରେ ଅନ୍ତର୍ଭୁକ୍ତ କରିବା, ଚିକିତ୍ସା ସହାୟତା, ମୃତ୍ୟୁକାଳୀନ ଆର୍ଥିକ ସହାୟତା ପ୍ରଦାନ, ଭତ୍ତା ପ୍ରଦାନ ଆଦି ଦାବୀ ସମେତ ସମ୍ବଲପୁର ରେ ଥିବା ଅଟୋ ଷ୍ଟାଣ୍ଡ ର ଚିହ୍ନଟ ଜମି ପ୍ରଦାନ, ସରକାରୀ ଅନୁମୋଦନ ସହ ସହରର ବିଭିନ୍ନ ସ୍ଥାନରେ ଅଟୋ ଷ୍ଟାଣ୍ଡ ନିର୍ମାଣ, ଅଟୋଷ୍ଟାଣ୍ଡରେ ଚାଳକ ଓ ଯାତ୍ରୀ ମାନଙ୍କ ପାଇଁ ଆନୁସଙ୍ଗିକ ବ୍ୟବସ୍ଥା ପାଇଁ ଦାବୀ କରାଯାଇଛି। ଆଜିର ବୈଠକରେ ଏଚଏମ୍ଏସ ର ଗୋକୁଳ ମେହେର, ମହମ୍ମଦ ମୂର୍ତ୍ତୁଯା, ଏଆଇଟିୟୁସି ନେତା ରବୀନ୍ଦ୍ର ମହାନ୍ତି, ଭିଏସଏସ ସଂଘର ସମ୍ପାଦକ ପ୍ରେମାନନ୍ଦ ମିଶ୍ର,ସୌରୀ ପାଣିଗ୍ରାହୀ,ମିଳନ ହତା, ପ୍ରଧାନ, ସଞ୍ଜୀବ ସାହୁ ପ୍ରମୁଖ ୧୧ ଦଫା ଦାବିପତ୍ର ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲ୍ଲାପାଳ ଅଶୋକ କୁମାର ଭୋଇଙ୍କୁ ପ୍ରଦାନ କରିଥିଲେ ।

ଧାରାବାହିକ: ଭାଗ-୨୪

# ସଂକ୍ଷିପ୍ତ ଭାଗବତ କଥାମୃତ

## ୧୦ମ ସ୍କନ୍ଧ, ଗୋପଲୀଳା



ଡ. ଶ୍ରୀହରି ପଣ୍ଡା



ମୁଁ ସତରଥର ରାମକୃଷ୍ଣଙ୍କୁ ଯୁଦ୍ଧରେ ପରାଜିତ କରିଥିଲେ ମଧ ଆଜି ପରାଜୟର ସମ୍ମୁଖିନ ହେବାକୁ ହେଲା । ହୁଏତଃ ଆସନ୍ତା କାଲି ଆମର ଭାଗ୍ୟ ରବି ଉଦୟ ହେଲେ ଆମେ ବିଜୟ ଶ୍ରୀ ମଣ୍ଡିତ ହେବୁ ଏଣୁ ଦୁଃଖ କରନା । ଯୁଦ୍ଧ ଏତେ ପ୍ରବଳ ହେବ ବୋଲି ଆମେ ଭାବି ନଥିଲୁ ସେଥିପାଇଁ ପୂର୍ବ ପ୍ରସ୍ତୁତ ନଥିବା କାରଣରୁ ଆମର ଏ ଦୁର୍ଦ୍ଦଶା ହେଲା । ଏଣୁ ମନରୁ ଦୁଃଖ ଓ ନୈରାଶ୍ୟ ତ୍ୟାଗକରି ଚାଲ ଫେରିଯାଇ ପ୍ରସ୍ତୁତି କରିବା । ଏହାପରେ ଶିଶୁପାଳକୁ ବୁଝାଇ ଜରାସନ୍ଧ ତାକୁ ସାଥିରେ ଧରି ନିଜ ରାଜ୍ୟକୁ ପ୍ରତ୍ୟାବର୍ତ୍ତନ କଲା ଉତ୍ତାରୁ ରାଜକୁମର ରୁକ୍ମ ଏହି ଅପ୍ରତ୍ୟାଶିତ ଅପମାନକୁ ସହ୍ୟ କରିନପାରି ନିଜ ଭଉଣୀକୁ ଫେରାଇ ଆଣିବାକୁ ଶପଥ କରି ଘରୁ ଅଗ୍ରସର ହେଲା । ସେ ଯଦି ଫେରାଇବାକୁ ସମର୍ଥ ନହୁଏ ତାହାଲେ ନିଜ ରାଜ୍ୟକୁ ନଫେରିବାର ଶପଥ କଲା । ସେ ପଶ୍ଚାତଧାବନ କରି ପଥରେ କୃଷ୍ଣଙ୍କୁ ଭେଟି ବହୁ କଟୁ ଭର୍ତ୍ସନା କରି କହିଲା ରେ କୁଳପାଂଶୁଳ, ତୁ କାହିଁ କାଳପକ୍ଷୀ ପରି ଉଡିଆସି ଯଜ୍ଞଚରୁ ରୂପିଣୀ ମୋର ଭଗିନୀକୁ ଅପହରଣ କରି ନେଇ ଯାଉଛୁ, ତୋତେ ନିଶ୍ଚୟ ବଧ କରି ଭଗିନୀ ହରଣର ପ୍ରତିଶୋଧ ନେବି । ଭଗବାନ ଈଶତ ହାସ ପ୍ରକାଶ କରି କହିଲେ, ଆରେ ତୋର ଦୁର୍ଭାଗ୍ୟ ତୋତେ ଏଠାକୁ ନେଇ ଆସିଛି । ନଚେତ ଏଠାକୁ ଅପମାନ କରିବାକୁ ବିଧାତା ତୋତେ କାହିଁ ଆଣିଥାନ୍ତା । ଏହା କହି ସେ ନିଜର ଶାରଙ୍ଗ ଧନୁ ଉଠାଇ ରୁକ୍ମର ଧନୁ, ରଥର ଚାରି ଅଶ୍ୱ, ରଥ ଧ୍ୱଜକୁ ଛେଦି ପକାଇଲେ । ପରେ ରୁକ୍ମର ଧନୁ, ପରିଘ, ଶୂଳ ଓ ଶକ୍ତି ଆଦି ଯେତେ ଅସ୍ତ୍ର ଧାରଣ କଲା ସେ ସମସ୍ତକୁ ଶ୍ରୀକୃଷ୍ଣ ଛେଦି ପକାଇଲେ । ଶେଷରେ ରୁକ୍ମଣ ଶ୍ରୀକୃଷ୍ଣଙ୍କୁ ବଧ କରିବା ପାଇଁ କୋଷମୁକ୍ତ ତରବାରୀ ହସ୍ତରେ ଧରି ରଥରୁ ଲମ୍ଫ ପ୍ରଦାନ କରି ଅଗ୍ନିରେ ପତଙ୍ଗ ନିପତନ ବତ ଧାଇଁ ଯାଇ ଶ୍ରୀକୃଷ୍ଣଙ୍କ ରଥରେ ଉଠିଲା । ଶ୍ରୀକୃଷ୍ଣ ସହସା ତା ହସ୍ତରୁ ତରବାରୀ ଛାଡାଇନେଇ ତାର କେଶ ଧରି ବଧ କରିବାକୁ ଉଦ୍ୟତ ହେବାରୁ ରୁକ୍ମିଣୀ ପ୍ରଭୁଙ୍କର ହସ୍ତକୁ ଧରିପକାଇ ନିଜ ଭ୍ରାତାକୁ ପ୍ରାଣଦେବାକୁ ବିନତୀ କଲେ । ଶ୍ରୀକୃଷ୍ଣ ରୁକ୍ମଣକୁ ଆଉ ପ୍ରାଣରେ ନମାରି ନିଜର ଅସ୍ତ୍ର ଦ୍ୱାରା ତାର କେଶକୁ ପାଞ୍ଚଭାଗ କାଟି ବିକୃତ କରିଦେଲେ ଓ ରଜ୍ଜୁ ଦ୍ୱାରା ନିଜ ରଥର ଖୁରାରେ ବାନ୍ଧି ପକାଇଲେ । ରୁକ୍ମଣର ସୈନ୍ୟମାନେ ଅଧିକାଂଶ ବଳରାମ ଦ୍ୱାରା ନିହତ ହେଲେ ଏବଂ କିଛି ରୁକ୍ମଣ ଅବସ୍ଥା ଦେଖି ଭୟରେ ପଳାୟନ କଲେ । ପ୍ରଭୁ ବଳରାମ ନିଜ ରଥ ଉପରେ ଥାଇ ରୁକ୍ମଣର ଏପରି ଅବସ୍ଥା ଦେଖି ଶ୍ରୀକୃଷ୍ଣକୁ କହିଲେ, ରୁକ୍ମଣ ତ ଯେତେ ହେଲେ ଆମର ବନ୍ଧୁ, ଏଣୁ ତା'ପ୍ରତି ଏପରି କଠୋର ବ୍ୟବହାର ଠିକ ନୁହେଁ । ରୁକ୍ମିଣୀକୁ ମଧ ସାନ୍ତ୍ୱନା ଦେଇ କହିଲେ, ହେ ମାତା, ଜ୍ୟେଷ୍ଠଭ୍ରାତାର ଏପରି ଦୁର୍ଦ୍ଦଶା ପାଇଁ ଦୁଃଖ କରନାହିଁ । ନିଜର କର୍ମାନୁସାରେ ବଳୀୟାନ ଦୈବ ହିଁ ସୁଖଦୁଃଖ ପ୍ରଦାନ କରିଥାଏ । ହେ କୃଷ୍ଣ ନିଜର ବନ୍ଧୁ ଯଦି କିଛି ଦୋଷକରେ ସେଥିଲାଗି ତାକୁ ଦଣ୍ଡ ପରିବର୍ତ୍ତେ କ୍ଷମା କରିବବା ଉଚିତ । ସମୟ କ୍ରମେ ସେ ତାର ଦୋଷ ବୁଝି ନିଜେ ଲଜ୍ଜିତ ହେବ । ଅବଶ୍ୟ ଏହା ମଧ ଠିକ ଯେ କ୍ଷତ୍ରିୟ ଧର୍ମପାଳନରେ ବନ୍ଧୁ ବିଚାର ରହିପାରେନାହିଁ । ହେ ଦେବୀ, ଦୁଷ୍ଟ ପ୍ରତି ଦଣ୍ଡ ବିଧାନ ତାର ପରୋକ୍ଷ ମଙ୍ଗଳକାରୀ । ଏହା ଦ୍ୱାରା ତାର ଭ୍ରାନ୍ତି ଦୂର ହୁଏ ଓ ଅହଂଭାବ ନଷ୍ଟ ହୋଇଯାଏ । ଯେଉଁ ବ୍ୟକ୍ତି ବିଷ୍ଣୁମାୟାରେ ଦେହକୁ ଆତ୍ମା ବୋଲି ଜ୍ଞାନକରେ ତାର ମନରେ ଶତ୍ରୁମିତ୍ର ଭେଦାଭାବ ସୃଷ୍ଟି ହୁଏ । ସମସ୍ତ ଦେହଧାରୀଙ୍କର ଆତ୍ମା ଏକ । ଇନ୍ଦ୍ରିୟ ଚାଳିତ ପୃଥକ ପୃଥକ ଦେହ ହିଁ ବିଭିନ୍ନ କର୍ମ କରି କର୍ମଫଳକୁ ନିଜ ନିଜ ଦେହରେ ଭୋଗ କରନ୍ତି । ଉପାଧି ଆକାର ଓ ପ୍ରକାର ଭେଦରେ ଦେହ ଅନେକ । ଯେପରି ବିଭିନ୍ନ ଜଳପାତ୍ରରେ ଆକାର ପ୍ରକାର ଭେଦରେ ତହିଁରେ ପଡିଥିବା ସୂର୍ଯ୍ୟ, ଚନ୍ଦ୍ର ଓ ଆକାଶର ପ୍ରତିବିମ୍ବ ବିଭିନ୍ନ ଆକାର ପ୍ରକାରରର ଦେଖାଯାଏ ସେହିପରି ବିଭିନ୍ନ ଶରୀରରେ ଆତ୍ମା ପୃଥକ ବୋଲି ବାହ୍ୟତ ମନେହୁଏ । ମାତ୍ର ତାହା ଠିକ ନୁହେଁ ଏହି ନଶ୍ୱର ଶରୀର ପଞ୍ଚମାହାଭୂତ, ପଞ୍ଚ ତନ୍ମାତ୍ରା, ପଞ୍ଚପ୍ରାଣ, ଏକାଦଶ ଇନ୍ଦ୍ରିୟ, ମନ, ବୁଦ୍ଧି, ଅହଂକାର ଆଦି ତତ୍ତ୍ୱ ସମ୍ୱଳିତ ତ୍ରିଗୁଣ ବଦ୍ଧ ସ୍ୱରୂପ, ମାତ୍ର ତନ୍ମଦ୍ଧସ୍ଥ ଆତ୍ମା ଅବିନଶ୍ୱର, ଅକ୍ଷୟ, ଅବ୍ୟୟ, ମନୁଷ୍ୟର ଅଜ୍ଞତା ବଶତଃ ମନରେ ଏପରି ଧାରଣା ଜାତ ହୁଏ ଯେ ଶରୀର ବଦ୍ଧ ହୋଇ ଆତ୍ମା ମଧ ଶରୀର ପରି ସୁଖ-ଦୁଃଖ ଭୋଗକରେ ଓ ସଂଯୋଗ, ବିୟୋଗ ବା ଜନ୍ମମରଣ ଚକ୍ରରେ ଘୁରି ବୁଲୁଥାଏ । ଈଶ୍ୱର ଅଂଶୀ ନିର୍ଗୁଣ, ନିରଞ୍ଜନ ଓ ନିର୍ବିକାର ଆତ୍ମାରେ ଏପରି ସୁଖଦୁଃଖ ଭୋଗର ଆରୋପ ଅଜ୍ଞତାର ହିଁ ପରିଚାୟକ । ନେତ୍ର ଓ ରୂପ ଦୁହେଁ ସୂର୍ଯ୍ୟଙ୍କ ଦ୍ୱାରା ପ୍ରକାଶିତ ହୁଅନ୍ତି । ସୂର୍ଯ୍ୟ ଏ ଦୁହିଁକର କାରଣ କିନ୍ତୁ ଯଥାର୍ଥରେ ନେତ୍ର ଓ ରୂପ ସହିତ ସୂର୍ଯ୍ୟଙ୍କର କିଛିମାତ୍ର ସଂଯୋଗ କି ବିୟୋଗ ନାହିଁ । ଏହିପରି ସମଗ୍ର ସଂସାରର ସତ୍ତା ଆତ୍ମ ସତ୍ତାର କାରଣ ବୋଲି ମାତ୍ର ମନେହୁଏ । କାରଣ ଆତ୍ମା ସମସ୍ତ ସଂସାରର ପ୍ରକାଶକ ହେଲେ ମଧ ଅବିନାଶୀ ଆତ୍ମା ସହିତ ଇତର ବିନାଶଶୀଳ ପଦାର୍ଥର ସଂଯୋଗ, ବିୟୋଗ କିପରି ବା ସମ୍ଭବ! ଜନ୍ମଗ୍ରହଣ କରିବା, ବଢିବା, ବଦଳିବା, ମରିବା ଇତ୍ୟାଦି ବିକାର ପ୍ରକ୍ରିୟା ସହିତ ଏକମାତ୍ର ଶରୀର ହିଁ ସମ୍ପୃକ୍ତ ଆତ୍ମା ନୁହେଁ । ଯେପରି ସ୍ଥୁଳ ଦୃଷ୍ଟିରେ ଚନ୍ଦ୍ରକଳା କ୍ରମଶଃ କ୍ଷୟ ହୋଇ ଅମାବାସ୍ୟା ଦିନ ସମ୍ପୂର୍ଣ୍ଣ ଅବଲୁପ୍ତ ହୁଏ ଅଥଚ ଚନ୍ଦ୍ର ପ୍ରକୃତରେ ଅକ୍ଷୟ ଓ ଅପରିବର୍ତ୍ତନୀୟ ଥାଏ ସେହିପରି ନଶ୍ୱର ଶରୀର ଜନ୍ମ ମୃତ୍ୟୁ ଆଦି ବିକାର ଭୋଗକଲେ ମଧ ଅବିନଶ୍ୱର ଆତ୍ମା ଅପରିବର୍ତ୍ତନୀୟ ଥାଏ । ସ୍ୱପ୍ନ ଦର୍ଶନ ବେଳେ ଶରୀର ସୁଖଦୁଃଖ ଭୋଗ କରିବା ଯେପରି ଅଳୀକ ଆତ୍ମା ଓ ଶରୀର ସମ୍ପର୍କ ସେହିପରି ଅଳୀକ ବା ଅସତ୍ୟ । ତେଣୁ ହେ ଦେବୀ, ତୁମେ ଏହି ଆତ୍ମା ଓ ଶରୀର ସମ୍ପର୍କୀୟ ତତ୍ତ୍ୱକୁ ଭଲରୂପେ ବୁଝି ଆମକୁ ଦୋଷ ଦିଅନାହିଁ କି ମନରେ କୌଣସି ଦୁଃଖ କରନାହିଁ । ଏହା କହି ରୁକ୍ମଣକୁ ସେ ସ୍ୱ ହସ୍ତରେ ବନ୍ଧନମୁକ୍ତ କଲେ । ରୁକ୍ମଣ ଘୋର ଲଜ୍ଜା ଓ ଅପମାନରେ ଜର୍ଜରିତ ହୋଇ କୁଣ୍ଡିନ ନଗ୍ରକୁ ନଫେରି ପଥରେ ବନ ମଧରେ ଗୃହ ନିର୍ମାଣ କରି ରହିଲେ । ଦ୍ୱାରକା ପହଞ୍ଚିବାପରେ ପ୍ରଭୁ ଶ୍ରୀକୃଷ୍ଣ ଓ ମାତା ରୁକ୍ମିଣୀଙ୍କର ମହା ସମାରୋହରେ ବିବାହୋତ୍ସବ ପାଳିତ ହେଲା । ଦେବତାମାନେ ଏହି ନବଦମ୍ପତ୍ତିଙ୍କୁ ଆଶୀର୍ବାଦ ସହ ବହୁ ଅମୂଲ୍ୟ ଉପହାରମାନ ପ୍ରଦାନ କଲେ ।

### ୫୫ ଅଧ୍ୟାୟ, (ପ୍ରଦ୍ୟୁମ୍ନଙ୍କ ଜନ୍ମ ଓ ଶମ୍ବରାସୁର ବଧ)

ଶ୍ରୀଶୁକଦେବ କହିଲେ, ରତିପତି କାମଦେବ ଦେବକାର୍ଯ୍ୟ ସାଧନ ନିମିତ୍ତ ଭଗବାନ ଶିବଙ୍କର ତପସ୍ୟା ଭଙ୍ଗ କତି ତାଙ୍କ ତୃତୀୟ ନୟନ-ଅନଳରେ ଭସ୍ମୀଭୂତ ହେବାପରେ ପର ଜନ୍ମରେ ଶ୍ରୀକୃଷ୍ଣ-ରୁକ୍ମିଣୀଙ୍କର ପୁତ୍ର ପ୍ରଦ୍ୟୁମ୍ନ ରୂପେ ଜନ୍ମଲାଭ କଲେ । ପୂର୍ବ ଅଙ୍ଗ ଭସ୍ମ ହୋଇଥିବାରୁ ତାଙ୍କର ଗୋଟାଏ ନାମହେଲା ଅନଙ୍ଗ । ତାଙ୍କର ପତ୍ନୀ ରତିଦେବୀ ମାୟାବତୀ ନାମରେ ବନରେ ପତିକୁ ପୁନଃପ୍ରାପ୍ତି ନିମନ୍ତେ ତପସ୍ୟା କରୁଥିବାବେଳେ ଶମ୍ବରାସୁର ତାକୁ ଧରିନେଇ ବଳପୂର୍ବକ ବିବାହ କଲା । ପୂର୍ବରୁ ସେ ଶମ୍ବରାସୁର ଭବନରେ ନିଜ ପତିକୁ ପ୍ରାପ୍ତ ହେବା କଥା ଜାଣି ଥିବାରୁ ସେ କପଟରେ ଏହି ବିବାହକୁ ସ୍ୱୀକୃତି ଦେଲେ ଏବଂ ନିଜ ଶରୀରରୁ ମାୟାବଳରେ ଛାୟାରୁ ଏକ କନ୍ୟାଜାତ କରାଇ ତାହାକୁ ଶମ୍ବରାସୁରର ଶୟନାଗାରକୁ ପ୍ରତ୍ୟହ ପ୍ରେରଣ କରୁଥିଲେ ଓ ଏହିପ୍ରକାର ନିଜର ସତୀ ଧର୍ମ ରକ୍ଷା କରି ସ୍ୱପତିଙ୍କର ଆଗମନକୁ ଉତ୍କଣ୍ଠିତ ଭାବେ ଚାହିଁ ରହିଥିଲେ । ଦିନେ ଦେବର୍ଷି ନାରଦ ଶମ୍ବରାସୁର ପୁରକୁ ଆସି ଶ୍ରୀକୃଷ୍ଣଙ୍କର ନବଜାତ ପୁତ୍ର ପ୍ରଦ୍ୟୁମ୍ନ ଯେ ଦୈବକୁଟ ଫଳରେ ତାର ମୃତ୍ୟୁର କାରଣ ହେବ ଭବିଷ୍ୟବାଣୀ ଶୁଣାଇ ଶମ୍ବରାସୁରକୁ ଉଚ୍ଚାଟ କରାଇ ଦେଇଗଲେ । ଶମ୍ବରାସୁର ଚିନ୍ତାକଲା ପ୍ରଦ୍ୟୁମ୍ନ ବଡ ହେବା ପୂର୍ବରୁ ସଂହାର କଲେ ଭଲ ଏଣୁ କୌଶଳରେ ତାକୁ ଧରିଆଣିବାକୁ ଗୋପନରେ ପ୍ରଭୁ ଶ୍ରୀକୃଷ୍ଣଙ୍କ ଅନ୍ତଃପୁରର ଏନ୍ତୁଡି ଶାଳରେ ପ୍ରବେଶ କରି ରୁକ୍ମଣୀଙ୍କର ନିଦ୍ରାବସ୍ଥାରେ ତାଙ୍କ କୋଳରୁ ନବଜାତ ଶିଶୁକୁ ଅପହରଣ କରିଆଣି ସମୁଦ୍ରରେ ଫିଙ୍ଗିଦେଲା । ଗୋଟାଏ ବିରାଟ ମତ୍ସ୍ୟ ଶିଶୁକୁ ଗିଳି ପକାଇଲା ଓ କିଛି ସମୟ ପରେ ଧୀବରମାନଙ୍କ ଜାଲରେ ପଡିଲା । ଧୀବରମାନେ ସେହି ବିରାଟ ମାଛଟିକୁ ନିଜ ରାଜା ଶମ୍ବରାକୁ ଉପହାର ସଦୃଶ ପ୍ରଦାନ କଲେ । ମତ୍ସ୍ୟଟିକୁ କାଟିବାରୁ ସେଥିରୁ ସୁନ୍ଦର ଶିଶୁଟିଏ ବାହାରିବାରୁ ଅପୁତ୍ରିକ ଶମ୍ବର ନିଜର ସନ୍ତାନ ରୂପେ ପାଳନ କରିବାକୁ ମାୟାବତୀ ରୂପିଣୀ ରତିଦେବୀଙ୍କୁ ଅର୍ପଣ କଲା । ଦେବର୍ଷି ଦିନେ ଗୋପନରେ ଆସି ସେହି ଶିଶୁ ଯେ କାମଦେବ ଏହିକଥା ରତିଦେବୀଙ୍କୁ କହିଗଲେ । ଏତେ ଦିନର ତପସ୍ୟାର ଫଳ ସ୍ୱରୂପ ନିଜ ପତି କାମଦେବଙ୍କୁ ଶିଶୁ ରୂପରେ ନିଜ କୋଳରେ ଧାରଣ କରି ଆନନ୍ଦ ବିହ୍ୱଳ ହେବାସହ ଅତ୍ୟନ୍ତ ଶ୍ରଦ୍ଧା ଓ ଯତ୍ନରେ ପାଳନ କରତିବାକୁ ଲାଗିଲେ । ଶିଶୁଟି କ୍ରମେ କିଶୋର ହୋଇ ଅପୂର୍ବ ରୂପ ଧାରଣ କରିବାରୁ ରତିଦେବୀ ମିଳନାକାଂକ୍ଷୀ ହୋଇ ନିଜ ମନର ଅଭିପ୍ରାୟ ଏକାନ୍ତରେ ପ୍ରଦ୍ୟୁମ୍ନଙ୍କୁ ଜଣାଇଲେ । ମାତ୍ର ତାଙ୍କର ପୂର୍ବ ଜନ୍ମ ଘଟଣା କିଛି ମନେ ନଥିବାରୁ ସେ ନିଜ ମାତାଙ୍କର ଏପରି ଅଦ୍ଭୂତ ଆଚରଣରେ ବିସ୍ମିତ ହୋଇ ତାଙ୍କୁ ଭର୍ତ୍ସନା କଲେ । ପରେ ରତିଙ୍କଠାରୁ ପୂର୍ବଜନ୍ମ ଓ ପରବର୍ତ୍ତୀ ଜନ୍ମର ସମସ୍ତ ଘଟଣା ବିସ୍ତୃତ ଭାବେ ଶ୍ରବଣ କରି ଆନନ୍ଦିତ ହେଲେ ଓ ନିଜ ପତ୍ନୀଙ୍କ ପ୍ରତି ଗଭୀର କୃତଜ୍ଞତା ପ୍ରକାଶ କରି ତାଙ୍କୁ ସପ୍ରେମ ଆଲିଙ୍ଗନ କଲେ । ଦୀର୍ଘ ଦିନପରେ ପତି ପତ୍ନୀଙ୍କ ମିଳନ ହେଲା । ଦିନେ ରତିଦେବୀ ଏକାନ୍ତରେ କହିଲେ, ହେ ସ୍ୱାମୀ, ମାତା ରୁକ୍ମିଣୀ ପ୍ରସୂତୀ ଗୃହରେ ତୁମକୁ ହରାଇ ଅତ୍ୟନ୍ତ ଦୁଃଖରେ କାଳାତିପାତ କରୁଛନ୍ତି । ଏଣୁ ବିଳମ୍ବ ନକରି ଚାଲ ଦ୍ୱାରକାକୁ ଫେରିଯିବାକୁ ପଡିବ । ଏହା କେବଳ ଅସୁର ନିଧନ ଦ୍ୱାରା ସମ୍ଭବ ହେବ ।

( କ୍ରମଶଃ )

+ ଗୌଡ଼ଗାଁ, କପ୍ତିପଦା, ମୟୂରଭଞ୍ଜ
(ମୋ) ୯୮୫୩୯୪୮୪୫୮

ସମ୍ପର୍କର ଗଣ୍ଠି

# ଅବସାଦ, ଆତ୍ମହତ୍ୟାର କାରଣ



ଶ୍ୱେତା ରାଉତ୍

ଆଜିକାଲି ଦ୍ୱନ୍ଦ ବହୁଳ ଜୀବନରେ ପ୍ରାୟ ସମସ୍ତେ କେଉଁଠି ନା କେଉଁଠି ଡିପ୍ରେସ୍ ହୁଅନ୍ତି, ପିଲାଠୁ ବୟସ୍କ ସମସ୍ତେ କହିଥାନ୍ତି "ମୁଁ ଡିପ୍ରେସ୍ ଅଛି, କିଛି ଭଲ ଲାଗୁନି ।" ପ୍ରକୃତରେ ଡିପ୍ରେସନ୍ ଯଦି ଏକ ମାନସୀକ ରୋଗ ହୁଏ, ତେବେ ତା'ର ଆରମ୍ଭ କେମିତି ହୁଏ ତାକୁ ଧ୍ୟାନ ଦେବା ଜରୁରୀ । ପ୍ରଥମେ ଆମେ ଜାଣି ରଖିବା ଜରୁରୀ ଡିପ୍ରେସନ୍ ବା ମାନସିକ ଅବସାଦ ଦ୍ୱାରା ଆମେ ଆକ୍ରାନ୍ତ, ନା ଖୁସିକୁ ଏକ୍ସପେରିଏନ୍ସ ବା ଉପଲବ୍ଧି କରିବାକୁ ଆମେ ଅକ୍ଷମ ? ରାତି ସବୁବେଳେ ଅନ୍ଧାର ବୋଲି ଆମେ କହିଥାନ୍ତି, କିନ୍ତୁ ବାସ୍ତବରେ ରାତି ଅନ୍ଧାର ନୁହେଁ, ସୂର୍ଯ୍ୟ ନଥିବାରୁ ସେହି ସମୟ ଅନ୍ଧାର ଦିଶେ । ଠିକ୍ ସେମିତି ଦୁଃଖ ଆମ ଭିତରେ କେବେ ନଥାଏ, ଆମେ ଖୁସିକୁ ସ୍ଥାପନା କରିପାରନ୍ତି ନାହିଁ ବୋଲି ଆମକୁ ଦୁଃଖ ଲାଗେ । ଅନ୍ଧାରକୁ ଡରି ଦୂରେଇଯିବା ଅପେକ୍ଷା, ଦୀପଟିଏ ଜାଳି ଆଲୋକିତ କରିଦେଲେ ଯେମିତି ଭୟ ରୁହେନାହିଁ । ଦୁଃଖକୁ ଡରି ଆତ୍ମହତ୍ୟା କରିବା ଅପେକ୍ଷା ଖୁସିର ଚାରାଟିଏ ରୋପଣ କରି ତାକୁ ହୃଷ୍ଟପୃଷ୍ଟ କରିପାରିଲେ ଅନ୍ତତଃ ଜୀବନ ଭଳି ଏକ ଅମୂଲ୍ୟ ସମ୍ପଦ ନଷ୍ଟ ହୁଅନ୍ତା ନାହିଁ ।

ଜଣେ ଜଣେ ଏକା ରହିବାକୁ ଭଲ ପାଆନ୍ତି, କୌଣସି କାର୍ଯ୍ୟ କରିବାକୁ ଆଗ୍ରହ କରିନଥାନ୍ତି । ସବୁବେଳେ ନକରାତ୍ମକ କଥା କହିଥାନ୍ତି ଯେମିତିକି 'ମୋତେ କେହି ଗୁରୁତ୍ୱ ଦେଉ ନାହାନ୍ତି, ମୋ ପାଖରେ ଧନ ସମ୍ପତି ନାହିଁ, ଚାକିରି ମିଳୁନାହିଁ,ଏ ଜୀବନଟା ବେକାର, ବଞ୍ଚିବାକୁ ଇଚ୍ଛା ହେଉନି, ମୋତେ ସିଏ ଧୋକା ଦେଲା, ମୋ ଜୀବନ ନାରଖାର ହୋଇଗଲା ଇତ୍ୟାଦି ଇତ୍ୟାଦି ।ଏସବୁ କାରଣକୁ ଲକ୍ଷ କଲେ ଦେଖିବେ,ଏହା ବ୍ୟକ୍ତିର ଗୋଟେ ଗୋଟେ ଇଚ୍ଛା ବା ଅଭିଳାଷ, ଯାହା ପୂରଣ ନହେବା ଦ୍ୱାରା ବା ନପାଇବା ଦ୍ୱାରା ବ୍ୟକ୍ତି ଜୀବନକୁ ବ୍ୟର୍ଥ ମନେକରୁଛି । ଯଦି ସେ ବୁଝି ପାରୁଥାନ୍ତା ପ୍ରକୃତରେ ଜୀବନ କଣ ବା ଆନନ୍ଦ କଣ, ଖୁସିକୁ ଧରି ରଖିବାର କଳା ଯଦି ଶିଖି ପାରୁଥାନ୍ତା, ହୁଏତ ଅବସାଦ (ଡିପ୍ରେସନ୍)ରେ ଆକ୍ରାନ୍ତ ହୁଅନ୍ତା ନାହିଁ ।

କାହିଁକି ଆଜିକାଲି ଧର୍ଯ୍ୟର ଅଭାବ, ଆତ୍ମହତ୍ୟାର ବିଚାର ଆସୁଛି ଯୁବପିଢିଙ୍କୁ! ବଡ ଦୁଃଖଦ ଏ ସମୟ । କଣ ହୋଇଗଲା ସେଠୁ କେହି ଆମକୁ ବୁଝି ନପାରିଲେ, ଆମ ପାଖରେ ସମ୍ପତ୍ତି ନରହିଲା କି କେହି ସହଯୋଗ ନକଲେ । ଆମେ ଏକା ଦୁନିଆକୁ ଆସିଛନ୍ତି,ଏକା ହିଁ ଯିବା । ଅନ୍ୟକୁ ଆମ ମସ୍ତିଷ୍କରେ ରଖି କାହିଁକି ଛଟପଟ ହେବା ? ଆମ ଖୁସି ଉପରେ ଅଧିକାର ଆମର । ଆମେ ନଚାହିଁଲେ କେହି ଆମକୁ ଦୁଖ ଦେଇ ପାରିବେ ନାହିଁ କି ଖୁସି ଛଡେଇ ନେଇ ପାରିବେ ନାହିଁ । ସୁଖର ମୁହୂର୍ତ୍ତ ଚାଲିଗଲେ ଆପଣ ଭାଙ୍ଗି ପଡୁଛନ୍ତି, ହତାସ ମନେ କରୁଛନ୍ତି, କିନ୍ତୁ ଏ ମୁହୂର୍ତ୍ତ ସବୁବେଳେ ପରିବର୍ତ୍ତନଶୀଳ ।

ଆଜି ଦୁଃଖ ଅଛି, କାଲି ଏ ଦୁଃଖ ଚାଲିଯାଇ ସୁଖ ପୁଣି ଫେରି ଆସିବ ।ଏହା ହିଁ ନିୟତିର ଖେଳ । ସୁଖରେ ଯଦି ଆତ୍ମବିଭୋର ହୋଇ ଆପଣ ଡିପ୍ରେସ୍ ହେଉନାହାନ୍ତି କି ଆତ୍ମହତ୍ୟା କରୁନାହାନ୍ତି, ତେବେ ଦୁଃଖରେ କାହିଁକି ଡିପ୍ରେସ୍ ହେବେ ? ନା ଏ ଶରୀର ଆପଣଙ୍କର ନା ଏ ଆତ୍ମା ଆପଣଙ୍କର, ନା ଏ ପୃଥିବୀ ଆପଣଙ୍କର, ସବୁ ପରମାତ୍ମାଙ୍କ ସୃଷ୍ଟି ଚକ୍ରର ଏକ ଖେଳମାତ୍ର ।

ଯଦି କେହି ଆପଣଙ୍କୁ ଡିପ୍ରେସ୍ କରୁଥାଏ, ସେ ହେଉଛି ନିଜର ଅତ୍ୟଧିକ ଆସକ୍ତି ଓ ମୋହ, ଯାହା ଆପଣଙ୍କୁ କବଳିତ କରି ତା ଇଙ୍ଗିତରେ ନଚାଉଥାଏ । ନିଜକୁ ମୋହମୁକ୍ତ କରି ଖୁସିକୁ ପ୍ରାଧାନ୍ୟ ଦିଅନ୍ତୁ । ଏ ଶରୀର ଉପରେ ଅଧିକାର ବାପା ମାଆଙ୍କର, ଏ ଆତ୍ମା ଉପରେ ଅଧିକାର ଇଶ୍ୱରଙ୍କର । ଅନ୍ୟର ସମ୍ପତିକୁ ନଷ୍ଟ କରିବାର ଅଧିକାର ଆପଣଙ୍କର ନାହିଁ । ଆପଣ କେବଳ କର୍ମ ଦ୍ୱାରା ଉପଯୋଗ କରି ସୃଷ୍ଟିକୁ ଉପଲବ୍ଧି କରିପାରିବେ । ଭାବନ୍ତୁ ଜୀବନ କେବଳ ମାତ୍ର ଗୋଟିଏ ଦିନ । ଆମେ ଆଜିକ ପାଇଁ ଚିନ୍ତା କରି ଆଜି ଦିନଟି ଆନନ୍ଦମୟ କରିପାରିଲେ ସବୁଦିନ ଆନନ୍ଦମୟ ହେବ । ଦୁଃଖ ମାତ୍ର ଗୋଟେ ଅସମୟର ଅସୁର । ସେ ଆମକୁ ପରାସ୍ତ କରିବାକୁ ଚାହେଁ । ଆମେ କିନ୍ତୁ ପରମାତ୍ମାଙ୍କ ମହାପ୍ରତାପୀ ସନ୍ତାନ । ଦୁଃଖକୁ ଆମେ ହରେଇବା, ନିଜେ ଦୁଃଖ ପାଖରେ ହାରିବା ନାହିଁ । ନହେଲେ ଏହା ଆମର କାପୁରୁଷତା ହେବ । ଯାହା ଯାଇଛି ତାକୁ ଭାବି ହୁଅନ୍ତୁ ନାହିଁ, ଯାହା ନାହିଁ ତାକୁ ଆଶା କରନ୍ତୁ ନାହିଁ, ଯାହା ନପାଇଲେ ହୁଏତ ତାହା ଆପଣଙ୍କର ନଥିଲା, ଯାହା ଅଛି ତାହାହିଁ ଆପଣଙ୍କର ପ୍ରାରବ୍ଧ । ସୁଖ ହେଉ କି ଦୁଃଖ ସବୁ କ୍ଷଣସ୍ଥାୟୀ । କିନ୍ତୁ ଆମ କର୍ମ ଏ ଜନ୍ମରୁ ପରଜନ୍ମଯାଏ ଚିରସ୍ଥାୟୀ ରହିଥାଏ । ତେଣୁ ନିଜକୁ ଡିପ୍ରେସ୍ ରଖି ଜୀବନକୁ ଦହଗଞ୍ଜ କରନ୍ତୁ ନାହିଁ, ଅମୂଲ୍ୟ ଏ ଜୀବନକୁ ମାରନ୍ତୁ ନାହିଁ । ଛୋଟ ଛୋଟ ସୁଖଦ ମୁହୂର୍ତ୍ତକୁ ଅସ୍ତ୍ର କରି ଜୀବନର ଆନନ୍ଦ ନିଅନ୍ତୁ, ଇଶ୍ୱରଙ୍କ ଏ ଲୀଳାକୁ ବୁଝନ୍ତୁ ଓ ସୃଷ୍ଟିର ସର୍ଜନତାକୁ ସୁନ୍ଦର କରିବାକୁ ଇଶ୍ୱରଙ୍କୁ ସହଯୋଗ କରନ୍ତୁ । ଯେଉଁ ଅମୂଲ୍ୟ ଜୀବନକୁ ଆପଣ ଜଣେ ଜଣେ ଅମଣିଷଙ୍କ ପାଇଁ ଅବସାଦପୂର୍ଣ୍ଣ କରି ଆତ୍ମହତ୍ୟା ଭଳି ଚରମ ନିଷ୍ପତ୍ତି ନେଉଛନ୍ତି,ଅନ୍ତତଃ ସେ ଜୀବନକୁ ବୈରାଗ୍ୟ କରି କାହା ସେବାରେ ଲଗାଇଲେ ଇଶ୍ୱର କୃତାର୍ଥ ହୁଅନ୍ତେ ।

+ ରାଉତ କମ୍ପ୍ଲେକ୍ସ, କଟକ ରୋଡ଼,
ଲକ୍ଷ୍ମୀସାଗର, ଭୁବନେଶ୍ୱର
ମୋ: ୯୪୩୯୭୨୬୦୬୦

# ଘଣ୍ଟା ଘଣ୍ଟା ବସୁଥିଲେ ସାବଧାନ !



ଆଜିକାଲି ପ୍ରତି ଅଫିସରେ କାମ ଚାପ ବଢିଲାଣି । ଏଆଇ ଯୁଗରେ ଗୋଟେ ପଟେ ଛଟେଇ ବଢୁଥିବା ବେଳେ ଏଆଇକୁ ମାତ୍ ଦେବାକୁ କାମର ପ୍ରତିଯୋଗିତା ବି ବଢିଲାଣି । ଲମ୍ବା ସମୟ ଧରି ମିଟିଂ ଏବଂ କାମ ଚାପ ଭିତରେ କର୍ମଚାରୀମାନେ ଘଣ୍ଟା ଘଣ୍ଟା ଧରି ଚେୟାରରେ ଗୋଟେ ସ୍ଥାନରେ ବସି ରହୁଥିବା ଦେଖିବାକୁ ମିଳୁଛି । ଯାହା ପରବର୍ତ୍ତୀ ସମୟରେ ଅଣ୍ଟା ଦରଜ ସହ ଅନ୍ୟାନ୍ୟ ରୋଗର କାରଣ ସାଜୁଛି । ଆଜିକାଲି ଅଧିକାଂଶ ଲୋକଙ୍କ ଜୀବନଶୈଳୀ ଏବଂ କାର୍ଯ୍ୟ ସଂସ୍କୃତି ଏପରି ହୋଇଯାଇଛି ଯେ ସେମାନଙ୍କୁ ଗୋଟିଏ ସ୍ଥାନରେ ଘଣ୍ଟା ଘଣ୍ଟା ବସି କାମ କରିବାକୁ ପଡୁଛି । ଯାହା ଯୋଗୁଁ ସେମାନେ ପ୍ରାୟ ଚାଲିପାରୁନାହାଁନ୍ତି । କାର୍ଯ୍ୟ ସମୟ ସାରଣୀ ଏତେ କଠିନ ଯେ ବହୁତ କମ୍ ଲୋକ ଜିମ୍ ଯିବା ପାଇଁ ସମୟ ବାହାର କରିପାରନ୍ତି । କିନ୍ତୁ ଆପଣ କଣ ଜାଣନ୍ତି ଯେ ଏପରି ଭାବରେ ବସି ଲଗାତାର କାମ କରିବା ଆପଣଙ୍କ ସ୍ୱାସ୍ଥ୍ୟ ପାଇଁ କେତେ କ୍ଷତିକାରକ ହୋଇପାରେ ।

ବିଶେଷଜ୍ଞଙ୍କ ମତରେ, 'ନିରନ୍ତର ବସିବା ଧୂମପାନ ପରି ବିପଦପୂର୍ଣ୍ଣ' । ଆମର ଶରୀର ଏପରି ଭାବରେ ଡିଜାଇନ୍ କରାଯାଇଛି ଯେ ଏହା ଯଥାସମ୍ଭବ ସକ୍ରିୟ ରହିଥାଏ । ଏପରି ପରିସ୍ଥିତିରେ, ଯେତେବେଳେ ଆମେ ଦୀର୍ଘ ସମୟ ଧରି ଲଗାତାର ବସିଥାଉ , ଏହା ଆମର ସାମଗ୍ରିକ ସ୍ୱାସ୍ଥ୍ୟକୁ ପ୍ରଭାବିତ କରେ । ଜାଣନ୍ତୁ ଅଧିକ ସମୟ ଧରି କୌଣସି ସ୍ଥାନରେ ବସି ରହିଲେ କଣ ସବୁ ସମସ୍ୟା ଦେଖାଯାଏ ।

## ବସିଲେ ବଢିବ ସ୍ୱାସ୍ଥ୍ୟ ସମସ୍ୟା

- ଘଣ୍ଟା ଘଣ୍ଟା ବସି ରହିବା ଦ୍ୱାରା ଦେଖାଯାଏ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା
- ନିଦ୍ରାହୀନତା ସହ ମନ କ୍ଳାନ୍ତ ହୁଏ, ଓଜନ ବଢିବାକୁ ଲାଗେ
- ପ୍ରତିଦିନ ଜିମ୍ ଯାଉଥିବା ଲୋକ ମଧ ଏହାର ଶିକାର ହୋଇଥାନ୍ତି
- ଗୋଟିଏ ସ୍ଥାନରେ ବସି ରହିବା କାରଣରୁ ଶରୀରରେ ଚର୍ବି ବୃଦ୍ଧି ହୋଇଥାଏ
- ଉଚ୍ଚ ରକ୍ତଚାପ ଏବଂ ହୃଦରୋଗର ଆଶଙ୍କା ମଧ ବଢ଼ିଥାଏ
- ମାନସିକ ସ୍ୱାସ୍ଥ୍ୟ ଉପରେ ମଧ ପ୍ରଭାବ ପକାଇଥାଏ
- ଦୀର୍ଘ ସମୟ ବସି ରହୁଥିବା ଲୋକଙ୍କଠାରେ କର୍କଟ ରୋଗର ଆଶଙ୍କା ବୃଦ୍ଧି

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

# ଡଲାର ତୁଳନାରେ ଟଙ୍କାର ଐତିହାସିକ ପତନ: ୯୦ ସ୍ତର ଅତିକ୍ରମ ଓ ଭବିଷ୍ୟତର ଆହ୍ୱାନ

ଦୀର୍ଘ ଦିନର ଆଶଙ୍କା ଏବଂ ବଜାରର ଅସ୍ଥିରତା ମଧ୍ୟରେ ଶେଷରେ ଭାରତୀୟ ଟଙ୍କା ଆମେରିକୀୟ ଡଲାର ତୁଳନାରେ ତାର ମନସ୍ତାତ୍ତ୍ୱିକ ସୀମା ୯୦ ଟଙ୍କାକୁ ଅତିକ୍ରମ କରିଯାଇଛି । ବୁଧବାର ସକାଳେ ବାଣିଜ୍ୟ କାରବାର ଆରମ୍ଭ ହେବା ମାତ୍ରେ ଟଙ୍କାର ମୂଲ୍ୟ ୯୦.୨୮ ସ୍ତରକୁ ଖସିଆସିଥିଲା, ଯାହାକି ସ୍ୱାଧୀନ ଭାରତର ଇତିହାସରେ ସର୍ବନିମ୍ନ ସ୍ତର ଅଟେ । ଏହି ଘଟଣା କେବଳ ଏକ ସଂଖ୍ୟାତ୍ମକ ପରିବର୍ତ୍ତନ ନୁହେଁ, ବରଂ ଏହା ଦେଶର ଅର୍ଥନୈତିକ ସ୍ଥିତି, ବିଶ୍ୱ ବାଣିଜ୍ୟ ସମ୍ପର୍କ ଏବଂ ସାଧାରଣ ଜନତାଙ୍କ ଦୈନନ୍ଦିନ ଜୀବନ ଉପରେ ପଡ଼ିବାକୁ ଥିବା ଗଭୀର ପ୍ରଭାବର ଏକ ସଙ୍କେତ। ଏହି ପତନର କାରଣ, ଏହାର ବ୍ୟାପକ ପ୍ରଭାବ ଏବଂ ଭବିଷ୍ୟତର ସମ୍ଭାବନାଗୁଡ଼ିକୁ ବିଶ୍ଳେଷଣ କରିବା ବର୍ତ୍ତମାନ ଏକାନ୍ତ ଆବଶ୍ୟକ ।

ଟଙ୍କାର ଏହି ଅବମୂଲ୍ୟାୟନ କୌଣସି ଗୋଟିଏ କାରଣରୁ ହୋଇନାହିଁ, ବରଂ ଏହା ଘରୋଇ ଏବଂ ଆନ୍ତର୍ଜାତିକ କାରଣଗୁଡ଼ିକର ଏକ ମିଳିତ ପରିଣାମ । ସର୍ବପ୍ରଥମେ ଏବଂ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କାରଣ ହେଉଛି ଆମେରିକା ଏବଂ ଭାରତ ମଧ୍ୟରେ ବାଣିଜ୍ୟ ଚୁକ୍ତିରେ ବିଳମ୍ବ ଏବଂ ଆମେରିକାର ନୂତନ ଟାରିଫ୍ ନୀତି । ୨୦୨୫ରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ପ୍ରଶାସନ ଦ୍ୱାରା ଭାରତୀୟ ସାମଗ୍ରୀ ଉପରେ ୫୦ ପ୍ରତିଶତ ପର୍ଯ୍ୟନ୍ତ ଟାରିଫ୍ ଲଗାଯିବା ଫଳରେ ଭାରତର ରପ୍ତାନି ବାଣିଜ୍ୟ ଗୁରୁତର ଭାବେ ପ୍ରଭାବିତ ହୋଇଛି । ଏହା କେବଳ ଭାରତୀୟ ରପ୍ତାନିକାରୀଙ୍କ ମନୋବଳ ଭାଙ୍ଗିନାହିଁ, ବରଂ ବିଦେଶୀ ନିବେଶକଙ୍କ ମନରେ ମଧ୍ୟ ଭୟ ସୃଷ୍ଟି କରିଛି । ଦ୍ୱିତୀୟତଃ, ବିଦେଶୀ ପୋର୍ଟଫୋଲିଓ ନିବେଶକ (ଏଫପିଆଇ) ଭାରତୀୟ ବଜାରରୁ ନିଜର ପୁଞ୍ଜି ପ୍ରତ୍ୟାହାର କରିବାରେ ଲାଗିଛନ୍ତି । ତଥ୍ୟ ଅନୁଯାୟୀ, ୨୦୨୫ ବର୍ଷରେ ବର୍ତ୍ତମାନ ସୁଦ୍ଧା ପ୍ରାୟ ୧୭ ବିଲିୟନ ଡଲାରର ବିଦେଶୀ ପୁଞ୍ଜି ଭାରତୀୟ ବଜାରରୁ ବାହାରି ଯାଇଛି । ଆମେରିକାରେ ସୁଧ ହାର ଅଧିକ ରହିବା କାରଣରୁ ନିବେଶକମାନେ ଭାରତ ଭଳି ବିକାଶଶୀଳ ବଜାର ଅପେକ୍ଷା ଆମେରିକୀୟ ବଣ୍ଡରେ ନିବେଶ କରିବାକୁ ଅଧିକ ସୁରକ୍ଷିତ ମଣୁଛନ୍ତି, ଯାହା ଡଲାରର ଚାହିଦା ବୃଦ୍ଧି କରିଛି ଏବଂ ଟଙ୍କାକୁ ଦୁର୍ବଳ କରିଛି । ତୃତୀୟ ପ୍ରମୁଖ କାରଣ ହେଉଛି ଭାରତର ବର୍ଦ୍ଧିତ ବାଣିଜ୍ୟ ନିଅଣ୍ଟ । ବିଶେଷକରି ସୁନା ଏବଂ ଅଶୋଧିତ ତୈଳ ଆମଦାନୀ ବୃଦ୍ଧି ପାଇବା ଯୋଗୁଁ ଦେଶରୁ ଡଲାର ବାହାରକୁ ଯାଉଛି । ଅକ୍ଟୋବର ମାସରେ ସୁନା ଆମଦାନୀ ତିନିଗୁଣ ବୃଦ୍ଧି ପାଇ ୧୪.୭ ବିଲିୟନ ଡଲାରରେ ପହଞ୍ଚିଥିଲା, ଯାହା ଚଳନ୍ତି ଖାତା ନିଅଣ୍ଟ (କରେଣ୍ଟ ଆକାଉଣ୍ଟ ଡେଫିସିଟ୍) ଉପରେ ଚାପ ସୃଷ୍ଟି କରିଛି । ଅନ୍ୟପକ୍ଷରେ, ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ)ର ହସ୍ତକ୍ଷେପ ମଧ୍ୟ ଏଥର ସୀମିତ ରହିଛି । ଯଦିଓ ଭାରତର ବିଦେଶୀ ମୁଦ୍ରା ଭଣ୍ଡାର ପ୍ରାୟ ୬୮୮ ବିଲିୟନ ଡଲାର ରହିଛି, ତଥାପି କେନ୍ଦ୍ରୀୟ ବ୍ୟାଙ୍କ ଟଙ୍କାର ମୂଲ୍ୟକୁ ଏକ ନିର୍ଦ୍ଦିଷ୍ଟ ସ୍ତରରେ ରଖିବା ପରିବର୍ତ୍ତେ ବଜାରର ଅସ୍ଥିରତାକୁ ନିୟନ୍ତ୍ରଣ କରିବା ଉପରେ ଅଧିକ ଗୁରୁତ୍ୱ ଦେଉଛି । ବିଶେଷଜ୍ଞଙ୍କ ମତରେ, ଆମେରିକାର ଉଚ୍ଚ ଟାରିଫ୍ ?ର ମୁକାବିଲା କରିବା ପାଇଁ ଟଙ୍କାର ସାମାନ୍ୟ ଅବମୂଲ୍ୟାୟନ ରପ୍ତାନି କ୍ଷେତ୍ରକୁ କିଛି ମାତ୍ରାରେ ସାହାଯ୍ୟ କରିପାରେ, ତେଣୁ ଆରବିଆଇ ଆକ୍ରମଣାତ୍ମକ ଭାବେ ଡଲାର ବିକ୍ରି କରୁନାହିଁ ।

ଟଙ୍କାର ମୂଲ୍ୟ ୯୦ ଟପିବା ଦ୍ୱାରା ଦେଶର ଅର୍ଥନୀତି ଓ ସାଧାରଣ ଜନତାଙ୍କ ଉପରେ ଏହାର ବହୁମୁଖୀ ପ୍ରଭାବ ପଡ଼ିବ । ପ୍ରଥମ ଏବଂ ସବୁଠାରୁ ବଡ଼ ପ୍ରଭାବ ହେଉଛି 'ଆମଦାନୀଜନିତ ମୁଦ୍ରାସ୍ଫୀତି' (Imported Inflation) । ଭାରତ ନିଜର ଆବଶ୍ୟକତାର ପ୍ରାୟ ୮୫ ଭାଗ ଅଶୋଧିତ ତୈଳ ଆମଦାନୀ କରିଥାଏ । ଡଲାର ମହଙ୍ଗା ହେବା ମାନେ ତୈଳ ଆମଦାନୀ ପାଇଁ ଅଧିକ ଟଙ୍କା ଖର୍ଚ୍ଚ କରିବାକୁ ପଡ଼ିବ । ଯଦିଓ ଆନ୍ତର୍ଜାତିକ ବଜାରରେ ତୈଳ ଦର ସ୍ଥିର ରହିପାରେ, କିନ୍ତୁ ଟଙ୍କାର ଦୁର୍ବଳତା ଯୋଗୁଁ ଘରୋଇ ବଜାରରେ ପେଟ୍ରୋଲ, ଡିଜେଲ ଏବଂ ରନ୍ଧନ ଗ୍ୟାସ ଦର ବୃଦ୍ଧି ପାଇବାର ଆଶଙ୍କା ରହିଛି । ଏହାଦ୍ୱାରା ପରିବହନ ଖର୍ଚ୍ଚ ବଢ଼ିବ ଏବଂ ଫଳସ୍ୱରୂପ ପନିପରିବା ଠାରୁ ଆରମ୍ଭ କରି ନିତ୍ୟବ୍ୟବହାର୍ଯ୍ୟ ସାମଗ୍ରୀର ଦର ବୃଦ୍ଧି ପାଇବ । କେବଳ ତୈଳ ନୁହେଁ, ଇଲେକ୍ଟ୍ରୋନିକ୍ସ, ମୋବାଇଲ୍ ଯନ୍ତ୍ରାଂଶ, ଖାଇବା ତେଲ ଏବଂ ସାର ଭଳି ଗୁରୁତ୍ୱପୂର୍ଣ୍ଣ ସାମଗ୍ରୀର ଆମଦାନୀ ଖର୍ଚ୍ଚ ମଧ୍ୟ ବଢ଼ିବ, ଯାହାର ସିଧାସଳଖ ବୋଝ ସାଧାରଣ ଖାଉଟିଙ୍କ ଉପରେ ପଡ଼ିବ ।

ଦ୍ୱିତୀୟରେ, ବିଦେଶରେ ପାଠ ପଢୁଥିବା ଛାତ୍ରଛାତ୍ରୀ ଏବଂ ଭ୍ରମଣକାରୀଙ୍କ ପାଇଁ ଏହା ଏକ ବଡ଼ ଧକ୍କା । ଯେଉଁ ଅଭିଭାବକମାନେ ପିଲାଙ୍କ ପାଠପଢ଼ା ପାଇଁ ବଜେଟ୍ ପ୍ରସ୍ତୁତ କରିଥିଲେ, ସେମାନଙ୍କୁ ବର୍ତ୍ତମାନ ୧୦ ରୁ ୧୫ ପ୍ରତିଶତ ଅଧିକ ଖର୍ଚ୍ଚ କରିବାକୁ ପଡ଼ିବ । ତୃତୀୟରେ, ଭାରତୀୟ କର୍ପୋରେଟ୍ ଜଗତ ଉପରେ ଏହାର ନକାରାତ୍ମକ ପ୍ରଭାବ ପଡ଼ିବ । ଅନେକ ବଡ଼ କମ୍ପାନୀ ବିଦେଶରୁ ଡଲାରରେ ଋଣ (External Commercial Borrowings) ଆଣିଛନ୍ତି । ଟଙ୍କାର ମୂଲ୍ୟ ହ୍ରାସ ପାଇବା ଯୋଗୁଁ ସେମାନଙ୍କର ଋଣ ପରିଶୋଧ ବୋଝ ଯଥେଷ୍ଟ ବୃଦ୍ଧି ପାଇବ, ଯାହା ସେମାନଙ୍କର ଲାଭାଂଶକୁ କମାଇଦେବ ଏବଂ ନୂତନ ନିବେଶକୁ ବାଧାପ୍ରାପ୍ତ କରିବ । ଅବଶ୍ୟ, ଏହି ସ୍ଥିତିରେ ରପ୍ତାନିକାରୀମାନଙ୍କୁ କିଛି ମାତ୍ରାରେ ଲାଭ ମିଳିପାରେ, ବିଶେଷକରି ଆଇଟି (IT) ଏବଂ ଔଷଧ ଶିଳ୍ପ କ୍ଷେତ୍ରରେ, କାରଣ ସେମାନଙ୍କର ଆୟ ଡଲାରରେ ହୋଇଥାଏ । କିନ୍ତୁ ଆମେରିକାର ଟାରିଫ୍ ନୀତି ଏବଂ ବିଶ୍ୱ ଅର୍ଥନୀତିର ମନ୍ଥରତା ଯୋଗୁଁ ଚାହିଦା କମିଥିବାରୁ ଏହି ଲାଭ ସୀମିତ ରହିବାର ସମ୍ଭାବନା ଅଧିକ ।

ଭବିଷ୍ୟତରେ ଟଙ୍କାର ଗତିପଥ କେଉଁ ଆଡ଼କୁ ଯିବ, ତାହା ଅନେକାଂଶରେ ଭାରତ-ଆମେରିକା ବାଣିଜ୍ୟ ଆଲୋଚନା ଏବଂ ଆରବିଆଇର ନୀତି ଉପରେ ନିର୍ଭର କରେ । ଏହି ପରିପ୍ରେକ୍ଷୀରେ ତିନୋଟି ସମ୍ଭାବ୍ୟ ପରିସ୍ଥିତି (Scenarios) ଉପୁଜିପାରେ । ପ୍ରଥମ ପରିସ୍ଥିତିରେ, ଯଦି ଆଗାମୀ କିଛି ସପ୍ତାହ ମଧ୍ୟରେ ଭାରତ ଓ ଆମେରିକା ମଧ୍ୟରେ ଏକ ସ୍ପଷ୍ଟ ବାଣିଜ୍ୟ ବୁଝାମଣା ହୁଏ ଏବଂ ଟାରିଫ୍ କୋହଳ କରାଯାଏ, ତେବେ ବଜାରରେ ସକାରାତ୍ମକ ବାତାବରଣ ସୃଷ୍ଟି ହେବ । ଏହା ଫଳରେ ବିଦେଶୀ ନିବେଶକମାନେ ପୁଣି ଫେରିବେ ଏବଂ ଟଙ୍କା ୯୦ ସ୍ତରରୁ ତଳକୁ ଖସି ୮୮-୮୯ ମଧ୍ୟରେ ସ୍ଥିର ହୋଇପାରେ । ଦ୍ୱିତୀୟ ପରିସ୍ଥିତିରେ, ଯଦି ବର୍ତ୍ତମାନର ଅନିଶ୍ଚିତତା ଜାରି ରୁହେ ଏବଂ ଆରବିଆଇ କେବଳ ଅତ୍ୟଧିକ ଅସ୍ଥିରତାକୁ ରୋକିବା ପାଇଁ ସୀମିତ ହସ୍ତକ୍ଷେପ କରେ, ତେବେ ଟଙ୍କା ଆଗାମୀ ଦିନରେ ୯୧ ରୁ ୯୨ ସ୍ତରକୁ ଛୁଇଁପାରେ। ତୃତୀୟ ତଥା ସବୁଠାରୁ ଜଟିଳ ପରିସ୍ଥିତି ହେଉଛି, ଯଦି ବିଶ୍ୱସ୍ତରରେ ଯୁଦ୍ଧ କିମ୍ବା ତୈଳ ଦରରେ ଅପ୍ରତ୍ୟାଶିତ ବୃଦ୍ଧି ଘଟେ ଏବଂ ଆମେରିକା ଫେଡେରାଲ ରିଜର୍ଭ ସୁଧ ହାର ନ କମାଏ, ତେବେ ଟଙ୍କାର ମୂଲ୍ୟ ୯୫ ଆଡ଼କୁ ଗତି କରିପାରେ।

ଯଦିଓ ସରକାରଙ୍କ ତଥ୍ୟ ଅନୁଯାୟୀ ଭାରତର ଅର୍ଥନୀତି ବିଶ୍ୱର ଅନ୍ୟ ଦେଶ ତୁଳନାରେ ଦ୍ରୁତ ଗତିରେ ବୃଦ୍ଧି ପାଉଛି, ତଥାପି ମୁଦ୍ରାର ଏଭଳି ପତନ ଦୀର୍ଘମିଆଦୀ ସ୍ଥିରତା ପାଇଁ ଶୁଭଙ୍କର ନୁହେଁ । ସରକାର ଏବଂ ନୀତି ନିର୍ଦ୍ଧାରକମାନଙ୍କୁ କେବଳ ମୁଦ୍ରା ବଜାରରେ ହସ୍ତକ୍ଷେପ କରିବା ପରିବର୍ତ୍ତେ ଗଠନମୂଳକ ସଂସ୍କାର ଉପରେ ଗୁରୁତ୍ୱ ଦେବାକୁ ହେବ । ଆମଦାନୀ ଉପରେ ନିର୍ଭରଶୀଳତା କମାଇବା, ବିଶେଷକରି ଶକ୍ତି କ୍ଷେତ୍ରରେ ଆତ୍ମନିର୍ଭରଶୀଳ ହେବା ଏବଂ ରପ୍ତାନି ବୃଦ୍ଧି ପାଇଁ ନୂତନ ବଜାର ଅନ୍ୱେଷଣ କରିବା ଜରୁରୀ । ଏହା ସହିତ, କୂଟନୈତିକ ସ୍ତରରେ ଆମେରିକା ସହ ବାଣିଜ୍ୟ ବିବାଦର ଶୀଘ୍ର ସମାଧାନ କରିବା ବର୍ତ୍ତମାନ ସମୟର ଆହ୍ୱାନ । ଟଙ୍କାର ମୂଲ୍ୟ କେବଳ ଅର୍ଥନୀତିର ପରିଚାୟକ ନୁହେଁ, ଏହା ଦେଶର ଆର୍ଥିକ ସାର୍ବଭୌମତ୍ୱର ପ୍ରତୀକ । ତେଣୁ ଏହି ପତନକୁ ରୋକିବା ପାଇଁ ଏକ ସୁଚିନ୍ତିତ ଏବଂ ଦୀର୍ଘମିଆଦୀ ରଣନୀତିର ଆବଶ୍ୟକତା ରହିଛି ।



# ଅଶି ବର୍ଷର ତରୁଣ:ନୀଳାଦ୍ରି ଭୂଷଣ

ପ୍ରଫେସର ମଣୀନ୍ଦ୍ର କୁମାର ମେହେର



ଭୂଇଁ ଉପରକୁ ନଇଁ ଆସୁଥିବା ଡାଳ
ହଠାତ ଉପରକୁ ଉଠି
ଲାଗିଗଲା ଆକାଶରେ।
ଲଣ୍ଡା ଗଛରେ ପତ୍ର କଅଁଳିଲା
କ୍ରମେ ଅଦୃଶ୍ୟ ହେଉଥିବା
ଗଛ ଦୃଶ୍ୟ ହେଲା

ଓଡ଼ିଆ ସାହିତ୍ୟର ବିଶିଷ୍ଟ କବି, ନାଟ୍ୟକାର, ବିଜ୍ଞ ସମାଲୋଚକ ଶାନ୍ତିନିକେତନର ପ୍ରାକ୍ତନ ପ୍ରାଚାର୍ଯ୍ୟ ପ୍ରଫେସର ନୀଳାଦ୍ରି ଭୂଷଣ ହରିଚନ୍ଦନଙ୍କ ସ୍ମୃତିଚାରଣ ଶୀର୍ଷକ କବିତାର ଏହା ପ୍ରଥମ ପଂକ୍ତି। ନିର୍ଦ୍ଦିଷ୍ଟ ଭାବରେ ଏଇ କବିତାଟିକୁ ଆଜି ଉଲ୍ଲେଖ କରିବା ତତ୍ପର୍ଯ୍ୟପୂର୍ଣ୍ଣ। ଆଜି ଓଡ଼ିଆ ସାହିତ୍ୟର ଏହି ଦିଗଦ୍ରଷ୍ଟା ସ୍ରଷ୍ଟା ଅଶି ବର୍ଷ ବୟସରେ ପାଦ ଥାପିଲେ। ବିଗତ ସୁଦୀର୍ଘ ଅଣାଅଶି ବର୍ଷର ସ୍ମୃତି ଚାରଣ କଲାବେଳେ ତାଙ୍କର ମନେ ପଡି ଯାଉଥିବ ଏହି କବିତାର ଭାବଧାରା। କବିତାଟିରେ ପୁନଶ୍ଚ କବି କହୁଛନ୍ତି

ବାରମ୍ବାର
ଶିଶିର ଭିଜା ସକାଳର ହସ ହସ ମୁହଁ
ମେଘ ଫାଙ୍କରୁ, ପତ୍ର ଫାଙ୍କରୁ
ଶେଷ ହେଲା
ଧୂଧୂ ପଡିଆକୁ ଚାହିଁବା।
ଅପେକ୍ଷାରେ ଘଣ୍ଟା ଘଣ୍ଟା
ଠିଆ ହେବା।

କବିତାଟିର ସମୀକ୍ଷା ବିବିଧ ଭାବରେ କରାଯାଇପାରିବ। ସେ ସମୀକ୍ଷାୟନ ଏହାର ଲକ୍ଷ୍ୟ ନୁହେଁ। ଅତ୍ୟନ୍ତ ସ୍ୱଚ୍ଛ ଶବ୍ଦରେ ବ୍ୟକ୍ତ କରାଯାଇପାରିବ- ପୂଜ୍ୟ ନୀଳାଦ୍ରି ସାରଙ୍କୁ ଦେଖିବା ମାତ୍ରକେ ମନେ ହେଉଛି, ମେଘ ଆଉ ପତ୍ର ଫାଙ୍କରୁ ତାଙ୍କର ଶିଶିରଭିଜା ସକାଳରହସ ହସ ମୁହଁଟି ଉଦ୍ଭାସିତ ହୋଇଯାଉଛି ଆଖି ଆଗରେ।

ସେ କି ଉଚ୍ଚକୋଟୀର ସାହିତ୍ୟ ସ୍ରଷ୍ଟା ଓ ପ୍ରାଜ୍ଞ ଶିକ୍ଷାଦାତା ତାହା କାହାକୁ ଅବିଦିତ ନୁହେଁ। ବହୁମୁଖୀ ପ୍ରତିଭାର ଅଧିକାରୀ ସେ। ସାହିତ୍ୟ ସମାଲୋଚକ, କବି, ନାଟ୍ୟକାର,, ସ୍ତମ୍ଭକାର, ଭଷାତତ୍ତ୍ୱ ବିତ, ଶ୍ରେଷ୍ଠ ଶିକ୍ଷାଗୁରୁ ଭାବରେ ସେ ବିପୁଳ ସିଦ୍ଧିର ଅଧିକାରୀ। ତାଙ୍କ ପ୍ରକାଶିତ ପୁସ୍ତକର ସଂଖ୍ୟା ଅର୍ଦ୍ଧ ଶତକ ଊର୍ଦ୍ଧ୍ୱବର୍ତ୍ତୀ। ବୟସ, ଜ୍ଞାନ, ଅଭିଜ୍ଞତା ବୃଦ୍ଧି ହେଉଁ ହେଉଁ ପ୍ରତ୍ୟେକ ମଣିଷର ରୂପ ବଦଳେ, ବାର୍ତ୍ତାଳାପର ଭଙ୍ଗୀ ପରିବର୍ତ୍ତିତ ହୋଇଯାଏ। ହୃଦୟର ସ୍ୱଚ୍ଛତା ହୋଇ ଆସେ ଧୂଆଁଳିଆ। ଶତ୍ରୁ-ମିତ୍ରର ମନୋଭାବ ସୃଷ୍ଟି ହୁଏ। ନିଷ୍କପଟ ହସ୍ୟରେଖାରେ ଜଟିଳତାର ସଂକେତ ଆଉ ଅନେକଙ୍କ କ୍ଷେତ୍ରରେ କୁଟିଳତାର କୁଞ୍ଚନ କେତେ କ୍ଷୋଭ ଭରିଦିଏ ପ୍ରିୟ ମଣିଷଙ୍କ ହୃଦୟରେ। କୋଡିଏ ବାଇଶି ବର୍ଷ ବୟସର ଯେଉଁ ବିଶ୍ୱବିଦ୍ୟାଳୟ ଛାତ୍ରଟି ହସିଦେଲେ ସୁବାସିତ ଫୁଲ ଫୁଟିଯାଏ ତା ଓଠରେ, ପଦ, ପଦବୀ, କ୍ଷମତା, ସଂପତ୍ତିର ଅଧିକାରୀ ହେବା ପରେ ସେଇ ମୁହଁରେ ଫୁଟିଉଠେ ବିଧ୍ୱଂସର ବୋମା। ମଣିଷର ଏହି ଅନକାଂକ୍ଷିତ ପରିବର୍ତ୍ତନ କାହାକୁ ବା ଚକିତ, କ୍ଷୁବ୍ଧ, ବେଦନା ଜର୍ଜରିତ କରି ଦେଇନାହିଁ!! କିନ୍ତୁ ଏହାରି ମଧ୍ୟରେ ଯେଉଁଠି ରହିଥାଏ ବ୍ୟତିକ୍ରମ ତାହା ହିଁ ଆଶ୍ୱାସନାର ଶିଶିରକଣା ସିଞ୍ଚନ କରୁଥାଏ ବ୍ୟଥିତ ପ୍ରାଣରେ।

ଆଜି ଯାହାଙ୍କ ଅଶିତମ ଜୟନ୍ତୀ ସେ ହେଉଛନ୍ତି ଏ ସମାଜରେ ସେହିପରି ଏକ ମହତ ବ୍ୟତିକ୍ରମ। ୧୯୪୬ ମସିହା ଡିସେମ୍ବର ୪ ତାରିଖ ଦିନ ସେ ଏଇ ପୃଥିବୀରେ ଅକ୍ଷଲୋକ ଦେଖି କିପରି ଉତଫୁଲ୍ଲ ହୋଇଥିବେ ସେଇ ଦୃଶ୍ୟ ଆମେ ବା ଦେଖିବାର ସୁଯୋଗ ପାଆନ୍ତେ କିପରି ? ସେ ତ ଆମ ପିତୃପ୍ରତିମ। ତଥାପି କେହି ଯଦି ଚାହାଁନ୍ତି ତାଙ୍କ ସେଇ ସୁକୁମାର ଆନନ ଦେଖିବା ପାଇଁ, ତାହେଲେ ସେ ନୀଳାଦ୍ରି ସାରଙ୍କ ସନ୍ନିକଟ ହେଲେ ଦେଖି ପାରିବେ ନବ ଜନ୍ମିତ ସନ୍ତାନ ମୁଖର ସାରଲ୍ୟ। ଆଘ୍ରାଣ କରିପାରିବେ ଚନ୍ଦନର ବାସ୍ନା। ହୃଦୟ ଭିତରେ ତାହାର ସୁଶୀତଳ ପ୍ରଲେପ। ଅଶିବର୍ଷର ସେ କିଶୋର। ଅଶି ବର୍ଷର ତରୁଣ। କୁହାଯାଏ ଯେଉଁମାନେ ମହାକାଶ ଯାତ୍ରୀ, ସେମାନଙ୍କ ବୟସ ବଢେ ନା। ନୀଳାଦ୍ରି ସାର ଭାବର ମହାକାଶରେ ଅସୀମ ପଥର ଅଭିଯାତ୍ରୀ। ତାଙ୍କ ବୟସକୁ ପୃଥିବୀର ଦୂଷିତ ବାୟୁମଣ୍ଡଳ ମ୍ଳାନ କରିଦେଇ ପାରିବ କିପରି ? ଆମ ସାହିତ୍ୟ ଜଗତରେ କମ ବହି ଲେଖା ଯାଉନି। ମାତ୍ର ଅକପଟ, ଶ୍ରଦ୍ଧାଶୀଳ ସ୍ନେହୋଚ୍ଛଳ ଉଦା, ସହାନୁଭୂତି-ସମ୍ପନ୍ନ ହୃଦୟଟିଏ ଲାଭ କରିବା କଣ ସହଜସାଧ ?

ଏହା ଦ୍ୱାରା କେହି ଯେପରି ନ ଭାବନ୍ତି ଯେ ନୀଳାଦ୍ରି ସାର ଅତ୍ୟନ୍ତ ନରମ। ଯେଉଁମାନେ ଏ ସମାଜରେ ଭୁଲ ଠିକର ନିର୍ଦ୍ଧାରଣ କରିପାରନ୍ତି ନାହିଁ, କିମ୍ବା କରି ପାରୁଥିଲେ ମଧ୍ୟ ଅପ୍ରିୟ ହେବାର ଆଶଙ୍କାରେ ସତ୍ୟ ପ୍ରକାଶ ନ କରି ନିରବ ରହିବା ଶ୍ରେୟସ୍କର ମଣନ୍ତି-ପ୍ରଫେସର ହରିଚନ୍ଦନ ସେହି ସେହି ସ୍ତରର ଭଦ୍ରବ୍ୟକ୍ତି ନୁହନ୍ତି କିମ୍ବା ହେବା ପାଇଁ ଚାହିଁ ନାହାନ୍ତି। ପ୍ରକୃତ ସୃଜନଶୀଳ ଲେଖକ ଭିତରେ ଏପରି କୃତ୍ରିମତା କଦାଚିତ ରହିପାରେ ନାହିଁ। ସ୍ୱରଚିତ ନାଟକରେ ସେ ଶାସନ, ପ୍ରଶାସନ ପ୍ରତି ଯେଉଁ ତୀକ୍ଷଣ ବ୍ୟାଙ୍ଗାସ୍ତ୍ର ପ୍ରୟୋଗ କରିଛନ୍ତି, ତାହା ତାଙ୍କ ସ୍ୱାଭିମାନୀ ଆତ୍ମାର ସ୍ଫୁଲିଙ୍ଗ। ଖବର କାଗଜରେ ମଧ୍ୟ ସେ ଲେଖନୀ ଚାଳନ କରିଛନ୍ତି ନିର୍ଭୀକ ଚିତ୍ତରେ। ତେଣୁ ସେ ଶିଶୁ ପରି ସରଳ। ଆଉ ପରିବର୍ତ୍ତନ ପରିପ୍ରେକ୍ଷୀରେ ତରୁଣ ପରି ଶକ୍ତି-ସମ୍ପନ୍ନ। ସେ ଯେଉଁ ଉଚ୍ଚତର ଚେତନା ନେଇ ପବିତ୍ର ରଖିଛନ୍ତି ନିଜ ହୃଦୟକୁ ଓ ନିସ୍ୱାର୍ଥ ଭାବଧାରାରେ ଆପ୍ଳୁତ ହୋଇ ପ୍ରତିବାଦ କରିଛନ୍ତି ଦେଶର ଦ୍ୟୁତିମୟ ଭବିଷ୍ୟତ ପାଇଁ, ତାହା ସାମ୍ପ୍ରତିକ ଛାତ୍ର ସମାଜକୁ ଉଦବୁଦ୍ଧ କରୁ। ପ୍ରଫେସର ନୀଳାଦ୍ରି ଭୂଷଣ ହରିଚନ୍ଦନ ସତ ସାହସର, ଦୁଃସାହସର ପୁଣି ସରଳତା ଓ ନିର୍ମଳ ଅନୁରାଗର ଭାବ-ବ୍ୟଞ୍ଜନା ସୃଷ୍ଟି କରୁଥାନ୍ତୁ ସମ୍ପୂର୍ଣ୍ଣ ସୁସ୍ଥ ନିରାମୟ ଓ ସୁଦୀର୍ଘ ଜୀବନ ଲାଭ କରି, ଏହାହିଁ ବିଶ୍ୱ ନିଧକ୍ଷନଙ୍କ ନିକଟରେ ହାର୍ଦ୍ଦିକ ପ୍ରାର୍ଥନା।

ପରିଦର୍ଶକ ପ୍ରଫେସର, ଉତ୍କଳ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର



# ଭାତର ବାସ୍ନାରେ ସଂସ୍କୃତିର ଉଷ୍ମତା

ଡକ୍ଟର ଲକ୍ଷ୍ମଣ ସାହୁ

ଡିସେମ୍ବରର ଆଗମନ ସହିତ, ଶୀତ ଆରଂଭ ହୁଏ ଓ ନୂତନ ବର୍ଷକୁ ସ୍ୱାଗତ କରିବାକୁ ଅପେକ୍ଷା କରେ । କିନ୍ତୁ ଏଥିରେ ଆଉ ଏକ ବିଶେଷତା ଅଛି, ଏହି ମାସରେ କ୍ଷେତରୁ ଧାନ କଟାଯାଇ ଅମଳ ପାଇଁ ପ୍ରସ୍ତୁତ ହେବାକୁ ପଡିଥାଏ । ଭାରତରେ ଧାନକୁ ସମୃଦ୍ଧି ଓ ଧନର ଦେବୀ ଲକ୍ଷ୍ମୀଙ୍କ ସହିତ ଯୋଡ଼ି ଦିଆଯାଇଛି । କାରଣ ଓଡ଼ିଶାରେ ଏହି ମଗୁଶିର ମାସରେ ପ୍ରତି ଗୁରୁବାରରେ ମା ଲକ୍ଷ୍ମୀଙ୍କ ପୂଜା ପାଳନ କରାଯାଏ । ପ୍ରାୟତଃ ଧାର୍ମିକ ରୀତିନୀତିରେ ଧାନ ଶସ୍ୟର ଚାଉଳ ବ୍ୟବହାର କରାଯାଏ । ଏକ ଭିଏତନାମୀୟ ପ୍ରବାଦ ଅଛି ଯେ ଚାଉଳର ଶସ୍ୟକୁ 'ସ୍ୱର୍ଗର ମୁକ୍ତା' ବୋଲି କୁହାଯାଏ । ସେଭଳି ଆଉ ଏକ ଜାପାନୀ ପ୍ରବାଦରେ କୁହାଯାଇଛି, 'ଚାଷ ଯେତେ ପାଚିଲା, ଧନୁ ସେତେ ଗଭୀର।' ଏହାର ଅର୍ଥ ହେଉଛି ଜଣେ ବ୍ୟକ୍ତି ଯେତେ ଅଧିକ ଜ୍ଞାନୀ ଓ ପରିପକ୍ୱ ହୁଅନ୍ତି, ସେ ସେତେ ଅଧିକ ନମ୍ର ହୋଇଯାଆନ୍ତି । ଚାଉଳ ବାଣ୍ଟିବା ଆମର ସାଧାରଣ ମାନବିକତାକୁ ଆବିଷ୍କାର କରିବା ପରି ।

ଦେଖିବାକୁ ଗଲେ ଏହାର ଇତିହାସ ଅତ୍ୟନ୍ତ ଯେ କୌତୂହଳ ପୂର୍ଣ୍ଣ । ଭାରତୀୟ ଖାଦ୍ୟ ବ୍ୟବସ୍ଥାରେ, ଡାଲି ଓ ଭାତ ସହିତ ପରିବେଷଣ କରା ନ ଗଲେ ଏକ ପ୍ଲେଟ୍ ସମ୍ପୂର୍ଣ୍ଣ ବୋଲି ବିବେଚନା କରାଯାଏ ନାହିଁ । ସମଗ୍ର ବିଶ୍ୱରେ ୪୦,୦୦୦ ରୁ ଅଧିକ ପ୍ରକାରର ଚାଉଳ ଅଛି । ବିଶ୍ୱରେ ଚୀନ୍ ପରେ ଭାରତ ଚାଉଳ ଉତ୍ପାଦନରେ ଦ୍ୱିତୀୟ ସ୍ଥାନରେ ଥିଲା । ତଥାପି ଭାରତରେ ଚାଷ ଆରମ୍ଭ ହୋଇଥିଲା । ପଶ୍ଚିମରୁ ମହାନ ଆଲେକଜାଣ୍ଡର ପ୍ରଥମେ ଭାରତକୁ ଚାଉଳ ଆଣିଥିଲେ। ସାରା ବିଶ୍ୱରେ ଜଙ୍ଗଲୀ ଚାଉଳ ଚାଷ ହୋଇଥିଲା, କିନ୍ତୁ ଏହାର ସୁଗନ୍ଧ ଓ ସ୍ୱାଦ ଚାଉଳର ଲୋକପ୍ରିୟ ନାମ ଦେଇଥିଲା । ଭାତକୁ ଲାଟିନ୍ ?ରେ 'ଓରିଜା', ଇଂରାଜୀରେ 'ଚାଉଳ', ତାମିଲରେ 'ଆରିସି', ଆରବୀରେ 'ଅରାଜ', ସ୍ପାନିସ୍ ?ରେ 'ଆରୋଜ', ଗ୍ରୀକ୍ ?ରେ 'ରିଜି', ଇଟାଲୀୟରେ 'ରିସୋ', ଫରାସୀରେ 'ଲେ ରାଇଜ୍', ଜର୍ମାନରେ 'ରେଇସ୍', ସଂସ୍କୃତରେ 'ବ୍ରିହି' ଓ ତେଲୁଗୁରେ 'ବିଆମ୍' ନାମରେ ଜାଣନ୍ତି । ଆଶ୍ଚର୍ଯ୍ୟର କଥା ଫିଲିପାଇନ୍ସରେ ଏକ ଜିନ୍ ବ୍ୟାଙ୍କ ଅଛି ଯାହା ଅନେକ କାହାଣୀକୁ ପ୍ରେରଣା ଦେଇଛି । ଫିଲିପାଇନ୍ସର ନିଜସ୍ୱ 'ବାନାଉ' ଚାଉଳକୁ କୃଷିର ଅଷ୍ଟମ ଆଶ୍ଚର୍ଯ୍ୟ ବୋଲି ବିବେଚନା କରାଯାଏ। ଆଶ୍ଚର୍ଯ୍ୟର କଥା ହେଉଛି, ଏଠାରେ ଏକ ଟେରାସ୍ ଫାର୍ମ ଅଛି, ଯେଉଁଠାରେ ହଜାର ହଜାର ବର୍ଷ ପୁରୁଣା କ୍ଷେତ ସମୁଦ୍ର ପତ୍ତନରୁ ୩,୦୦୦ ଫୁଟ ଉଚ୍ଚତାରେ ଅବସ୍ଥିତ । ବିଭିନ୍ନ ପ୍ରକାରର ଗଛଲତା ଓ ପାହାଡ଼ ଉପରେ ପ୍ରବାହିତ ପାଣିର ଅନନ୍ୟ ସୁଗନ୍ଧ ମଧ୍ୟରେ ଧାନ ଫସଲର ଶୋଭା ଫୁଟିଥାଏ ।

ଅନନ୍ୟ ପ୍ରକାର ଓ ସ୍ୱାଦିଷ୍ଟ ଖାଦ୍ୟ ଭାରତର କିଛି ପ୍ରସିଦ୍ଧ ଚାଉଳ କିସମ କେବଳ ସେସବୁର ସ୍ୱାଦ ପାଇଁ ନୁହେଁ ବରଂ ମନମୋହକ ବାସ୍ନା ସୁଗନ୍ଧ ପାଇଁ ମଧ୍ୟ ପ୍ରସିଦ୍ଧ । ସେସବୁ ମଧ୍ୟରେ ମହାରାଷ୍ଟ୍ରର ଜିଆଇ ( ଏଓ) ଟ୍ୟାଗ୍ ହୋଇଥିବା ଆମ୍ବ ମୋହର ଚାଉଳ ମଧ୍ୟ ଅନ୍ତର୍ଭୁକ୍ତ । ଏହି ଶୀଘ୍ର ରନ୍ଧା ହେଉଥିବା, ଛୋଟ ଦାନାଯୁକ୍ତ ଚାଉଳକୁ ଭାତରେ ରନ୍ଧା କଲେ, ଆମ୍ବ ଫୁଲର ସୁଗନ୍ଧ ବାହାରିଥାଏ । ୱାୟାନାଡ଼ ଚାଉଳ ଏହାର 'ମୁଲ୍ଲାନ କାଝାମା' ବିରିୟାନି ପାଇଁ ପ୍ରସିଦ୍ଧ । ପଶ୍ଚିମବଙ୍ଗର ଏକ ଛୋଟ ପ୍ରକାରର ଚାଉଳକୁ ଗୋବିନ୍ଦ ଭୋଗ କୁହାଯାଏ । କୁହାଯାଏ ଯେ ଏହା ଜନ୍ମାଷ୍ଟମୀରେ ବିଶେଷ ଭାବରେ ଭଗବାନ ଶ୍ରୀକୃଷ୍ଣଙ୍କୁ ଅର୍ପଣ କରାଯାଏ ।

ସ୍ୱତନ୍ତ୍ର ଚାଉଳରୁ ତିଆରି ବଙ୍ଗାଳୀ କ୍ଷୀରି (ପାୟେଶ) ଏକ ସ୍ୱାଦିଷ୍ଟ ଖାଦ୍ୟ ଭାବରେ ବିବେଚନା କରାଯାଏ । ତାମିଲନାଡୁର ଏକ ଅତ୍ୟନ୍ତ ପତଳା, ଲମ୍ବା ଚାଉଳ, ସିରାଗ ସାମ୍ବା, ଏହି ରାଜ୍ୟରେ ତିଆରି ବିରିଆନିର ସିଗନେଚର ଡିସ୍ । କାଶ୍ମୀର ଉପତ୍ୟକାର କସ୍ତୁରୀ ବୁଡଜୀ ଚାଉଳ ପ୍ରତ୍ୟେକ ଶୁଭ ଅବସରରେ ଏକ ମୁଖ୍ୟ ଖାଦ୍ୟ ଭାବରେ ପରିଚିତ । ପଶ୍ଚିମବଙ୍ଗର ରାନ୍ଧୁଣୀ ପାଗୋଲ ଚାଉଳର ସୁଗନ୍ଧ ନିଶାକର । ଏହା ବିଶେଷକରି ଚିଙ୍ଗ୍ରି ମଲାଇ କରି ଏବଂ କୋଷା ମାଙ୍ଗସୋ ଭଳି ଖାଦ୍ୟରେ ବ୍ୟବହୃତ ହୁଏ । ମଣିପୁରର ଉପତ୍ୟକାରେ ଚାଷ ହେଉଥିବା ଚାଉଳ ଏହାର ଅନନ୍ୟ ଗୁଣ ପାଇଁ ପ୍ରସିଦ୍ଧ । ଯେତେବେଳେ ଏହି ଚାଉଳରୁ କ୍ଷୀରି ତିଆରି କରାଯାଏ, ସେତେବେଳେ ଏହା କ୍ଷୀରିରେ ଭାତ ରାନ୍ଧିବା ସହିତ ବାଇଗଣୀ ରଙ୍ଗ ଗ୍ରହଣ କରେ । ମଣିପୁରର ପର୍ବପର୍ବାଣୀ ସମୟରେ ଏହି ଖାଦ୍ୟକୁ ଶୁଭ ବୋଲି ବିବେଚନା କରାଯାଏ । ଡେରାଡୁନର ବାସୁମତୀ ଚାଉଳ ବିଶ୍ୱବ୍ୟାପୀ ପ୍ରସିଦ୍ଧ । ଆଫଗାନିସ୍ତାନର ଶାସକଙ୍କୁ ଏହାକୁ ଭାରତ ଆଣିବାର ଶ୍ରେୟ ଦିଆଯାଏ । ଏହି ଚାଉଳ ପୁଷ୍ଟିକର ଦୃଷ୍ଟିରୁ ମଧ୍ୟ ସର୍ବୋତ୍ତମ ।

ଏହି ଚାଉଳ ବିଷୟରେ କୁହାଯାଏ ଯେ ଯଦି ଏହି ଚାଉଳ ଗୋଟିଏ ଘରେ ରନ୍ଧା ହୁଏ, ତେବେ ସମଗ୍ର ଗାଁ ଏହା ବିଷୟରେ ଜାଣିପାରେ । କାରଣ ଏହାର ଅନନ୍ୟ ସୁଗନ୍ଧ ସମଗ୍ର ଗାଁର ପରିବେଶକୁ ପୂର୍ଣ୍ଣ କରିଦିଏ । ଆସାମରେ ଭୋକା ଚାଉଳ କିମ୍ବା ଆସାମୀୟ ନରମ ଚାଉଳ ଅଛି, ଯାହାର ଇତିହାସ ୧୭ ଶତାବ୍ଦୀ ସହିତ ଜଡିତ । କୁହାଯାଏ ଯେ ଅହୋମ ସୈନିକମାନେ ଯୁଦ୍ଧ ସମୟରେ ଏହି ଚାଉଳକୁ ରାସନ ଭାବରେ ବ୍ୟବହାର କରୁଥିଲେ । ଜିଆଇ (ଏଓ) ଟ୍ୟାଗ୍ ପାଇ, ଆସାମ ରାଜ୍ୟ ଏହି ସ୍ୱତନ୍ତ୍ର ଚାଉଳ ଉପରେ ଆଇନଗତ ଅଧିକାର ପାଇଛି । ଏହି ଚାଉଳକୁ ରାନ୍ଧିବା ପାଇଁ ଇନ୍ଧନ ଆବଶ୍ୟକ ହୁଏ ନାହିଁ । ସାଧାରଣ ତାପମାତ୍ରାରେ ପାଣିରେ ଭିଜାଇ ଚାଉଳ ପ୍ରସ୍ତୁତ ହୁଏ । ଆସାମରେ ଏହାକୁ ଦହି, ଗୁଡ଼, ଚିନି ଓ କ୍ଷୀର ସହିତ ଖିଆଯାଏ ।

ପରିବର୍ତ୍ତିତ ସମୟରେ ନୂଆ ନୂଆ ଭାତ ଖାଦ୍ୟ ମଧ୍ୟ ଦେଖାଯାଇଛି । କ୍ଷୀରି ହେଉ କି ପୁଲାଓ, ବିରିୟାନି କିମ୍ବା ଯେକୌଣସି ମିଠା ଖାଦ୍ୟ । ଏହି ଖାଦ୍ୟରେ ଏବେ ନୂତନ ସ୍ୱାଦ ବ୍ୟବହାର କରାଯାଉଛି । ଯେତେବେଳେ ବିରିୟାନି କଥା ଆସେ, ଆମ ଦେଶରେ ଲୋକମାନେ ଏହାକୁ ସ୍ୱାଦର ସହିତ ଉପଭୋଗ କରନ୍ତି । କିନ୍ତୁ ବର୍ତ୍ତମାନ ସାରା ବିଶ୍ୱରେ ଭାରତୀୟ ଖାଦ୍ୟ ଉପଭୋଗ କରିବାକୁ ଆଗ୍ରହୀ ଲୋକଙ୍କ ସଂଖ୍ୟା ଦ୍ରୁତ ଗତିରେ ବୃଦ୍ଧି ପାଉଛି । ଏକ ଆକର୍ଷଣୀୟ ଘଟଣା ହେଉଛି ଯେ ୨୦୧୪ ମସିହାରେ ଧୋନିଙ୍କ ଆଇପିଏଲ (ଓଚଖ) ଦଳ, ଚେନ୍ନାଇ ସୁପର କିଙ୍ଗସ୍, ହାଇଦ୍ରାବାଦର ଏକ ପଞ୍ଚତାରକା ହୋଟେଲରେ ରହୁଥିଲେ । ଏହି ସମୟରେ, ସାଥୀ ଅମ୍ବାତି ରାୟୁଡୁ ଧୋନି ଓ ସମଗ୍ର ଦଳ ପାଇଁ ସ୍ୱାଦିଷ୍ଟ ଘରେ ରନ୍ଧା ବିରିୟାନି ପଠାଇଥିଲେ । ଯେତେବେଳେ ସମସ୍ତେ ବୋର୍ଡ ରୁମରେ ବିରିୟାନି ଉପଭୋଗ କରିବା ଆରମ୍ଭ କଲେ, ହୋଟେଲ କର୍ମଚାରୀମାନେ କହିଲେ ଯେ ସେମାନେ ହୋଟେଲରେ ବାହାର ଖାଦ୍ୟ ଖାଇପାରିବେ ନାହିଁ । ଏହି ମନା ପରେ, ସମଗ୍ର ଦଳ ପାଇଁ ବୁକ୍ କରାଯାଇଥିବା ସମସ୍ତ ୧୮୦ ରୁମ ବାତିଲ କରାଯାଇଥିଲା ଓ ସେମାନଙ୍କ ପାଇଁ ଅନ୍ୟତ୍ର ବ୍ୟବସ୍ଥା କରାଯାଇଥିଲା। ହାଇଦ୍ରାବାଦୀ ହେଉଛି ସବୁଠାରୁ ସ୍ୱାଦିଷ୍ଟ ଭାରତୀୟ ଖାଦ୍ୟ ମଧ୍ୟରୁ ଗୋଟିଏ । ପ୍ରାଚୀନ ଭାରତୀୟ ଗ୍ରନ୍ଥଗୁଡ଼ିକରେ ବିଭିନ୍ନ ଭାତ ଖାଦ୍ୟର ମଧ୍ୟ ଉଲ୍ଲେଖ ଅଛି, ଯେଉଁଥିରେ ଭାତ, ଗୁଡ଼ ଓ କ୍ଷୀର ସହିତ ପ୍ରସ୍ତୁତ 'ବିଷ୍ୟନ୍ଦ୍ରକା' ନାମକ ଏକ ଖାଦ୍ୟ ଅନ୍ତର୍ଭୁକ୍ତ । ସମାନ ପ୍ରକାରର ଏକ ଖାଦ୍ୟକୁ 'ଉତ୍ରେକା' କୁହାଯାଏ । 'ପୁପାଳିକା' ନାମକ ଏକ ଖାଦ୍ୟ, ଏକ ପ୍ରକାରର କେକ୍, ପ୍ରଚୁର ପରିମାଣର ମହୁ ସହିତ ପ୍ରସ୍ତୁତ କରାଯାଇଥିଲା ।

ଚାଉଳକୁ ନେଇ ଧାର୍ମିକ କାହାଣୀରେ ଆକର୍ଷଣୀୟ କଥା ରହିଛି। ହିନ୍ଦୁ ଧର୍ମରେ, ଧାର୍ମିକ ରୀତିନୀତିରେ ଚାଉଳ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ । ସମ୍ପୂର୍ଣ୍ଣ, ଅଖଣ୍ଡ ଚାଉଳର ଦାନା ବିଶେଷ ଗୁରୁତ୍ୱ ରଖେ। କପାଳରେ ତିଳକ (ଭାତର ଚିହ୍ନ) ଲଗାଇବା ଶୁଭତାର ପ୍ରତୀକ । ଧଳା ଚାଉଳକୁ ମଧ୍ୟ ଶାନ୍ତିର ପ୍ରତୀକ ଭାବରେ ବିବେଚନା କରାଯାଏ । ପ୍ରତ୍ୟେକ ପୂଜାରେ, ସମୟର ସୁଗମତା ପାଇଁ ପ୍ରାର୍ଥନା କରିବା ପାଇଁ ଅର୍ଘ୍ୟ (ଭାତ ଅର୍ପଣ) ଭାବରେ ଚାଉଳ ଅର୍ପଣ କରାଯାଏ । ହଳଦିଆ ଚାଉଳ ସହିତ ଜଡିତ ଅନେକ ରୀତିନୀତି ମଧ୍ୟ ଲୋକପ୍ରିୟ । ଭାରତୀୟ ସଂସ୍କୃତିରେ ବିବାହ ଉତ୍ସବ ସମୟରେ, ନବବିବାହିତ ଦମ୍ପତିଙ୍କୁ ଚାଉଳ ଛିଞ୍ଚି ସେମାନଙ୍କ ନୂତନ ଜୀବନ ପାଇଁ ସମୃଦ୍ଧିର ଆଶୀର୍ବାଦ ଦିଆଯାଏ । ଚୀନରେ ଏକ ବିଶ୍ୱାସ ଅଛି ଯେ ଜଣେ ଯୁବତୀ ତାଙ୍କ ଥାଳିରେ ଯେତେ ଚାଉଳର ଦାନା ଅଖାଦ୍ୟ ଛାଡିବେ ତାହା ତାଙ୍କ ଭବିଷ୍ୟତ ସ୍ୱାମୀଙ୍କ ମୁହଁରେ ସମାନ ସଂଖ୍ୟକ ବ୍ରଣ ହେବ, ହୁଏତ ଅବଶିଷ୍ଟ ଚାଉଳ ପ୍ରସ୍ତୁତ ଅନ୍ନ ଖାଦ୍ୟ ନ ରଖିବାର ଅଭ୍ୟାସକୁ ପ୍ରୋତ୍ସାହିତ କରିବ ।

ସେହିପରି ଇଣ୍ଡୋନେସିଆରେ, ଏକ ନବବଧୂର ବାଛିବା ସେ କେତେ ଚାଉଳର ପାତ୍ର ପ୍ରସ୍ତୁତ କରିପାରିବେ ତାହା ଉପରେ ନିର୍ଭର କରେ।

(କ୍ରମଶଃ)

ଅଧ୍ୟକ୍ଷ, ମହାନଦୀବିହାର ମହିଳା ସ୍ନାତକ ମହାବିଦ୍ୟାଳୟ , କଟକ -୪
ମୋ: ୯୦୪୦ ୧୫୧୪ ୭୫




## ମୁଖ୍ୟସ୍ରୋତ

ବିନ୍ଦୁସାଗର ଓଝା

ଫିଙ୍ଗିଦିଅ ରାଇଫଲ୍
ଅକାମୀ କରିଦିଅ ବୋମା
ପୋଡ଼ିଦିଅ ଲାଲକିତାବ, ଲାଲପତ୍ରିକା
ଖୋଲିଦିଅ ମୁହଁରୁ କଳାକପଡ଼ା
ଏବେ ତୁମର ଘରୱାପସୀ
ଚାଲିଆସ !
ଚାଲିଆସ ଲାଲ୍-ଶିବିରରୁ !!
ଏବେ ତୁମେ ଗତି କର
ଦୁର୍ଗମରୁ ସୁଗମକୁ
ତୁମକୁ ଅପେକ୍ଷା କରିଛି
ଗୋଟିଏ ମୁକ୍ତଶୋଷଣର ମୁକ୍ତାହାଟ
ଆମେ ଏଠି ଜମି ଚଷି, ମଞ୍ଜି ବୁଣି
ଭଲ ଫସଲ ଅମଳ କରୁଛୁଁ
ଆମେ ଶିକ୍ଷିତ, ମାର୍ଜିତ,
ସଭ୍ୟ, ମାନ୍ୟଗଣ୍ୟ, ମହାମହିମ
ସର୍ବୋପରି ରାଷ୍ଟ୍ରଭକ୍ତ
ତୁମେ ବି ରାଷ୍ଟ୍ରଭକ୍ତ ହବ ଆସ !
ଆସ !, ଆସ !!
ଆଉ କେତେଦିନ ଶଢ଼ିବ ?
କେତେଦିନ ଆଉ ସନ୍ତୁଳି ହେବ
ବଣ, ପାହାଡ଼ମାନଙ୍କ ତାଡ଼ନାରେ ?
କେତେଦିନ ଆଉ ଆମ୍ବକୁ ଆମ୍ବ,
ଆମ୍ବଡ଼ାକୁ ଆମ୍ବଡ଼ା କହିବ ?
ଆସ !
ମୁଖା ପିନ୍ଧିବାର ମନ୍ତ୍ର ପଢ଼ିବ ଆସ !!
ଏଠି ହଁରେ ହଁ ମାରିଲେ ରାଜଭୋଗ
ଦିନ କେଇଟାରେ ମହାପୁରୁଷ
ଆହୁରି କେତେକ'ଣ
ଆସି ଛିଡ଼ାହେବେ ତୁମ ସାମ୍ନାରେ ।
ବରଂଶୁଣେଇଦିଅ ସେଇ ବଣ,
ପାହାଡ଼ମାନଙ୍କୁ
ଡିନାମାଇଟ୍-ର ରେରେକାର
ଦେଖିବ ତୁମକୁ ପଛୋଟିନେବ
ଗୋଟିଏ ଚିକିମିକିଆ ଜହ୍ନରାତି
ଯିଏ ଦେବ ଗ୍ରୀଷ୍ମରେ ଥଣ୍ଡା
ଆଉ ଶୀତରେ ତାତି
କେତେ କଅଁଳିଆ
କଅଁଳିଆ ଫୁଲମାନେ
ତୁମକୁ ଭିଡ଼ିଧରିବେ ତାଙ୍କ
ନବନୀତ ପାଖୁଡ଼ାରେ ।
ଆସ !, ଆସ !!
ମାଟିର ମଣିଷଙ୍କଠାରୁ
ମାଟି ଛଡେଇ ନିଅ !
ଦେଖିବ ଦିନ କେଇଟାରେ
ତୁମ ଗାଲର ମାଂସମାନେ
ଛାତି ଫୁଲେଇବେ
ତୁମ ପ୍ରତିମୂର୍ତ୍ତି ଶୋଭାପାଇବା ଥୁଆ
ଆସ ! ଆସ !!

+ମୁକୁନ୍ଦପୁର, ଅଚ୍ୟୁତପୁର,
ରାଜକନିକା
କେନ୍ଦ୍ରାପଡ଼ା -୭୫୪୨୨୦
ମୋ -୭୯୭୮୩୨୯୫୭୯

## ଦିବ୍ୟାଙ୍ଗ

ନୀଳମଣି ଚାନ୍ଦ

ଆନ୍ତର୍ଜାତୀୟ ଯେ ଭିନ୍ନକ୍ଷମ ଦିବସ
ଡିସେମ୍ବର ତିନି ତାରିଖ
ସମ୍ମାନ ଅଧିକାର ବୁଝାମଣାରେ
ଆଣିବା ତାଙ୍କୁ ତ ସମ୍ମୁଖ ॥
ସମାଜ ଆଗେ ଆତ୍ମବିଶ୍ୱାସ ସହ
ବଞ୍ଚିବା ପାଇଁ ସେମାନେ
ସମ୍ବେଦନଶୀଳ ହୋଇଣ ଆମେରେ
ଆଗେଇ ଯିବା ଦୃଢ଼ ମନେ ॥
ଶିକ୍ଷା ଓ ତାଲିମ ଯୋଗାଇ ଦେଲେ ତ
ବଢି ସାମାଜିକ ବୌଦ୍ଧିକ
ଯୋଗ୍ୟ ହୋଇ କରି ଭଙ୍ଗିବେ ଦିବ୍ୟଙ୍ଗ
ସାମାଜିକ ପ୍ରତିବନ୍ଧକ ॥
ସମାନାଭୂତିର ସହଯୋଗ ବଳେ
ବଢିବ ତାଙ୍କର ତ ମାନ
ଶିକ୍ଷିତ ହୋଇବେ,
ବଢ଼ିବେ ହୋଇଲେ
ଶାନ୍ତି ପୂର୍ଣ୍ଣ ସହାବସ୍ଥାନ ॥
ସ୍ୱତନ୍ତ୍ର ଶିକ୍ଷକ କଲେ ଶିକ୍ଷାଦାନ
ବଢିବ ତାଙ୍କର ପ୍ରଜ୍ଞାନ
ସ୍ୱାବଲମ୍ବୀ ହେବେ କର୍ତ୍ତବ୍ୟ କରିବେ
ରଖି ସମାଜରେ ଆସ୍ଥାନ ॥
ମିଳାମିଶା ଦ୍ୱାରା ମନୋ ବଳ ବୃଦ୍ଧି
ନିଶ୍ଚୟ ତାଙ୍କର ଘଟିବ
ପ୍ରଶିକ୍ଷିତ ହୋଇ ଦିବ୍ୟାଙ୍ଗ ବିଦ୍ୟାର୍ଥୀ
ରୋଜଗାରକ୍ଷମ ହୋଇବେ ॥
ହେୟ କରିବାନି ଦୟା ଦେଖାଅନି
ସେମାନେ ଈଶ୍ୱରଙ୍କ ଦାନ
ଜୀବନର ଯୁଦ୍ଧ ନିଜେ ତ ଲଢିବେ
ଖାଲି ଟିକେ ଦେବା ତ ଧ୍ୟାନ
ସ୍ନେହ କାଙ୍ଗାଳ ଆମ ମଣିଷ ଜାତି
ଈଶ୍ୱରଙ୍କର ଶ୍ରେଷ୍ଠ କୃତି
ହାତ ବଢାଇଲେ ଦୃଢ ତ ହୋଇବେ
ଦୃଢ କରି ନିଜର ସ୍ଥିତି ॥

+ବୀରମହାରାଜପୁର, ସୁବର୍ଣ୍ଣପୁର

ଧାରାବାହିକ ଉପନ୍ୟାସ

# ଦୂରନ୍ତ ଶିଖା

ଭାଗ-୮୯





ଡ. ସିନ୍ଧୁ ସେନ୍

ତାଙ୍କ ଚାରିପଟେ ରାକ୍ଷସୀ ମାନଙ୍କୁ ପ୍ରହରୀ ଭାବେ ରଖି ସମସ୍ତ ପ୍ରକାର ସୁବ୍ୟବସ୍ଥା କରିଥିଲି । ଏତକ ମଧ୍ୟ ଜାଣିଥିଲି ସୀତା ଅଶୋକବାଟିକାର ସୁସଜ୍ଜିତ କଠୋରି ମଧ୍ୟରେ ନରହି ଶିଂଶପା ବୃକ୍ଷତଳେ ବସି ରହିଥିଲା । ବର୍ଷା, ଶୀତ, କାକର, ଗ୍ରୀଷ୍ମ ତାପକୁ ସହ୍ୟ କରି ଅନବରତ ଧ୍ୟାନସ୍ଥ ରହୁଥିଲା । ତେଣୁ ଏଭଳି ଜଣେ ସତୀ ନାରୀକୁ ହତ୍ୟା କରିବା ଉଦ୍ୟମକୁ ସୁପାର୍ଶ୍ୱ ପଥରୋଧ କରି ମୋତେ ଅବାଟରୁ ବାଟକୁ ଫେରାଇ ଆଣିଥିବାରୁ ତା ପ୍ରତି ମୋର ମନରେ ସମବେଦନା ଜାଗି ଉଠୁଥିଲା । ତାକୁ କୃତଜ୍ଞତା ଜଣାଇ ତାର କର୍ମ ପାଇଁ ସାଧୁବାଦ ଦେଲି । ମୋ ଠାରୁ ସେସବୁ ଶୁଣି ବିନମ୍ରତାରେ ଗଦ୍‌ଗଦ୍ ହୋଇଉଠିଲା । ସେଦିନ ମୁଁ ମୋ କକ୍ଷକୁ ଫେରି ରାତିରେ ଭଲରେ ଶୋଇପାରି ନଥିଲି। ମୋ ମନ ତଳେ ଗଭୀର ଅନ୍ତର୍ଦ୍ୱନ୍ଦ୍ୱ । କ୍ଷଣିକ ଉତ୍ତେଜନାରେ ମୁଁ ଯେ ଆଗକୁ ପୁଣି କ'ଣ କରିବସିବି କିଏ ଜାଣେ ।

ବେଳେବେଳେ ଏମିତି ବି ହୁଏ ନିଜ ଅନ୍ତରର ବେଦନା କାହାରି ଆଗରେ ପ୍ରକାଶ କରିଦେଇ ପାରିଲେ ମନଟା ଟିକିଏ ହାଲୁକା ଲାଗେ । ମୋ ନିଜର ଭୟଙ୍କର ରୁଦ୍ରରୂପ ପାଇଁ ମୁଁ ଅତ୍ୟଧିକ ବିଚଳିତ ହୋଇ ପଡ଼ିଥିଲି। ଇଚ୍ଛା ହେଲା, ମନ୍ଦୋଦରୀଙ୍କ ଭବନ ଆଡ଼େ ଟିକିଏ ବୁଲି ଆସିଲେ ଭଲ ଲାଗନ୍ତା । ଇନ୍ଦ୍ରଜିତଙ୍କ ମୃତ୍ୟୁରେ ତାଙ୍କ ମଧ୍ୟ ଅଧୀର ହୋଇ ଉଠିଥିବ । ତାଙ୍କୁ ସାନ୍ତ୍ୱନା ଦେବା ପାଇଁ ତହିଁ ଆରଦିନ ରାତିରେ ମନ୍ଦୋଦରୀଙ୍କ କକ୍ଷ ଆଡ଼େ ଚାଲିଲି । ଯେତେ ଯାହା ହେଲେ ବି ସେ ମାଆ । ପୁତ୍ର ବିରହରେ ମାତା ମନ କେମିତି ହୋଇଥିବ ତାଙ୍କ ଚକ୍ଷୁ କାତର ଅଶ୍ରୁ କିଭଳି ହୋଇଥିବ । ଏସବୁ ଭାବି ତାଙ୍କୁ ସାନ୍ତ୍ୱନା ଦେବା ପାଇଁ ମନ୍ଦୋଦରୀଙ୍କ ସହ ସାକ୍ଷାତ କରିବାକୁ ମନସ୍ଥ କଲି ।

ମନ୍ଦୋଦରୀ ମୋର ଧର୍ମପତ୍ନୀ । କେବଳ ପତ୍ନୀ ନୁହେଁ ଶୁଭାକାଂକ୍ଷୀ ମଧ୍ୟ । ମୋର ପ୍ରତ୍ୟେକ କାର୍ଯ୍ୟରେ ସେ ହିଁ ଥିଲେ ପ୍ରେରଣାର ଉତ୍ସ । ମୋତେ ଅଧର୍ମ ମାର୍ଗରୁ ଧର୍ମ ମାର୍ଗକୁ ଆଣିବା ପାଇଁ ଅନେକ ଚେଷ୍ଟା କରିଛି । ହେଲେ ଦୁର୍ଭାଗ୍ୟ ମୁଁ କେବେବି ମନ୍ଦୋଦରୀର ପରାମର୍ଶ ଗ୍ରହଣ କରିନାହିଁ । ମୋର ଅହଂକାର, ଔଦ୍ଧତତାମୋତେ ପାଗଳ କରିଛି । ମୁଁ ଚକ୍ରବର୍ତ୍ତୀ ସମ୍ରାଟ ରାବଣ । ଚିରଦିନ ଅହଂକୁ ନେଇ ବଞ୍ଚି ରହିବାକୁ ଚାହେଁ । ଅନୀତି, ଅଧର୍ମ, ଅନାଚାର ଭିତ୍ତିଭୂମି ଉପରେ ପ୍ରତିଷ୍ଠିତ ରାବଣ ରାଜ୍ୟର ଯେ ପତନ ସୁନିଶ୍ଚିତ ଏହା ମୋତେ ମନ୍ଦୋଦରୀ ହିଁ ଅନେକଥର ସୂଚାଇ ଦେଇଥିଲେ । ମୁଁ କିନ୍ତୁ କେବଳ ତା କଥା କାହିଁକି କାହାରି କଥାକୁ କର୍ଣ୍ଣପାତ କରିନାହିଁ ।

ମନ୍ଦୋଦରୀ ଭବନକୁ ପ୍ରବେଶ କରି ମୁଁ ଯାହା ଦେଖିଲି ନିଜ ଆଖିକୁ ମଧ୍ୟ ବିଶ୍ୱାସ କରିପାରିଲି ନାହିଁ। ଲଙ୍କାର ରାଣୀ ଭବନର ସାଜସଜ୍ଜା ବେଶ୍ ସୁନ୍ଦର । ଆଉ ସେଥିରେ ପୁରି ସ୍ୱତନ୍ତ୍ର ଭାବେ ନିର୍ମିତ ମନ୍ଦୋଦରୀ ଭବନ । ସବୁ ସୌନ୍ଦର୍ଯ୍ୟର ଖଣି । ସତରେ ଯେମିତି ଏକ ଚିତ୍ରିତ ଉପବନ । ହେଲେ ସେଇ ଭବନରେ ଏବେ ଶ୍ମଶାନର ନିରବତା । କକ୍ଷରେ ରତ୍ନଦୀପ ନିଷ୍ପ୍ରଭ । ବିରାଟ କକ୍ଷ ମଧ୍ୟରେ ଅନ୍ଧକାର ରାଜୁତି ବାତାୟନର ପରଦା ଗୁଡ଼ିକ ଇତଃସ୍ତତଃ । ସାରା କକ୍ଷରେ ଯେମିତି ଶୋକାର୍ତ୍ତର ଏକ ଆର୍ତ୍ତ ଚିତ୍କାର । କକ୍ଷର ଗୋଟିଏ କୋଣରେ ମୂର୍ଚ୍ଛିତା ମନ୍ଦୋଦରୀ ତଳେ ଲୋଟି ପଡ଼ିଛନ୍ତି । ଦୁଇପାଖରେ ଦୁଇଜଣ ପରିଚାରିକା । ଲୁହ ଛଳଛଳ ଭାବେ ସେବାରତ। ମୁହଁ ତାଙ୍କର ଝାଉଁଳି ପଡ଼ିଛି । ମନ୍ଦୋଦରୀର ଏ ରୂପ ଦେଖି ମନରେ ଦୟା ଆସିଲା । ବିଚାରୀ ଏ ସବୁ ତ ମୋରି ପାଇଁ । ତାଙ୍କ ମୁହଁଟିକୁ ଧୀରେ ଆଉଁସି ଦେଲି । ମୋ ଆଖିରୁ ବି ଲୁହ ଗଡ଼ିପଡ଼ିଲା। ମନ୍ଦୋଦରୀ ଧୀରେଧୀରେ ସଂଜ୍ଞା ଫେରିପାଇ ଉଠିଲେ । ମୋତେ ଜାବୁଡ଼ି ଧରି ବିକଳ ଚିତ୍କାର କରି କାନ୍ଦିଲେ । କିଛିସମୟ ଧରି ଦୁହେଁ ଦୁହିଁଙ୍କୁ ଜାବୁଡ଼ି ଧରି ଅନେକ କାନ୍ଦିଲୁ । ଏଠି କିଏ କାହାକୁ ସାନ୍ତ୍ୱନା ଦେବ । ଲୁହ ହିଁ ସାନ୍ତ୍ୱନାର ପ୍ରତୀକ । ବୋହିଯାଉ ସେ ଲୁହ । ଅନ୍ତତଃ ପକ୍ଷେ ଏ ଲୁହ ସବୁ ଝରିଗଲେ ତ କିଛିଟା ଆଶ୍ୱସ୍ତି ମିଳିବ ।

ଗର୍ଭଧାରିଣୀ ମାଆ ସେ । ଶିଶୁ ଭଳି ଭୋ ଭୋ କରି କାନ୍ଦୁଥିଲେ । ମୋ ମୁହଁରୁ ମଧ୍ୟ କିଛି ସ୍ଫୁରୁ ନଥାଏ । କ'ଣ କହି ମୁଁ ତାଙ୍କୁ ସାନ୍ତ୍ୱନା ଦେବି । ପୁତ୍ର ଶୋକରେ ମୁଁ ଯେତେବେଳେ ନିଜେ ଅଧୀର ହୋଇପଡୁଛି । ମାଆଟିକୁ ବା କି ସାନ୍ତ୍ୱନା ଦେବି । ତଥାପି କହିଲି ରାଣୀ ତୁମେ ବୀରପୁତ୍ର ଜନନୀ । ଜନ୍ମ ମୃତ୍ୟୁ କାହାରି ହାତରେ ନାହିଁ । ଏସବୁ ବିଧିର ବିଧାନ । ଯାହା ଘଟିବାର ଥିବ ନିଶ୍ଚୟ ଘଟିବ । ଆମ ପୁତ୍ର ଭାଗ୍ୟବାନ ଯୁଦ୍ଧଭୂମିରେ ବୀରତ୍ୱର ସହ ଲଢ଼ି ବୀରଗତି ପାଇଛି। ଏହା ତ ଆମପାଇଁ ଗର୍ବର କଥା । ସମସ୍ତେ ତ ଦିନେ ନା ଦିନେ ମରିବା । ତେବେ ସେହି ମୃତ୍ୟୁ ଯଦି ଆଗାମୀ ଯୁଗ ପାଇଁ ସ୍ମରଣୀୟ ହୋଇପାରିଲା ତାହାହିଁ ବଡ଼କଥା । ଦେଖ ରାଣୀ, ମୋତେ ଦେଖ ମୁଁ ବି ତାର ପିତା । ତାର ମୃତ୍ୟୁରେ ମୁଁ ଯଦି ଦୁଃଖ ନ କରୁଛି ତୁମେ କାହିଁକି ଅଧୀର ହେଉଛ । ବରଂ ଇନ୍ଦ୍ରଜିତ ଯେଭଳି ବୀରତ୍ୱର ସହ ଯୁଦ୍ଧ କରିଥିଲା ତାହା ଆଗାମୀ ଇତିହାସରେ ଏକ ଦୃଷ୍ଟାନ୍ତ ହୋଇ ରହିଯିବ । ଯୁଗଯୁଗ ପାଇଁ ଇତିହାସ ବକ୍ଷରେ ଇନ୍ଦ୍ରଜିତ ଅମର ହୋଇ ରହିଯିବ । ତେଣୁ ଆସ, ଆମେ ଦୁହେଁ ତାର ଆତ୍ମାର ସଦ୍‌ଗତି ପାଇଁ ଈଶ୍ୱରଙ୍କ ଠାରେ ପ୍ରାର୍ଥନା କରିବା।

ମନ୍ଦୋଦରୀଙ୍କୁ କିନ୍ତୁ ସାନ୍ତ୍ୱନା ଦେବାଟା ଏତେ ସହଜ ନଥିଲା । ସେ ପ୍ରଳାପ କରି କହୁଥିଲା ଏସବୁ କଥା ସହଜରେ କହିଦେବା ଯେତେଟା ସହଜ, ତାକୁ ସହିବା ଏତେ ସହଜ ନୁହେଁ ମହାରାଜ । ମାଆ ମୁଁ । ସ୍ନେହରେ ଅନ୍ଧୁଣୀ । ମୋରି ସାମ୍ନାରେ ପୁତ୍ର ମୋର ଚାଲିଯିବ, ଏହାକୁ ମୁଁ କେମିତି ସହିବି। ତୁମେ ତୁମ ଜିଦ୍ ପାଇଁ ସିନା ଗୋଟିଗୋଟି କରି ସମସ୍ତଙ୍କୁ ବଳି ପକାଇ ଦେଉଛ ହେଲେ ଥରେ ଭାବିଛ କେବଳ ମୁଁ ଏକାକୀ ନୁହେଁ, ଏ ଲଙ୍କାରାଜ୍ୟର କେତେ ପୁତ୍ରହରା ମାତାଙ୍କର ଆଖିରେ ଧାରଧାର ହୋଇ ଲୁହ ଝରିଯାଉଛି । ଏହାକୁ କ'ଣ କେହି ପୋଛି ଦେଇ ପାରିବ ? କୁହ ଲଙ୍କେଶ, ତୁମେ କ'ଣ କେବେ ସେହି ସନ୍ତାନହରା ମାତା ମାନଙ୍କ ସନ୍ତାନକୁ ତାଙ୍କ କୋଳକୁ ଫେରାଇ ପାରିବ ? ସେମାନଙ୍କ ଆଖିରୁ ଲୁହ ପୋଛି ଦେଇ ପାରିବ ? ମୁଁ ଯେତେ ଚେଷ୍ଟାକଲେ ବି ମନ୍ଦୋଦରୀକୁ ବୁଝାଇ ପାରୁନଥିଲି । ଲୁହଭରା ବେଦନାଯୁକ୍ତ ରାତ୍ରିରେ ମୁକ୍ତକେଶୀ ମନ୍ଦୋଦରୀ ଉନ୍ମାଦିନୀ ଭଳି ଚିତ୍କାର କରୁଥିଲା । ଅତି କରୁଣ ଥିଲା ସେ ଶୋକର ଗୁଞ୍ଜରଣ । ସେଦିନ ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ ମନ୍ଦୋଦରୀ ଭବନରେ ଅଟକି ଯାଇଥିଲି । ନିଜକୁ ଅପରାଧି ଅପରାଧି ଲାଗୁଥିଲା। କିନ୍ତୁ ମୋତେ ତ ଏ ଅସହ୍ୟ ବେଦନାକୁ ସହିବାକୁ ପଡ଼ିବ କାରଣ ମୁଁ ରାବଣ। ରାବଣତ୍ୱ ହିଁ ମୋ ପାଇଁ ଶ୍ରେଷ୍ଠ ।

ବହୁ କଷ୍ଟ, ଦୁଃଖ, ଅବସାଦ ମଧ୍ୟରେ ମନ୍ଦୋଦରୀ ଭବନରୁ ବାହାରକୁ ଆସିଲି ସତ, ହେଲେ ସାରା ରାତି ଉଜାଗରରେ ବିତିଗଲା ।

॥ ବୟାଳିଶ ॥

ତହିଁ ପରଦିନ ସକାଳ । ପ୍ରାତଃକାଳରେ ସାମୁଦ୍ରିକ ଶୀତଳ ପବନ ବାଜି ଏକ ଶିହରଣ ଖେଳା ଦେଉଥାଏ । ପ୍ରଭାତର ଆଗମନୀ ସୂଚନା ଦେଇ ପୂର୍ବାକାଶରେ ସୂର୍ଯ୍ୟଙ୍କ କନକ ରଶ୍ମି ଉଦ୍‌ଭାସିତ ହୋଇ ଉଠୁଥିଲା । ବାହାରେ କିଛିସମୟ ପଦଚାରଣ କଲି । ଶୀଘ୍ର ଶୀଘ୍ର ନିତ୍ୟକର୍ମ ସାରିଦେଇ ଶିବପୂଜା ନିମନ୍ତେ ଶିବାଳୟ ଉଦ୍ଦେଶ୍ୟରେ ବାହାରିଲି । ଚିରଦିନ ମୁଁ ଶିବଭକ୍ତ । ଶିବଙ୍କ ଆଶୀର୍ବାଦରୁ ଚନ୍ଦ୍ରହାସ ଖଡ୍ଗ ପ୍ରାପ୍ତ ହୋଇଚି । ଯେଉଁ ଖଡ୍ଗ ଦ୍ୱାରା ମୁଁ ଅନେକ ଯୁଦ୍ଧଯାତ୍ରାରେ ବିଜୟଲାଭ କରିପାରିଛି । ଶିବ ତେଣୁ ମୋ ପ୍ରାଣ ଦେବତା। ତାଙ୍କ ଆଶୀର୍ବାଦ ମୋ ଚଲାପଥରେ ଶ୍ରେୟ।

ଦେବାଳୟରେ ଶିବପୂଜାରେ ରତ ଥାଏ। ଶିବଙ୍କ ମସ୍ତକରୁ ଖସିପଡ଼ିଲା ଫୁଲଟିଏ। ଅତି ଆଗ୍ରହରେ ତୋଳିଧରିଲି ଫୁଲ । ଏହାହିଁ ତ ମୋ ପାଇଁ ଆଶୀର୍ବାଦର ଫୁଲ । ଭକ୍ତପ୍ରାଣ ପ୍ରଭୁ ମହାଦେବ ଶଙ୍କରଙ୍କର ଅସୀମ ଦୟା ମୋରି ଉପରେ । ମୁଁ ତେଣୁ ଭାଗ୍ୟବାନ । ହାତଯୋଡ଼ି ପ୍ରଣାମ କଲି ପ୍ରଭୁ ଆଜିର ସମର ତ ହେବ ମୋର । ଲଙ୍କାଧିପତି ରଣେନ୍ଦ୍ରଙ୍କର। ପୁତ୍ରହରା ପିତା ରାବଣର । ତୁମେ ହିଁ ମୋତେ ସହାୟ ହେବ ପ୍ରଭୁ ।

ଯୁଦ୍ଧଯାତ୍ରା ପାଇଁ ସୈନ୍ୟମାନଙ୍କୁ ରଥ ପ୍ରସ୍ତୁତ କରିବାକୁ କହିଲି । ଯୁଦ୍ଧ ପାଇଁ ନିଜକୁ ପ୍ରସ୍ତୁତ କଲି । ସେଦିନ ଯୁଦ୍ଧକ୍ଷେତ୍ରରେ ରାମଙ୍କୁ ମୋତେ ସାମନା କରିବାକୁ ପଡ଼ିଲା । ମୁଁ ବି ସେଇଆ ଚାହୁଁଥିଲି । ରାମଙ୍କୁ ଶରମାରି ଆହତ କରିବାକୁ । ପ୍ରାଣପଣେ ଚେଷ୍ଟାକଲି । ମାତ୍ର ରାମଙ୍କ ଶରରେ ମୋ ରଥ ଭାଂଗିଗଲା । ଅସ୍ତ୍ର ବି ନିଃଶେଷ ହୋଇଯାଇଥିଲା । ରାମ ମୋର ଏମିତି ଅବସ୍ଥା ଦେଖି କହିଲେ, ହେ ରଣେନ୍ଦ୍ର ନିରସ୍ତ୍ର ଉପରକୁ ମୁଁ ଅସ୍ତ୍ର ପ୍ରହାର କରେନା । ଆଜିପାଇଁ ତୁମେ ଫେରିଯାଅ । ଆଗାମୀ କାଲି ପୁଣି ଅସ୍ତ୍ରଶସ୍ତ୍ର ସଜ୍ଜିତ ହୋଇ ଆସ । ଆଜି ପାଇଁ ଏତିକିରେ ଯୁଦ୍ଧ ଶେଷ ହେଉ । ରାମଙ୍କର ଏପରି ଉଦାରତାକୁ ମୁଁ ମନେମନେ ପ୍ରଶଂସା କରୁଥିଲି । ରାମ ତ ଚାହିଁଥିଲେ ମୋତେ ମାରି ଦେଇ ପାରିଥାନ୍ତେ।

(କ୍ରମଶଃ)


+ବାରବାଟୀ, ବାଲେଶ୍ୱର
(ମୋ)୯୩୩୭୫୮୦୦୪୫


## ମୋ ଗାଁର ଶୀତ ସକାଳ


ପୂଜା ସାହୁ


ସକାଳର ଥଣ୍ଡା କୁହୁଡି ପାଗରେ
ଆଖିଖୋଲି ଝର୍କାକୁ ତୀର୍ଯ୍ୟକ ଦୃଷ୍ଟି ଦେଲି।
ସହରରେ ଶୀତ ଯେମିତି ମ୍ଳାନ ହୋଇପଡେ
ଆଖି ଆଗରେ ଦୋଳାୟମାନ ହୁଏ
ସେ ପିଲାଦିନେ ମୋ ଗାଁର ଶୀତ ସକାଳ।

ସ୍ନେହସଜଳ ଦୃଷ୍ଟିରେ
ସୂର୍ଯ୍ୟ ଯେମିତି ଚାହିଁଥାନ୍ତି
ରକ୍ତିମ ବର୍ଣ୍ଣ କିରଣରେ
ହାଲକା ଗରମ ଦେଇ ବାଣ୍ଟୁଥାନ୍ତି
ବୁଝୁଥାନ୍ତି ସାରା ଗାଁ ଲୋକଙ୍କ ଜଞ୍ଜାଳ
ସେ ପିଲାଦିନେ ମୋ ଗାଁର ଶୀତ ସକାଳ।

ଧରାବନ୍ଧା ଜୀବନର ଗତାନୁଗତିକ ଧାରାରେ
କୃଷକ ସକାଳୁ ହଳ ନେଇ
କ୍ଷେତକୁ ବାହାରେ।
କୁହୁଡି ଆଚ୍ଛାଦିତ ପାହାଡ଼
ଆକାଶ ସହ ମିଶିଯାଏ
ବିହଙ୍ଗ ଅଳସ ଭାଙ୍ଗି
ଖାଦ୍ୟ ଅନ୍ୱେଷଣ କରେ।
ବୃଦ୍ଧାଙ୍କ ନିଆଁପୁଆ ଦୃଶ୍ୟ ତ ଆଜିକାଲି ବିରଳ
ମୋ ଗାଁର ଶୀତ ସକାଳ।

ନିମିଷେ ଯନ୍ତ୍ରଣା ଜର୍ଜର ଜୀବନ
ତିରୋହିତ ହୋଇ ସୁଖ ସୁରଭି ହୁଏ ପ୍ଲାବନ।
ବୁଢ଼ାରୁ ବାଲ୍ୟ -ବାଲ୍ୟରୁ ଯୁବକ
ସମସ୍ତେ ଶୀତର ଆନନ୍ଦ
ଲୁଟିବାରେ ଥାନ୍ତି ତଲ୍ଲିନ।
ମୋ ଗାଁର ଶୀତ ସକାଳ।


+ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ,
ଦ୍ୱିତୀୟ ବର୍ଷ, (ଓଡ଼ିଆ ବିଭାଗ)
ଜିଲ୍ଲା -ନୟାଗଡ


## ଦିବ୍ୟାଙ୍ଗ


ଅସୀମା ପ୍ରଧାନ


ଆନ୍ତର୍ଜାତୀୟ ଯେ ଭିନ୍ନକ୍ଷମ ଦିବସ
ଡିସେମ୍ବର ତିନି ତାରିଖ
ସମ୍ମାନ ଅଧିକାର ବୁଝାମଣାରେ
ଆଣିବା ତାଙ୍କୁ ତ ସମ୍ମୁଖ।
ସମାଜ ଆଗେ ଆତ୍ମବିଶ୍ୱାସ ସହ
ବଞ୍ଚିବା ପାଇଁ ସେମାନେ
ସମ୍ବେଦନଶୀଳ ହୋଇଣ ଆମେରେ
ଆଗେଇ ଯିବା ଦୃଢ଼ ମନେ।
ଶିକ୍ଷା ଓ ତାଲିମ ଯୋଗାଇ ଦେଲେ ତ
ବଢି ସାମାଜିକ ବୌଦ୍ଧିକ
ଯୋଗ୍ୟ ହୋଇ କରି ଭଙ୍ଗିବେ ଦିବ୍ୟଙ୍ଗ
ସାମାଜିକ ପ୍ରତିବନ୍ଧକ।
ସମାନାଭୂତିର ସହଯୋଗ ବଳେ
ବଢିବ ତାଙ୍କର ତ ମାନ
ଶିକ୍ଷିତ ହୋଇବେ, ବଢ଼ିବେ ହୋଇଲେ
ଶାନ୍ତି ପୂର୍ଣ୍ଣ ସହାବସ୍ଥାନ।
ସ୍ୱତନ୍ତ୍ର ଶିକ୍ଷକ କଲେ ଶିକ୍ଷାଦାନ
ବଢିବ ତାଙ୍କର ପ୍ରଜ୍ଞାନ
ସ୍ୱାବଲମ୍ୱୀ ହେବେ କର୍ତ୍ତବ୍ୟ କରିବେ
ରଖି ସମାଜରେ ଆସ୍ଥାନ।
ମିଳାମିଶା ଦ୍ୱାରା ମନୋ ବଳ ବୃଦ୍ଧି
ନିଶ୍ଚୟ ତାଙ୍କର ଘଟିବ
ପ୍ରଶିକ୍ଷିତ ହୋଇ ଦିବ୍ୟାଙ୍ଗ ବିଦ୍ୟାର୍ଥୀ
ରୋଜଗାରକ୍ଷମ ହୋଇବେ।
ହେୟ କରିବାନି ଦୟା ଦେଖାଅନି
ସେମାନେ ଈଶ୍ୱରଙ୍କ ଦାନ
ଜୀବନର ଯୁଦ୍ଧ ନିଜେ ତ ଲଢିବେ
ଖାଲି ଟିକେ ଦେବା ତ ଧ୍ୟାନ
ସ୍ନେହ କାଙ୍ଗାଳ ଆମ ମଣିଷ ଜାତି
ଈଶ୍ୱରଙ୍କର ଶ୍ରେଷ୍ଠ କୃତି
ହାତ ବଢାଇଲେ ଦୃଢ ତ ହୋଇବେ
ଦୃଢ କରି ନିଜର ସ୍ଥିତି।


+ବୀରମହାରାଜପୁର,
ସୁବର୍ଣ୍ଣପୁର


## ସାଗରଗାମିନୀ


ସୁଲକ୍ଷଣୀ ସାହୁ


ସଙ୍କଳ୍ପର ଧାରେ ସୁଅରୁ ଝରି ନିଗିଡ଼େ
ଟପ୍ ଟାପ୍ ମୋ ଅପ୍ରଭ ଉନ୍ମାଦ
ଛିଟିକି ପଡେ ପାହାଡ଼ର ଅଲିଅଳ ପଣରୁ
ଟୋପା ଟୋପା ଶତ ଅପୂର୍ଣ୍ଣ ମୋହ।

ମୁକୁଳୀତ ଆକାଂକ୍ଷାରଗୁଚ୍ଛ
ମନେ ତୋଳି ଉନ୍ମୁକ୍ତ ଭାବ
ବୋହିଚାଲେ ନତ ମସ୍ତକେ ଅନବରତ
ଗୁମାନେ ନ ହୁଏ ଉପର ମୁହାଁ
ଭୂମି ମନସ୍କ କଅଁଳା ମନ ଆତୁରେ
ଜାକି ଧରେ ମାଆର ପଣତ।

ଖସି ଆହତ ହେବା ଶଙ୍କା ନ ଘାରେ
ଅହରହ ତତ୍ପର ଗତିପଥ ସନ୍ଧାନେ
ଧାଉଁ ଥାଏ ମତୁଆଲା ଚିତ୍ତେ
ନହୋଇ ପ୍ରତିରୋଧେ ଅନ୍ତର୍ଦ୍ଧାନ
ଝରରୁ ନଈ ହୁଏ ଆୟତନ ବିସ୍ତାରି
କୁଳୁକୁଳୁ ନାଦେ ଗାଇଚାଲେ
ସଭିଙ୍କ ତୃଷ୍ଣା ନିବାରି।

ଫଅଁଫଅଁ ବେଳାରୁ ରାତି ଶେଷ ଘଡି
ନ ଅଟକେ ଦଣ୍ଡେ
ପବନ ଝୁଲଣାରେ
କେବେ ଥିରି ଥିରି ପୁଣି ତଡତଡ ଘାରି
କମ୍ପନେ ଝୁମି ଉଠେ।

ଢିପା ପଥର ଚଟାଣେ ଘୋଷାରି ହୁଏ
କେତେ ଧକ୍କା ଖେଞ୍ଚଣା ତଡାଖାଏ
ନ ଡରି ନ ମଉନି ଖୁପୁରୁଖୁପୁରୁ ବେଗେ
ବେଢଙ୍ଗ ପଣେ ଉଚ୍ଛୁଳି ପଡେ

ଥକି ଢୁଳୁଢୁଳୁ ମୋ ବହନ୍ତା ବିସ୍ତାରଣେ
ତାରା ଫୁଲ ମେଳେ
ଉଦ୍ୟୋତ ସରଗ ଚାନ୍ଦ
ଝଟଝଟ ଝଟକା କଇଁ ପରେ
ଢାଳିଦିଏ କେତେ ଯେ
ବହଳ ପ୍ରେମ ଲିପ୍ତ ଅନୁରାଗ।

ଫେରି ଆସନ୍ତି ଋତୁ ପରେ ଋତୁ
ଜଡି ଆଲୋଡିତ ବିରହକର
ରୂପସୀ ଶାଶ୍ୱତୀ କେତେରଙ୍ଗେ
ଲେଉଟାଇ କଡ
କରେ ସାନ୍ଦ୍ର ମନ ଅଧୀର।

ଗଡ଼ି ଗଡ଼ି ଝାଡ଼ି ଝୁଡ଼ି ଆସିଲିଣି ଛାଡି
କେତେ ସମ୍ପର୍କର ମୋହ
କେତେ ବନ ପାହାଡ ସହୃଦୟତାର
ଗାଆଁ କ୍ଷମତାର ସହର।

ଆସକ୍ତ ସାଗରଗାମିନୀ ମୁଁ ଯେ
ନୀଳ ମୋହ ତଲ୍ଲୀନ ସଂଶୟାଚ୍ଛନ୍ନ ମନ
କେବେ ଗାଢ ତା' ଅସିମ ପ୍ରଶସ୍ତ ଆଲିଙ୍ଗନେ
ଝୁଙ୍କି ହୋଇବି ବିଲୀନା।


+ଖରିଆର ରୋଡ, ନୂଆପଡ଼ା


ଧାରାବାହିକ ଉପନ୍ୟାସ



(ପୂର୍ବ ପ୍ରକାଶିତ ଉତ୍ତାରୁ)

# ତ୍ରିପାଦମେଦିନୀ

ଜ୍ୟୋସ୍ନାମୟୀ ପଣ୍ଡା

॥ ଭାଗ-୧୨୦ ॥



ସ୍ୱର୍ଗ ଭୁବନର ଇନ୍ଦ୍ର ପୁରୀରେ ଥାଇ ସ୍ୱୟଂ ଇନ୍ଦ୍ରଦୂତଙ୍କ ମୁଖରୁ ଦିତିଙ୍କର ପୁଂସବନ ବ୍ରତର କଥା ଶୁଣି ପାରିଲେ।

'ସର୍ବନାଶ ହେଲା' ଇନ୍ଦ୍ର ମନ ମଧ୍ୟରେ ଚିନ୍ତା କରିବାରେ ଲାଗିଲେ। ଦିତି ପୁତ୍ର ବିଚ୍ଛେଦ ରେ ଶୋକାଭିଭୂତା ହୋଇ ଇନ୍ଦ୍ରଙ୍କୁ ବିନାଶ କରିବା ପାଇଁ ଗର୍ଭାବସ୍ଥାରେ ଯେ ଏହି ପୁଂସ ବନ ବ୍ରତ ପାଳନ କରୁଛନ୍ତି ଏଥିରେ ତାଙ୍କର ସନ୍ଦେହ ରହିଲା ନାହିଁ। ଇନ୍ଦ୍ର ବ୍ରହ୍ମାଙ୍କ ଠାରୁ ଶୁଣିଥିବା ପୃଥିବୀର ସୃଷ୍ଟି ସମୟକୁ ସ୍ମରଣ କଲେ। ବରାହ ଅବତାର ସମୟରେ ଯୋଗ ମଗ୍ନ ଯଜ୍ଞେଶ୍ୱର ବ୍ରହ୍ମାଙ୍କ ମନରେ ପ୍ରଥମ ପ୍ରଶ୍ନ ଉଠିଥିଲା, 'ଜଳ ନଥାଇ ପଦ୍ମ(ସୃଜନ ବା ମାତୃତ୍ୱ) ବା ଜୀବ ସୃଷ୍ଟି ହେଲା କିପରି ? ଜଳ କେଉଁଠାରୁ ଆସିଲା ? ଅଗ୍ନି ନଥିଲେ ଜଳ ବା ଅନ୍ନ କିପରି ସୃଷ୍ଟି ହେବ ? ଅଗ୍ନି କେଉଁଠାରୁ ଆସିଲା ? ମୁଁ କେଉଁ ଠାରୁ ଆସିଲି ଓ କେଉଁ ଠାକୁ ଯିବି ? ?' କ୍ରମେ ସେ ଯୋଗ ବଳ ରେ ଏହି ସମସ୍ତ ପ୍ରଶ୍ନର ଉତ୍ତର ପାଇପାରିଲେ। ସୃଷ୍ଟି ସମୟରେ ପ୍ରାୟ ପୃଥିବୀ ଥିଲା ଏକ ତରଳ ଭୂମି। ମହାକାଶରୁ କକ୍ଷଚ୍ୟୁତ ଓ ସୂର୍ଯ୍ୟଙ୍କଠାରୁ ବହୁତ ଦୂରରୁ ଆସିଥିବା ମହାକାଶର ଅନେକ ବିଶାଳ ଉଲକା ଖଣ୍ଡକୁ ଏହା ନିଜ ଆଡକୁ ଆକର୍ଷିତ କରି ନିଜ ସହ ମିଶାଇ ଦେଇଥିଲା। ନୀହାରିକା ମଧ୍ୟରେ ହିଁ ସୃଷ୍ଟି ହୋଇଥିଲା ରସାତ୍ମକ ଉଦକ ବା ଧାତବ ରସାୟନ। କେତେ ବର୍ଷ ପରେ ଆଗ୍ନେୟ ଗିରି ଦେଇ ଧୂମ୍ର ଉଦ୍ଗିରଣ ହେଲା। ଧଳା ଧୂଆଁ ମାନେ ଆକାଶକୁ ଆଚ୍ଛାଦନ କଲେ। କ୍ରମେ ସେହି ଧୂଆଁ ଗାଢ଼ କଳା ରଙ୍ଗରେ ପରିଣତ ହେଲା। ଅତ୍ୟଧିକ ଉତ୍ତପ୍ତ ପୃଥିବୀ ରେ ଲାଭା ମାନେ ଜଳ ପରି ତରଳ ହେବାରେ ଲାଗିଲେ। ଏହି ତରଳ ଲାଭାରେ ଓ ବାଷ୍ପରେ ରାସାୟନିକ ପ୍ରକ୍ରିୟା ମାନ ସଂଘଟିତ ହେଲା। ଏହି ରାସାୟନିକ ପ୍ରକ୍ରିୟାରୁ ପ୍ରାୟ କ୍ରମେ ଜଳ, ବାୟୁ, ମେଘ ମାଳା ସୃଷ୍ଟି ହୋଇଥିଲା। ସୌର ଝଡ ବେଳେ ବିଶୁଦ୍ଧ ବାୟୁ କଣିକାମାନ ଆସୁଥିଲା। ଏହି ଉଲ୍କା ମାନଙ୍କରୁ ପୃଥିବୀକୁ ଜଳ ଆସିଥିଲା। (ବିଜ୍ଞାନ ମତରେ ପୃଥିବୀ ଉପରେ ଅନେକ ଉଲକା ପାତ ହୋଇଥିଲା ଓ ସେଥିରୁ ଜଳ ସମୁଦ୍ର ମାନ ସୃଷ୍ଟି ହେଲା। ସୂର୍ଯ୍ୟ କିରଣ ପାଇବାକୁ ଗଭୀର ସମୁଦ୍ରରେ ଉର୍ଜ୍ଜା ମାନ ସୃଷ୍ଟି ହୋଇ ଜମା ହେଲେ ଓ ସେଥିରୁ ଅମ୍ଳଜାନ ଓ ବାୟୁ ସୃଷ୍ଟି ହେଲା।) ଏହିପରି ପ୍ରଥମେ ସୃଷ୍ଟି ହୋଇଥିବା ଏକ କୋଷି ପ୍ରାଣୀ ମାନଙ୍କର ଅସ୍ଥି,ରକ୍ତ,ଅଙ୍ଗ, ପ୍ରତ୍ୟଙ୍ଗ କିଛି ନଥିଲା। ଥିଲା କେବଳ ମେଦ। ଏହି ମେଦରୁ ପୃଥିବୀର ଜୀବ ଜନ୍ମ ହୋଇଥିବାରୁ ଏହାର ନାମ ହେଲା ମେଦିନୀ। ପ୍ରାୟ କୋଡିଏ କୋଟି ବର୍ଷ ପୂର୍ବେ ଭାରତ ଥିଲା ଏକ ଦୁଇଖଣ୍ଡ ପୃଥିବୀର ବିଷୁବ ବୃତ୍ତ ଅଞ୍ଚଳରେ ଥିବା ସ୍ଥାନ। ପ୍ରାୟ ଶଙ୍ଖ ନାଭିଠାରୁ ଜୀବ ସୃଷ୍ଟି ହୋଇଥିଲା। ଏହାର ନିକଟରେ ଥିବା ସ୍ଥାନ ମାନେ ଥିଲେ ସୃଷ୍ଟିର ଆରମ୍ଭ ଓ ଶେଷ ସ୍ଥାନ। ସୂର୍ଯ୍ୟଙ୍କ ସୃଷ୍ଟିର ଗୋଟିଏ କଳ୍ପ ପରେ ଜନ୍ମ ନେଲା ନାଭି ବା ବିଷୁବ ଅଞ୍ଚଳ ରେ ସେହି ରସାତ୍ମକ୍ ଉଦକରୁ ସ୍ୱୟମ୍ଭୁବ ରୂପରେ ବ୍ୟାପିଥିବା ଏକ ପୁରୁଷ ମୀନ ଓ କ୍ରମେ ସେ ଏକ ମାଈ ମୀନରେ ପରିଣତ ହେଲା। ଏହିପରି ଶତ, ଶତ ମାଈ ମାଛ ସୃଷ୍ଟି ହେଲେ। ଏମାନେ ହେଲେ ଶତ ରୂପା। ଏମାନେ ଥିଲେ ପୃଥିବୀର ପ୍ରଥମ ଯୁଗଳ ପ୍ରାଣୀ, ଯେଉଁ ମାନେ ସଙ୍ଗମ କରିଥିଲେ। ତେଣୁ କାମଦେବଙ୍କ ଅନ୍ୟ ନାମ ହେଲା ମୀନ କେତନ। ଏହି ମତ୍ସ୍ୟ ମାନେ ହେଲେ ପ୍ରଥମ ଅସ୍ଥି, ରକ୍ତ, ଅଙ୍ଗ,ପ୍ରତ୍ୟଙ୍ଗ, ଇନ୍ଦ୍ରିୟ ଓ ଦୁଇଟି ଫୁସ୍,ଫୁସ୍ ଥିବା ପ୍ରାଣୀ। ଏହାପରେ ଅନ୍ୟ ପ୍ରାଣୀ ମାନେ ଧୀରେ, ଧୀରେ ସୃଷ୍ଟି ହେଲେ। ପ୍ରତ୍ୟେକ ଶ୍ରେଣୀର ପ୍ରାଣୀ ମାନଙ୍କର ଏକ, ଏକ ମୂଳ ଜୀବ ଥିଲେ। ଏପରିକି ଶଲଭ ବା ଝିଣ୍ଟିକା ଓ ଅନ୍ୟ ପତଙ୍ଗ ମାନଂକ ମୂଳ ଜୀବ ପୃଥକ୍ ଥିଲେ, ଯାହା ଶ୍ରୀମଦ୍ ଭାଗବତରେ ଲେଖା ଅଛି। ଏହି ତତ୍ତ୍ୱଟି ପ୍ରଥମେ ପ୍ରଜାପତି ଦକ୍ଷ ଜାଣିଥିଲେ। ତେଣୁ ସେ ଏହି ଆଦି ମାତୃକା ମାନଙ୍କୁ ନିଜ କନ୍ୟା ମାନଂକ ନାମରେ ନାମିତ କଲେ। ହୁଏତ ଯେଉଁ ପ୍ରଥମ ପ୍ରାଣୀଟି ସୃଷ୍ଟି ହେଉଥିଲା, ତାହାଠାରେ ଉଭୟ ନାରୀ ଓ ପୁରୁଷ ସୃଷ୍ଟିର ଉପାଦାନ ଥିଲା। ହୁଏତ ପ୍ରଥମେ ପୁରୁଷଟିଏ ସୃଷ୍ଟି ହେଲା ଓ ତାପରେ ବ୍ରହ୍ମା ନିଜ ପିଣ୍ଡ ଦୁଇ ଭାଗ କଲେ ଓ ପୁରୁଷଟି ବାଳିକାରେ ପରିବର୍ତ୍ତିତ ହେଲା। ଭାଗବତ ଅନୁସାରେ ସେହି ଜଳରେ ଏକ ପୁରୁଷ ଥିଲା ଓ ପୁରୁଷ ମଧ୍ୟରେ ନାରୀଟିଏ ବ୍ୟାପିଥିଲା। ଏହିପରି ପ୍ରଥମେ ଅନେକ ବାଳିକା ମଧ୍ୟରେ ଜଣେ ପୁରୁଷ ଥିଲା। କିନ୍ତୁ ଏହି ନୃବାନର ଜାତିମାନେ କୌଣସି ପ୍ରାକୃତିକ କାରଣରୁ ଲୋପ ପାଇଯାଇଥିଲେ। ସୃଷ୍ଟି କରିବାର ପୂର୍ଣ୍ଣ କ୍ଷମତା ପାଇନଥିଲେ। କାରଣ, ଗୋ, ମାନବୀ ଆଦି ପ୍ରାଣୀ ଥରକେ ଗୋଟିଏ ପ୍ରାଣୀ ଜନ୍ମ କରନ୍ତି, କିନ୍ତୁ ପୁରୁଷର ସନ୍ତାନ ସୃଷ୍ଟି କରିବା କ୍ଷମତା ଅଧିକ ବେଶୀ। ତେଣୁ ବଂଶ ବୃଦ୍ଧି ପାଇଁ ଅଧିକ ନାରୀ ମଧ୍ୟରେ ଜଣେ ପୁରୁଷ ଥିବେ। କିଏ ଜାଣେ ପ୍ରକୃତିର ରୂପ ସେତେବେଳେ କିପରି ଥିଲା ? (ଏବେ ବୈଜ୍ଞାନିକ ମାନେ କହୁଛନ୍ତି ଯେ କିଛି ବର୍ଷ ପରେ ପୁରୁଷର ୱାଇ ଗୁଣ ସୂତ୍ରଟି ସୃଷ୍ଟି ହେବ ନାହିଁ। ତେବେ କଣ ପୁରୁଷ ଆଉ ଜନ୍ମ ହେବେ ନାହିଁ ଓ ସୃଷ୍ଟି ଲୋପ ହେବ ? ନାଁ, ପ୍ରକୃତି ସୃଷ୍ଟି ରକ୍ଷା ପାଇଁ କିଛି ବିକଳ୍ପ ବ୍ୟବସ୍ଥା ନିଶ୍ଚୟ ସୃଷ୍ଟି କରିବେ। ମୋର ଧାରଣା, ପୁରୁଷ (ଦାରୁ ଜଗନ୍ନାଥ ରୂପୀ ବା ଈଶ୍ୱର)ଙ୍କ ମଧ୍ୟରେ ଅନ୍ୟର ଦୁଃଖ, ସୁଖ ପାଇଁ ବେଦନା ବା ଉଲ୍ଲାସକୁ ସେ ପ୍ରକୃତି ମାଧ୍ୟମରେ ରୂପାୟନ କରନ୍ତି। ଏହି ଜଡ ପ୍ରକୃତିର ହୃଦୟ ଅଛି। ଅନୁଭବ ଅଛି। ସେ ସକ୍ରୀୟ ହୁଏ, ଏଥିରେ କମ୍ପନ ସୃଷ୍ଟି ହୁଏ। ଖତରା କାଠରେ ପତ୍ର କଅଁଳିଯାଏ। ଶୁଖିଲା ମରୁରେ ଜଳ ଝରେ ! ପ୍ରକୃତି ମାଧ୍ୟମରେ ତାଙ୍କ ପ୍ରେମର ବାର୍ତ୍ତା, ସନ୍ଦେଶ ଆସେ। କିଏ ଜାଣେ ? ଯୋଗୀ, ଋଷି,ପ୍ରେମୀ ମାନେ ସବିଶେଷ ଓ ସଠିକ୍ ଜାଣିଥିବେ।) ! ! ନୃବାନର ମାନଂକଠାରୁ ଶେଷ ପୂର୍ଣ୍ଣାଙ୍ଗ ପୁରୁଷ ଓ ମନ୍ୟୁ ଥିଲେ ନୀଳ ଲୋହିତ ବା ରୁଦ୍ର। ସେମାନେ ପ୍ରଥମେ ରୋଦନ କରିଥିବାରୁ ନାମ ରୁଦ୍ର ହେଲା। ବ୍ରହ୍ମା ସେମାନଙ୍କୁ ଆକାଶ, ଅଗ୍ନି, ଜଳ,ସୂର୍ଯ୍ୟ, ଚନ୍ଦ୍ର ଆଦି ସମସ୍ତ ପାଞ୍ଚ ଭୂତରେ ସ୍ଥାନ ଦେଲେ। ଏହି ରୁଦ୍ର ତପସ୍ୟା ବଳରେ ସିଦ୍ଧ ଓ ଯୋଗ ବଳରେ ପୂର୍ଣ୍ଣ ଆଧ୍ୟାତ୍ମିକ ଶକ୍ତି ବଳରେ ଶିବ ବା ମଙ୍ଗଳ ରୂପରେ ପରିଣତ ହୋଇ ପଞ୍ଚ ଭୂତର ଅଧିପତି ହେଲେ।

ଇନ୍ଦ୍ର ଚିନ୍ତା କଲେ, ଏହି ପର୍ଯ୍ୟନ୍ତ ମହାକାଶ ପରି ପୃଥିବୀରେ ରୁଦ୍ର ମାନେ, ପ୍ରଜାପତି ମାନେ, ଅଗ୍ନି ବଂଶୀ ମାନେ, ଯେଉଁ ମାନେ କି ଦେହରୁ ଅଗ୍ନି ଉତ୍ପନ୍ନ କରିଥିଲେ ଏବଂ ନକ୍ଷତ୍ର ବଂଶୀ ମାନେ, ଯେଉଁ ମାନେ ନକ୍ଷତ୍ର ମାନଙ୍କ ବିଷୟରେ ସନ୍ଧାନ କଲେ, ଭରତଙ୍କ ଠାରୁ ଜନ୍ମ ହୋଇଥିଲେ। ସେହି ବଂଶ ଅନୁସାରେ ରାଜ୍ୟର ନାମ ହେଲା ଉଡ୍ର ବା ଓଢ଼ର। ଚନ୍ଦ୍ର ବଂଶୀ ମାନେ ଇନ୍ଦୁ ନଦୀ କୂଳରେ ଜନ୍ମିଥିଲେ। ଯେଉଁ ମାନେ କି ଚନ୍ଦ୍ର ପଂଜିକା ବ୍ୟବହାର କରନ୍ତି ଓ ଚନ୍ଦ୍ର ପୂଜା କରନ୍ତି। ଏମାନଙ୍କ ରାଜାଙ୍କ ନାମ ପ୍ରଥମେ ଇନ୍ଦ୍ର ଥିଲା। ପ୍ରିୟବ୍ରତଙ୍କ ପୁତ୍ର ଇନ୍ଦ୍ରଜିତ ତାହାଙ୍କୁ ପରାଜିତ କରି ପ୍ଲକ୍ଷ ଦ୍ୱିପ ଅଧିକାର କରିଥିଲେ। ପରେ ଶକ୍ର ଅଦିତିଙ୍କଠାରୁ ଜନ୍ମ ହୋଇ ଇନ୍ଦ୍ର ହେଲେ। ସୂର୍ଯ୍ୟ ବା ଆଦିତ୍ୟ ମାନେ ଜନ୍ମ ହେଲେ। ଜଳ ଦେବତା ବରୁଣ ମଧ୍ୟ ଜନ୍ମ ହେଲେ। ବ୍ରହ୍ମାଙ୍କଠାରୁ ବ୍ରାହ୍ମଣ, ବିଷ୍ଣୁଙ୍କଠାରୁ ବୈଷ୍ଣବ , ଶିବଙ୍କଠାରୁ ଶୈବ, ଭୂମିଙ୍କଠାରୁ ଭୌମ ବା କ୍ଷତ୍ରିୟ ବଂଶୀ ଜନ୍ମ ହେଲେ। ଯକ୍ଷ, ଦାନବ, ମାନବ, ଗନ୍ଧର୍ବ ଓ ଦେବତା ମାନେ ଜନ୍ମ ହେଲେ। କେବଳ ମରୁତ ରାଜା ବା ପବନ ବଂଶୀ ମାନେ ଜନ୍ମ ହୋଇ ନାହାନ୍ତି। କଶ୍ୟପଙ୍କ ପରି ଜଣେ ଶ୍ରେଷ୍ଠ ଅନ୍ତର୍ବିଜ୍ଞାନୀ ଓ ବହିର୍ବିଜ୍ଞାନୀ, ଜଣେ ରାଜର୍ଷି ଦିତିଙ୍କୁ ବର ଦେଇଛନ୍ତି ଅର୍ଥ, ତାହା କେବେ ବ୍ୟର୍ଥ ହେବ ନାହିଁ। ତେବେ ?

(କ୍ରମଶଃ)


+ ବାଲିଝରି, କାନପୁର, ବଡ଼ମ୍ବା,
କଟକ

# କୁଖ୍ୟାତ ଅପରାଧୀ ଗିରଫ: ୩୫ ଖଣ୍ଡା, ୫ ବନ୍ଧୁକ ଓ ୩ ଅଫୁଟା ଗୁଳି ଜବତ

ରାଉରକେଲା,୦୩/୧୨ (ନି.ପ୍ର): ରାଉରକେଲା ପୋଲିସ ଜିଲ୍ଲା ଅଧିନ ବ୍ରାହ୍ମଣୀତରଙ୍ଗ ଥାନା ଅଂଚଳରୁ ଜଣେ ଡକାୟତକୁ ଗିରଫ କରିଛି ପୋଲିସ । ତା' ନିକଟରୁ ୩୫ଟି ଖଣ୍ଡା, ବିଭିନ୍ନ ପ୍ରକାରର ୫ଟି ବନ୍ଧୁକ ଏବଂ ୩ଟି ଅଫୁଟା ଗୁଳି ଜବତ ହୋଇଛି । ରାଉରକେଲା ଠାରେ କୌଣସି ଅପରାଧିକ କାର୍ଯ୍ୟ ଘଟାଇବା ପାଇଁ ଯୋଜନା କରୁଥିବା ବେଳେ ପୋଲିସ ତାକୁ ଶଙ୍ଖ ପୋଲ ନିକଟରୁ ଧରିଥିଲା । ଅଭିଯୁକ୍ତ ଜଣକ ହେଲା କୁଆଁରମୁଣ୍ଡା ଥାନା ଅନ୍ତର୍ଗତ ଚୁଟିଆଟୋଲା ଅଂଚଳର । ତା'ର ନାମ ସୁନିଲ ମାଝି । ସେ ଅନ୍ୟ ରାଜ୍ୟରୁ ବନ୍ଧୁକ ଆଣି ଏଠାରେ ଅପରାଧୀ ମାନଙ୍କୁ ବିକ୍ରି କରୁଥିଲା ବୋଲି ଆଜି ରାଉରକେଲା ଏସପି ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି । ତେବେ ଅଭିଯୁକ୍ତ ସୁନିଲ ବିରୋଧରେ ଲାଠିକଟା ଥାନାରେ ୨ଟି ମାମଲା ରହିଥିବା ବେଳେ ବ୍ରାହ୍ମଣୀତରଙ୍ଗ ଥାନାରେ ୫ଟି ଅପରାଧିକ ମାମଲା ରହିଛି । ସେହିପରି ବୀରମିତ୍ରପୁର ଥାନାରେ ୨ଟି ମାମଲା ରହିଥିବା ବେଳେ ବାରକୋଟ, ଗୁରୁଣ୍ଡିଆ, ବିଶ୍ରା, ବଣେଇ, ଚାନ୍ଦିପୋଷ ଆଦି ଥାନାରେ ଅଭିଯୁକ୍ତ ନାମରେ ଏକାଧିକ ମାମଲା ରହିଥିବା ନେଇ ପୋଲିସ ସୂଚନା ଦେଇଛି । ଏଠାରେ ଉଲ୍ଲେଖଯୋଗ୍ୟ, ରାଉରକେଲା ପୋଲିସ ଦୀର୍ଘ ବର୍ଷ ଧରି ବିଭିନ୍ନ ସମୟରେ ଏହିଭଳି ଚୋରା ବନ୍ଧୁକ ଜବତ କରୁଥିବା ବେଳେ ଚାଲାଣ ହୋଇ ଆସୁଥିବା ମୁଖ୍ୟ ଜାଗାରେ ଏଯାବତ୍ ପୋଲିସ ପହଂଚି ପାରିଲା ନାହିଁ । ଫଳରେ ଜିଲ୍ଲାରେ ଚୋରା ବନ୍ଧୁକ ହାଉଯାଉ ହେବା ସହ କଥା କଥାକେ ଗୁଳି ଫୁଟୁଛି ।

# ଚନ୍ଦନପୁର ଡକାୟତି ଘଟଣାରେ ୪ ଗିରଫ : ସୁନା, ରୂପା, ଟଙ୍କା ଓ ପିସ୍ତଲ ଜବତ

ପୁରୀ,୦୩/୧୨ (ନି.ପ୍ର): ଚନ୍ଦନପୁର ଥାନା ଅନ୍ତର୍ଗତ ସମୟାଜପୁର ରେଲଓ୍ୱେ ଓଭରବ୍ରିଜ ନିକଟରେ ନଭେମ୍ବର ୨୦ ତାରିଖରେ ସକାଳ ସାଢେ ୯ଟାରେ ଏକ ବଡଧରଣର ସୁନା ରୂପା ଓ ଟଙ୍କା ଚୋରି ଘଟଣାରେ ପୁରୀ ପୋଲିସ ୪ ଜଣ ଅଭିଯୁକ୍ତଙ୍କୁ ଧରିବାରେ ସଫଳ ହୋଇଛି । ଏ ସମ୍ପର୍କରେ ମଙ୍ଗଳବାର ଅପରାହ୍ନରେ ଏସପିଙ୍କ କାର୍ଯ୍ୟାଳୟ ଠାରେ ସାମ୍ବାଦିକ ସମ୍ମିଳନୀରେ ଏସପି ପ୍ରତୀକ ସିଂଙ୍କ ସୂଚନା ଦେଇଛନ୍ତି। ଘଟଣାରୁ ପ୍ରକାଶ ଯେ, ନଭେମ୍ବର ୨୦ ତାରିଖରେ ଚନ୍ଦନପୁର ଥାନା ନିକଟସ୍ଥ ଦାମୋଦରପୁର ବଜାରରେ ରାଧାକୃଷ୍ଣ ଜୁଏଲାରୀ ମାଲିକ ସଞ୍ଜୟ କୁମାର ଦାସ ଗୋଟିଏ ବ୍ୟାଗରେ ସୁନା ରୂପା ଅଳଙ୍କାର ଓ ନଗଦ ଟଙ୍କା ଧରି କାରରେ ଭୁବନେଶ୍ୱର ଅଭିମୁଖେ ଯାଉଥିଲେ । ଓଭରବ୍ରିଜ ନିକଟରେ କେତେକ ଦୁର୍ବୃତ ମାଉଜର ଦେଖାଇ ତାଙ୍କ ଠାରୁ ବ୍ୟାଗଟିକୁ ଛଡାଇ ନେଇଥିଲେ । ଏ ସମ୍ପର୍କରେ ଚନ୍ଦନପୁର ଥାନାରେ ୨୬୪/୨୫ରେ ମାମଲା ରୁଜୁ ହେବା ପରେ ଏସପିଙ୍କ ନିର୍ଦ୍ଦେଶରେ ଏକ ଟିମ ଗଠନ ହୋଇଥିଲା । ରାଧାକୃଷ୍ଣ ଜୁଏଲାରୀ ମାଲିକଙ୍କ ଗ୍ରାମର ଟୁକୁ ନାୟକ ଓରଫ ଟୁକୁଲା ବୀରନରସିଂହପୁର ଠାରେ ନିଳକଣ୍ଠ ଜୁଏଲାରୀ କରି ସଞ୍ଜୟଙ୍କ ସହ ବ୍ୟବସାୟ କରୁଥିଲେ । ସେ ଚୋରି କରିବା ପାଇଁ ଯୋଜନା କରିଥିଲା । ଚୋରିର ୧୦ ଦିନ ପୂର୍ବରୁ ପୁରୀ ଭିଆଇପି ରୋଡ ସ୍ଥିତ ବେ ପ୍ରିମିୟମ ହୋଟେଲରେ କାମ କରୁଥିବା ପ୍ରଶାନ୍ତ ପ୍ରଧାନଙ୍କ ସହ ଯୋଗାଯୋଗ କରିଥିଲା । ପ୍ରଶାନ୍ତ ୩ ଜଣଙ୍କୁ ଆନ୍ଧ୍ରପ୍ରଦେଶରୁ ଆଣିଥିଲା । ସେମାନେ ସ୍କୋଡା କାରରେ ପୁରୀ ଆସି ହୋଟେଲରେ ରହିଥିଲେ । ଘଟଣା ଦିନ ସମୟାଜପୁର ଠାରେ ଛକି ରହିଥିଲେ । ଏମବିଏ କରୁଥିବା ଛାତ୍ର ଶୁଭ୍ରଜିତ ମହାନ୍ତି ପିସ୍ତଲ ଦେଖାଇ ଟଙ୍କା ବ୍ୟାଗ ଛଡାଇ ନେଇଥିଲେ । ଏହି ଘଟଣାରେ ୭୮ ଲକ୍ଷ ୯୬ ହଜାର ଟଙ୍କାର ଅଳଙ୍କାର ଓ ଟଙ୍କା ଜବତ କରାଯାଇଛି । ଅଭିଯୁକ୍ତ ମାନେ ଜଗନ୍ନାଥ ସଡ଼କ ଦେଇ ବାଲୁଗାଁ ଠାରେ ଟଙ୍କା ବଂଟା ବଂଟି କରି ଖସି ଯାଇଥିଲେ । ଅଭିଯୁକ୍ତ ମାନେ ହେଲେ ଚନ୍ଦନପୁର ଥାନା ଦୋଳଗୋବିନ୍ଦପୁରର ଟୁକୁ ନାୟକ ଓରଫ ଟୁକୁଲା (୪୫), ଖୋର୍ଦ୍ଧା ଜିଲ୍ଲା ବାଣପୁରର ପ୍ରଶାନ୍ତ ପ୍ରଧାନ, ଆନ୍ଧ୍ରପ୍ରଦେଶ ବିଶାଖପାଟଣା ବେଟାପୁରମ୍ କଲୋନୀର ଏମ. ଗୌତମ (୨୪), ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ଅନ୍ତର୍ଗତ ନାପ ଗ୍ରାମର ସୁଭ୍ରଜିତ ମହାନ୍ତି (୨୨)ଯିଏ ଭୁବନେଶ୍ୱର ପଟିଆ ସ୍ମୃତି ଏକାଡେମୀ ଅଫ ମ୍ୟାନେଜମେଣ୍ଟର ଏମବିଏ ଛାତ୍ର । ଜବତ ହୋଇଥିବା ଅଳଙ୍କାର ଓ ଟଙ୍କା ମଧ୍ୟରେ ୧୩୨ ଗ୍ରାମର ୮ଟି ସୁନାହାର, ୩୧ କେଜି ରୂପା ହାର, ୬ ଲକ୍ଷ ନଗଦ ଟଙ୍କା, ସ୍କୋଡା କାର ନମ୍ବର ଏପି ୦୫ସିଓ୍ୱାଇ ୮୬୫୬, ଗୋଟିଏ ଟିଭିଏସ ମୋଟରସାଇକେଲ, ଗୋଟିଏ ପିସ୍ତଲ, ମାଗାଜିନ ଓ ଦୁଇଟି ଜୀବନ୍ତ ଗୁଳି ଜବତ ହୋଇଛି । ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି ।

# ଆଦିମ ଜନଜାତି ବିଜୟ ଯୁଆଙ୍ଗର ଚିକିତ୍ସା ପାଇଁ ଅର୍ଥ ସାଜିଛି ବାଧକ

କେନ୍ଦୁଝର,୦୩/୧୨ (ନି.ପ୍ର): ବାଂଶପାଳ ବ୍ଲକ୍ ଅନ୍ତର୍ଗତ କୋଡିପଶା ପଂଚାୟତ ଅଧୀନ କୁଣ୍ଢେଇ ଗାଁର ରାବଣ ଜୁଆଙ୍ଗର ଏକମାତ୍ର ପୁତ୍ର ପିଲାବେଳୁ ଭିନ୍ନକ୍ଷମ । ଅର୍ଥ ଅଭାବରୁ ଚିକିତ୍ସାରୁ ବଂଚିତ। ଏପରି ସ୍ଥିତିରେ ସରକାରୀ ସାହାଯ୍ୟ ଆଶାରେ ରହିଛନ୍ତି ପରିବାର। କୁଣ୍ଢେଇ ଗାଁର ରାବଣ ଜୁଆଙ୍ଗର ଗୋଟିଏ ବୋଲି ପୁଅ ବିଜୟ। ବୟସ ଏବେ ଦଶ ବର୍ଷ। ଛୋଟବେଳୁ ମୁଣ୍ଡରେ ସମସ୍ୟା ଥିଲା। କଥା କହିପାରେ ନାହିଁ। କାଲ ସାଙ୍ଗକୁ ଗୁଙ୍ଗା ମଧ୍ୟ । ପାଠ ପଢ଼ିବାକୁ ଯାଇପାରେ ନାହିଁ। ରାବଣ ନିଜ ଚେଷ୍ଟାରେ କିଛି ମାତ୍ରାରେ ଚିକିତ୍ସା କରାଇଥିଲେ । କିନ୍ତୁ, ପିଲା ଏବେ ମଧ୍ୟ ସୁସ୍ଥ ହୋଇ ନାହିଁ। ଦିନକୁ ଦିନ ରୋଗ ବଢ଼ି ଚାଲିଛି। ଏକ ମାତ୍ର ପୁଅ ବିଜୟର ସ୍ୱାସ୍ଥ୍ୟକୁ ନେଇ ବାପ, ମା' ବଡ ଚିନ୍ତାରେ। ଜୁଙ୍ଗା ପଞ୍ଚାୟତ ନିତ୍ୟାନନ୍ଦ ପୁର ଗାଁ ସ୍ଥିତ ସ୍ୱେଚ୍ଛାସେବୀ ଅନୁଷ୍ଠାନ ' ଆଶା' ନଜରକୁ ଆସିଛି ଏ ସମସ୍ୟା। ' ଆଶା' ତରଫରୁ ମୁଖ୍ୟ ଶାସନ ସଚିବଙ୍କୁ ଲେଖା ଯାଇଛି। ବର୍ଦ୍ଧିତ ହାରରେ ଭତା ଦେବା ସହିତ ପିଲାର ଚିକିତ୍ସା ଭାର ହାତକୁ ନେବାକୁ ଅନୁରୋଧ କରାଯାଇଛି। ଗୋଟିଏ ପକ୍କା ଘର ଯୋଗାଇ ଦେବାକୁ ମଧ୍ୟ ଅନୁରୋଧ କରାଯାଇଛି।

# ସମ୍ବଲପୁରରେ ୩୦ତମ ଜାତୀୟ ସଡକ ସାଇକ୍ଲିଙ୍ଗ ଚ୍ୟାମ୍ପିଅନସିପ-୨୦୨୫ ଉଦ୍‌ଘାଟିତ

ସମ୍ବଲପୁର,୦୩/୧୨ (ନି.ପ୍ର): ଆଜି ସମ୍ବଲପୁରରେ ୩୦ତମ ନ୍ୟାସନାଲ୍ ରୋଡ୍ ସାଇକ୍ଲିଙ୍ଗ ଚ୍ୟାମ୍ପିଅନସିପ-୨୦୨୫ ଶୁଭ ଉଦଘାଟିତ ହୋଇଯାଇଛି। ଉଦଘାଟନୀ ଉତ୍ସବରେ ମୁଖ୍ୟଅତିଥି ଉତରାଚଂଳ ରେଞ୍ଜର ପୋଲିସ ଆଇଜି ହିମାଂଶୁ ଲାଲ, ସାଇକ୍ଲିଙ୍ଗ ଫେଡେରେସନ୍ ଅଫ୍ ଇଣ୍ଡିଆର ସଚିବ ମନିନ୍ଦର ପାଲ ସିଂହ, ଓଡିଶା ସାଇକ୍ଲିଙ୍ଗ ଏସୋସିଏସନ୍ ର ଅଧକ୍ଷା ମିନତୀ ମହାପାତ୍ର, ସମ୍ବଲପୁର ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ସମ୍ବଲପୁର ମହାନଗର ନିଗମର ଆୟୁକ୍ତ ରେହାନ କ୍ଷତ୍ରି ପ୍ରମୁଖ ପତାକା ଦେଖାଇ ୩୦ ତମ ନ୍ୟାସନାଲ୍ ରୋଡ୍ ସାଇକ୍ଲିଙ୍ଗ ଚ୍ୟାମ୍ପିଅନସିପ-୨୦୨୫ ର ଶୁଭ ଉଦଘାଟନ କରିଥିଲେ। ପ୍ରଥମ ଓଡିଆ ଅର୍ଜୁନ ପୁରସ୍କାର ପ୍ରାପ୍ତ ପ୍ରଥମ ଓଡିଆ ତଥା ଓଡିଶା ସାଇକ୍ଲିଙ୍ଗ ଏସୋସିଏସନ୍ ର ଅଧକ୍ଷା ମିନତୀ ମହାପାତ୍ର ଦ୍ୱିତୀୟ ଥର ପାଇଁ ଓଡିଶାରେ, ତାହା ପୁଣି ସମ୍ବଲପୁରରେ ଜାତୀୟ ସଡକ ସାଇକ୍ଲିଙ୍ଗ ଚ୍ୟାମ୍ପିଅନସିପ ଆୟୋଜିତ ହେଉଛି ଯାହା ଆମ ପାଇଁ ଗର୍ବ ଗୌରବର ବିଷୟ ବୋଲି ପ୍ରକାଶ କରିଥିଲେ। ଦେଶର ୩୦ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଂଚଳରୁ ସାଇକ୍ଲିଷ୍ଟ ପ୍ରତିଯୋଗିତାରେ ଭାଗ ନେବେ ବୋଲି ସୂଚନା ଦେଇଥିଲେ। ଶେଷରେ ସମସ୍ତ ପ୍ରତିଯୋଗୀଙ୍କ ସଫଳ ପ୍ରଦର୍ଶନ ନିମନ୍ତେ ମାଁ ସମଲେଶ୍ୱରୀଙ୍କ ପାଖରେ ପ୍ରାର୍ଥନା କରିଥିଲେ। ସାଇକ୍ଲିଙ୍ଗ ଫେଡେରେସନ୍ ଅଫ୍ ଇଣ୍ଡିଆ ର ସଚିବ ମନିନ୍ଦର ପାଲ ସିଂହ ଏହି ଚ୍ୟାମ୍ପିଅନସିପ ର ଶୁଭାରମ୍ଭ ଉତ୍ସବରେ ଯୋଗଦେଇ ସମ୍ବଲପୁର ଜିଲ୍ଲା ପ୍ରଶାସନ ଏବଂ ଓଡିଶା ସରକାରଙ୍କ ଆତିଥ୍ୟ, ପରିଚାଳନା ଏବଂ ସହଯୋଗ ପାଇଁ କୃତଜ୍ଞତା ଜଣାଇଥିଲେ। ଆସନ୍ତା ୪ ଦିନ ଧରି ସମ୍ବଲପୁରରେ ହେବାକୁ ଯାଉଥିବା ଆୟୋଜନରେ ଅତ୍ୟନ୍ତ ରୋମାଚଂକ ଏବଂ ଉତ୍ସାହଭରା ପ୍ରତିଯୋଗିତା ଦେଖିବାକୁ ମିଳିବ ବୋଲି ସେ ଆଶାବ୍ୟକ୍ତ କରିଛନ୍ତି । ଶେଷରେ, ସେ ସମସ୍ତ ପ୍ରତିଯୋଗୀଙ୍କୁ ତାଙ୍କର ଶ୍ରେଷ୍ଠ ପ୍ରଦର୍ଶନ ପାଇଁ ଅଭିନନ୍ଦନ ଜଣାଇ ନିରାପଦ ସହ ସମୟାନୁବର୍ତୀ ହୋଇ ଅଂଶଗ୍ରହଣ କରିବାକୁ ପ୍ରୋତ୍ସାହିତ କରିଥିଲେ ଓ ଶୁଭକାମନା ଜଣାଇଛନ୍ତି । କାର୍ଯ୍ୟକ୍ରମଟି ଏକ ସଫଳ, ସଂଘଟିତ ଏବଂ ସ୍ମରଣୀୟ ଆୟୋଜନ ଭାବେ ଗଢ଼ିଉଠିବ ବୋଲି ସେମାନେ କହିଛନ୍ତି।

ସମ୍ବଲପୁର ଜିଲ୍ଲାପାଳ ଶ୍ରୀ ବୋନ୍ଦର ପ୍ରଥମ ଥର ପାଇଁ ସମ୍ବଲପୁରରେ ଜାତୀୟ ସଡକ ସାଇକ୍ଲିଙ୍ଗ ଚ୍ୟାମ୍ପିଅନସିପ ଆୟୋଜିତ କରି ଆମେ ନିଜକୁ ବହୁତ ଗର୍ବିତ ଅନୁଭବ କରୁଛୁ ବୋଲି କାହିଥିଲେ। ଏହି ଆୟୋଜନ ରାଜ୍ୟ ଏବଂ ଦେଶର ଯୁବ ପ୍ରତିଭାମାନଙ୍କୁ ନୂଆ ଉତ୍ସାହ ଏବଂ ଅଭିପ୍ରେରଣା ଦେବ ବୋଲି ଆଶା କରୁଛୁ। ଶେଷରେ ସମସ୍ତ ପ୍ରତିଯୋଗୀଙ୍କୁ ଶ୍ରେଷ୍ଠ ପ୍ରଦର୍ଶନ ପାଇଁ ଶୁଭକାମନା ଜଣାଥିଲେ। ମାଁ ସମଲେଶ୍ୱରୀ ମନ୍ଦିର, ହୀରାକୁଦ ଡ୍ୟାମ ତଥା ସମ୍ବଲପୁର ବିଭିନ୍ନ କଳା ସଂସ୍କୃତି, ହସ୍ତତନ୍ତର ନୂଆ ଅନୁଭୂତି ନେବାକୁ ସମସ୍ତଙ୍କୁ ନିବେଦନ କରିଥିଲେ, ଯାହା ପାଇଁ ଜିଲ୍ଲାପ୍ରଶାସନ ପକ୍ଷରୁ ସମ୍ପୂର୍ଣ୍ଣ ସହଯୋଗ ଯୋଗାଇ ଦିଆଯିବ ବୋଲି ଜିଲ୍ଲାପାଳ କହିଥିଲେ। ସାଇକ୍ଲିଙ୍ଗ ଫେଡେରେସନ୍ ଅଫ୍ ଇଣ୍ଡିଆ ଅଧିନରେ ଓଡିଶା ସାଇକ୍ଲିଙ୍ଗ ଏସୋସିଏସନ୍, ଓଡିଶା ସରକାର ଓ ସମ୍ବଲପୁର ଜିଲ୍ଲା ପ୍ରଶାସନ ଦ୍ୱାରା ଏହି ଚ୍ୟାମ୍ପିଅନଶିପ ଅନୁଷ୍ଠିତ ହୋଇଛି, ଯାହା ଆଗାମୀ ଡିସେମ୍ବର ୬ ତାରିଖ ପର୍ଯ୍ୟନ୍ତ ଆୟୋଜିତ ହେବ। ସୂଚନା ଅନୁଯାୟୀ, ଦେଶର ୩୦ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରୁ ପ୍ରାୟ ୧,୦୦୦ରୁ ଅଧିକ ସାଇକ୍ଲିଷ୍ଟ ପ୍ରତିଯୋଗିତାରେ ଭାଗ ନେଉଛନ୍ତି, ଯେଉଁଥିରେ ପ୍ରାୟ ୪୦୦ ଜଣ ଝିଅ ମହିଳା ପ୍ରତିଯୋଗୀ ଅଛନ୍ତି। ରେସ୍ ସମ୍ପାଦନା ପାଇଁ ଏନଏଚ୍-୫୫ ର ମାଁ ବାଟମଙ୍ଗଳା ଛକରୁ ମାନେଶ୍ୱର ପର୍ଯ୍ୟନ୍ତ ୧୦ କି.ମି. ରାସ୍ତାରେ ରେସ୍ ଅନୁଷ୍ଠିତ ହେବ। ପ୍ରଥମଦିନରେ ପୁରୁଷ ବର୍ଗ(୨୩ ବର୍ଷ ରୁ କମ ) -ଟାଇମ୍ ଟ୍ରାଏଲ୍: ୪୦ କି.ମି., ସବ୍ ଜୁନିଅର ବାଳକ -ଟାଇମ୍ ଟ୍ରାଏଲ୍: ୨୦ କି.ମି., ସବ୍ ଜୁନିଅର ବାଳିକା -ଟାଇମ୍ ଟ୍ରାଏଲ୍: ୧୫ କି.ମି., ମହିଳା (ଡବ୍ଲୁଇ) -ଟାଇମ୍ ଟ୍ରାଏଲ୍: ୩୦ କି.ମି., ପୁରୁଷ ବର୍ଗ -ଟାଇମ୍ ଟ୍ରାଏଲ୍: ୪୦ କି.ମି., ଯୁବ ବାଳକ -ଟାଇମ୍ ଟ୍ରାଏଲ୍: ୧୫ କି.ମି., ଯୁବ ବାଳିକା ୟୁଥ୍ ଗର୍ଲ୍ସ -ଟାଇମ୍ ଟ୍ରାଏଲ୍: ୧୦ କି.ମି. ବର୍ଗରେ ପ୍ରତିଯୋଗିତା ଆନୁଷ୍ଠିତ ହୋଇଛି। ଆଜିର ଏହି ପରିପ୍ରେକ୍ଷୀରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସ୍ୱତନ୍ତ୍ର ବାର୍ତା। ମାଧ୍ୟମରେ ସମସ୍ତ ପ୍ରତିଯୋଗୀଙ୍କୁ ଅଭିନନ୍ଦନ ଜଣାଇଥିଲେ। ଏହି ପବିତ୍ର ସ୍ଥାନରେ ଆୟୋଜିତ ଚ୍ୟାମ୍ପିଅନସିପ କେବଳ ଗୋଟେ ପ୍ରତିଯୋଗିତା ନୁହେଁ, ଏହା ହେଉଛି ଶ୍ରେଷ୍ଠ ସାଇକେଲେ ଚାଳକ ମାନଙ୍କର ପ୍ରତିଭାକୁ ଗୋଟିଏ ମଂଚରେ ଏକାଠି କରିବାକୁ ମହାନ ଅବସର ବୋଲି କହିଥିଲେ। ଏହି ଚ୍ୟାମ୍ପିଅନସିପ ଚଳିତ ଡିସେମ୍ବର ୨ ଆରମ୍ଭ ହୋଇ ଡିସେମ୍ବର ୬ ତାରିଖ ପର୍ଯ୍ୟନ୍ତ ଚାଲିବ, ଯାହା ସମ୍ବଲପୁର ର ନକ୍ସାପାଲି ରୁ ଝଙ୍କରପାଲି ପର୍ଯ୍ୟନ୍ତ ଅନୁଷ୍ଠିତ ହେବ ବୋଲି ଶ୍ରୀ ପ୍ରଧାନ ନିଜ ବାର୍ତାରେ ସୂଚନା ଦେଇଛନ୍ତି। ଓଡିଶା ସମେତ ସାରା ଭାରତ ବର୍ଷରୁ ପ୍ରାୟ ୮୫୦ ଅଧିକ ରାଇଡର୍ସ ଏବଂ ୧୨୨ ଜଣ ଟିମ ଅଫିସିଆଲ୍ସ ଅଂଶ ଗ୍ରହଣ କରିବେ। ଯୁବପିଢୀ ଙ୍କ ମଧ୍ୟରେ କ୍ରିଡା ମନୋଭାବ କୁ ପ୍ରୋତ୍ସାହିତ କରିବା ଏବଂ ସେମାନଙ୍କୁ ସୁସ୍ଥ ରହିବାକୁ ଉତ୍ସାହିତ କରିବାକୁ ଏହି ଚ୍ୟାମ୍ପିଅନସିପ ଲକ୍ଷ୍ୟ ରଖିଛି। ଖେଳାଳୀ ମାନେ ହେଉଛନ୍ତି ଦେଶର ବ୍ରାଣ୍ଡ ଆମ୍ବାସେଡର । ସେମାନଙ୍କର କଠିନ ପରିଶ୍ରମ ଓ ଦୃଢ ସଂକଳ୍ପ ଦେଶକୁ ଅନେକ ସଫଳତା ଦେଇଛି । ଜୀବନରେ କାର୍ଯ୍ୟକରିବା ଯେପରି ଜରୁରୀ, ସେହିପରି ଶାରୀରିକ ଓ ମାନସିକ ଶୁସ୍ଥତା ପାଇଁ ଖେଳ ଓ ଫିଟନେସ ମଧ୍ୟ ଜରୁରୀ। ଆମର ପ୍ରିୟ ପ୍ରଧାନମନ୍ତ୍ରୀ ଫିଟ୍ ଇଣ୍ଡିଆ ମୁଭମେଂଟ ଆରମ୍ଭ କରି ଦେଶର ପ୍ରତ୍ୟେକ ନାଗରିକଙ୍କୁ ସୁସ୍ଥ ରହିବା ପାଇଁ ପ୍ରେରଣା ଦେଇ ଆସୁଛନ୍ତି। ଫିଟ୍ ଇଣ୍ଡିଆ ଲକ୍ଷ୍ୟ ହାସଲ ଦିଗରେ ସାଇକ୍ଲିଙ୍ଗ ଅତ୍ୟନ୍ତ ଗୁରୁତ୍ୱପୂର୍ଣ ମାଧ୍ୟମ। ପ୍ରତିଯୋଗୀଙ୍କୁ ପ୍ରତିଯୋଗିତା ନକରି ସ୍ପୋର୍ଟ୍ସମ୍ୟାନ ସ୍ପିରିଟ ନିଜ ଭିତରେ ବଜାଇ ରଖିବାକୁ ପରାମର୍ଶ ଦେଇଥିଲେ। ଜାତୀୟ ଶିକ୍ଷାନୀତି ୨୦୨୦ ରେ ଖେଳ ଗୁରୁତ୍ୱପୂର୍ଣ ଅଂଶଗ୍ରହଣ କରିଛି । ଏହି ନୀତିରେ ପିଲାମାନଙ୍କୁ ତୃଣମୂଳ ସ୍ତରରୁ ଆରମ୍ଭ କରି ଅଲିମ୍ପିକ ପର୍ଯ୍ୟନ୍ତ ଗୋଟିଏ ସୁଦୃଢ଼ ଭିତିଭୂମି ପ୍ରଦାନ କରିବାର ଲକ୍ଷ୍ୟ ରଖିଛି । ମାଁ ସମଲେଶ୍ୱରୀଙ୍କ ଆଶୀର୍ବାଦରେ ସମ୍ବଲପୁରରୁ ଆରମ୍ଭ ହୋଇଥିବା ଏହି ଯାତ୍ରା ଆନ୍ତର୍ଜାତୀୟ ସ୍ତରରେ ଓଡିଶା ଓ ଭାରତର ସ୍ଥାନକୁ ମଜବୁତ କରିବ ବୋଲି ସେ ଆଶା ପ୍ରକଟ କରିଥିଲେ।

# ନୂଆପଡ଼ାରେ ଜିଲ୍ଲାସ୍ତରୀୟ କପା କ୍ରୟ କମିଟି ବୈଠକ

ନୂଆପଡ଼ା,୦୩/୧୨ (ନି.ପ୍ର): ଚଳିତ ଖରିଫ ବିପଣନ ନୂଆପଡା ଜିଲ୍ଲାରେ ୨୦୨୫-୨୬ ଋତୁ ପାଇଁ କପା କ୍ରୟ ନିମନ୍ତେ ଏକ ଜିଲ୍ଲାସ୍ତରୀୟ କପା କ୍ରୟ କମିଟି ବୈଠକ ଆଜି ନୂଆପଡ଼ା ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଉକ୍ତ ବୈଠକରେ କଳାହାଣ୍ଡି ସାଂସଦଙ୍କ ପ୍ରତିନିଧି, ବିଧାୟକଙ୍କ ପ୍ରତିନିଧି, ଉପ-ଜିଲ୍ଲାପାଳ ସୁର୍ମି ସୋରେନ, ଉପ-ନିବନ୍ଧକ ସମବାୟ ସମିତି, ଆର୍‌ଏମ୍‌ସି ସମ୍ପାଦକ, ଭାରତୀୟ କପା ନିଗମ ସେଂଟର୍ ଇନ୍‌ଚାର୍ଜ, କୃଷି ବିଭାଗର ସମସ୍ତ ଅଧିକାରୀ ଏବଂ ଅନ୍ୟାନ୍ୟ ସଦସ୍ୟ ଉକ୍ତ ବୈଠକରେ ଯୋଗ ଦେଇଥିଲେ। ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ପ୍ରଦୀପ କୁମାର ନାୟକ, କାର୍ଯ୍ୟସୂଚୀ ଅନୁଯାୟୀ ତଥ୍ୟ ଉପସ୍ଥାପନ କରିଥିଲେ। ଆସନ୍ତା ୪ ଡିସେମ୍ବର ୨୦୨୫ ତାରିଖରୁ ନୂଆପଡ଼ା ଜିଲ୍ଲାର ପଲ୍ଲିପାନି ମଣ୍ଡି ମାଧ୍ୟମରେ କେନ୍ଦ୍ର ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ କ୍ୱିଂଟାଲ ପିଛା ୮୧୧୦ ଟଙ୍କା ପ୍ରତି କ୍ୱିଂଟାଲ ହିସାବରେ ନୂଆପଡ଼ା ଜିଲ୍ଲାର ସମସ୍ତ ଚାଷୀଙ୍କ ଠାରୁ କପା କ୍ରୟ କରାଯିବ ବୋଲି ନିଷ୍ପତି ନିଆଗଲା। ଜିଲ୍ଲାର ସମସ୍ତ କପା ଚାଷୀ ୩୧ ଡିସେମ୍ବର ୨୦୨୫ ସୁଦ୍ଧା ନିଜର ପଞ୍ଜୀକରଣ କରିବା ପାଇଁ ନିଷ୍ପତି ନିଆଗଲା।

# ବଲାଙ୍ଗିର ଜିଲ୍ଲା ବରିଷ୍ଠ ନାଗରିକ ମଂଚ ଦ୍ୱାରା ଜଳସାଇ କାର୍ଯ୍ୟକ୍ରମ

ବଲାଙ୍ଗିର,୦୩/୧୨ (ନି.ପ୍ର): ବଲାଙ୍ଗିର ଜିଲ୍ଲା ବରିଷ୍ଠ ନାଗରିକ ମଂଚର ସଭାପତି ପ୍ରଭାକର ମିଶ୍ର, ସାଧାରଣ ସମ୍ପାଦକ କପିଳେଶ୍ୱର ଖମାରୀ, ସଂଗଠନ ସଂପାଦକ ବିନୟ କୁମାର ମିଶ୍ର, ମୁଖ୍ୟ ଉପଦେଷ୍ଟା ନାରାୟଣ ପାଢୀ ତଥା ସମସ୍ତ ସଭ୍ୟମାନଙ୍କ ଦ୍ୱାରା ସ୍ଥାନୀୟ ଖୁଜେନପାଲି ଶିବ ମନ୍ଦିରରେ ଜଳସାଇ କାର୍ଯ୍ୟକ୍ରମ ଶାନ୍ତି ଶୃଙ୍ଖଳାର ସହ ସମାପ୍ତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ସମସ୍ତ ସଭ୍ୟମାନେ ସସ୍ତ୍ରୀକ ଉପସ୍ଥିତ ରହି ପୂଜାର୍ଚ୍ଚନା କରି ମନ୍ଦିର ଗୃହରେ ଜଳ ଭର୍ତି କରିଥିଲେ । ପୂଜାରେ ସଭ୍ୟ ପୂର୍ଣ୍ଣଚନ୍ଦ୍ର ମେହେର ଦମ୍ପତି କର୍ତା ଭାବରେ ପୂଜା କାର୍ଯ୍ୟରେ ସହଯୋଗ କରିଥିଲେ । ପ୍ରତି ବର୍ଷ ମଂଚ ତରଫରୁ ସମସ୍ତ ସଭ୍ୟମାନଙ୍କ ସହଯୋଗରେ ଜଳସାଇ କାର୍ଯ୍ୟକ୍ରମ କରାଯାଇଥାଏ ।

# ମୁଖ୍ୟମନ୍ତ୍ରୀ ମେଧାବୀ ଛାତ୍ର ପ୍ରୋତ୍ସାହନ ଯୋଜନା ପାଇଁ ଆସିଲା ଏସଓପି

ଭୁବନେଶ୍ୱର,୦୩/୧୨ (ନି.ପ୍ର): ୨୦୨୫-୨୬ ବର୍ଷ ଲାଗି ମୁଖ୍ୟମନ୍ତ୍ରୀ ମେଧାବୀ ଛାତ୍ର ପ୍ରୋତ୍ସାହନ ଯୋଜନା ପାଇଁ ଏସଓପି ଆସିଛି। ଏହି ଏସଓପି ଅନୁଯାୟୀ ସ୍କଲାରସିପ୍ ପାଣ୍ଠିକୁ ସିଧାସଳଖ ଲାଭ ହସ୍ତାନ୍ତର (ଡିବିଟି) ମାଧ୍ୟମରେ ହିତାଧିକାରୀମାନଙ୍କୁ ପ୍ରଦାନ କରାଯିବ । ବର୍ଷରେ ଜଣେ ଛାତ୍ର ମନୋନୀତ ହୁଅନ୍ତି ଏବଂ ଇ-ମେଧାବୃତି ଛାତ୍ରବୃତି ପାଆନ୍ତି କିନ୍ତୁ ପରବର୍ତୀ ସମୟରେ ପାଠ୍ୟକ୍ରମ ବନ୍ଦ କରି କଲେଜ ଛାଡିଦିଅନ୍ତି। ଯଦି ପରବର୍ତୀ ଶିକ୍ଷାବର୍ଷରେ, ଛାତ୍ର ଏକ ନୂତନ କଲେଜରେ ପ୍ରବେଶ କରନ୍ତି ଏବଂ ପ୍ରଥମ ବର୍ଷରୁ ଏକ ନୂତନ ପାଠ୍ୟକ୍ରମ ଆରମ୍ଭ କରନ୍ତି, ତେବେ ସେ ନୂତନ ପାଠ୍ୟକ୍ରମର ସେହି ପ୍ରଥମ ବର୍ଷ ପାଇଁ ଇ-ମେଧାବୃତି ଛାତ୍ରବୃତି ପାଇଁ ଆବେଦନ କରିବାକୁ ଯୋଗ୍ୟ ହେବେ ନାହିଁ।

ଛାତ୍ର କେବଳ ନୂତନ ପାଠ୍ୟକ୍ରମର ଦ୍ୱିତୀୟ ବର୍ଷରେ ଛାତ୍ରବୃତି ପାଇଁ ଆବେଦନ କରିବାକୁ ଯୋଗ୍ୟ ହେବେ ଏବଂ ଯେଉଁ ଶିକ୍ଷାବର୍ଷରେ ତାଙ୍କୁ କଲେଜରେ ପ୍ରବେଶ କରାଯାଇଥିଲା ସେହି ଶିକ୍ଷାବର୍ଷ ପାଇଁ ଅବ୍ୟବହୃତ ସ୍କୁଲ କୋଟା ଉପଲବ୍ଧ ହେଲେ ତାଙ୍କୁ ଇ-ମେଧାବୃତି ପ୍ରଦାନ ପାଇଁ ବିବେଚନା କରାଯିବ।

ଶିକ୍ଷାଗତ ରେକର୍ଡ,ଯୋଗ୍ୟତା ସ୍କଲାରସିପ୍ ପାଇଁ ବିଭିନ୍ନ ଯୋଗ୍ୟତା ବର୍ଗରେ ଦର୍ଶାଯାଇଥିବା ଯୋଗ୍ୟତା ପରୀକ୍ଷା ସହିତ ଜଡିତ ଟ୍ରାନ୍ସକ୍ରିପ୍ଟ କିମ୍ବା ମାର୍କ ସିଟ୍।

# ପ୍ରାଥମିକ ଶିକ୍ଷକ ସଂଘ ତରଫରୁ ଦାବିପତ୍ର ପ୍ରଦାନ

ଜୟପୁର,୦୩/୧୨ (ନି.ପ୍ର): ପ୍ରାଥମିକ ସଂଘ ଜୟପୁର ବ୍ଲକ ତରଫରୁ ଏକ ଶୋଭାଯାତ୍ରାରେ ଆସି ସ୍ମାରକପତ୍ର ପ୍ରଦାନ କରାଯାଇଛି । ପ୍ରାଥମିକ ଶିକ୍ଷକ ସଂଘ ସଭାପତି ଦେବୀ ପ୍ରସାଦ ଦାସଙ୍କ ତତ୍ତ୍ୱାବଧାନରେ ଶିକ୍ଷକ ମାନଙ୍କର ୨ ଦଫା ଦାବି ନେଇ ଜୟପୁର ଗୋଷ୍ଠୀ ଶିକ୍ଷାଧିକାରୀଙ୍କ ଅନୁପସ୍ଥିତିରେ ଅତିରିକ୍ତ ଗୋଷ୍ଠି ଶିକ୍ଷା ଅଧିକାରୀ କେ. ଗୋପାଳଙ୍କୁ ପତ୍ର ପ୍ରଦାନ କରାଯାଇଛି । ମୁଖ୍ୟମନ୍ତ୍ରୀ, ଓଡିଶାଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଉକ୍ତ ଦାବି ପତ୍ରରେ ଉଲ୍ଲେଖ କରାଯାଇଛି ଯେ, ପ୍ରାଥମିକ ଶିକ୍ଷକଙ୍କ ମୂଳ ପଦବୀକୁ ଅପଗ୍ରେଡ଼ କରି ଲେବୁଲ ୯ ଅନୁଯାଇ ମୂଳ ବେତନ ୩୫ ହଜାର ୪ ଶହ ପ୍ରଦାନ କରିବା, ପ୍ରାଥମିକ ଶିକ୍ଷା ବ୍ୟବସ୍ଥାରୁ ଠିକା ପ୍ରଥା ଉଚ୍ଛେଦ କରି ୨୦୦୧ ମସିହା ଠାରୁ କାର୍ଯ୍ୟରତ ଶିକ୍ଷକ ମାନଙ୍କର ଠିକା କାର୍ଯ୍ୟକାଳକୁ ମୂଳ ଚାକିରୀରେ ଗଣନା କରିବା ସହିତ ନୋସନାଲ ଇଂକ୍ରିମେଂଟ ପ୍ରଦାନ କରିବା । ଏହି ଦାବି ୨ଟିକୁ ସରକାର ଯଥାଶୀଘ୍ର ପୂରଣ ନକଲେ ଆସନ୍ତା ୫ ତାରିଖରେ ଭୁବନେଶ୍ୱର ଠାରେ ବିଶାଳ ଶିକ୍ଷକ ସମାବେଶ ଆୟୋଜନ ନିମିତ ରାଜ୍ୟ ପ୍ରାଥମିକ ଶିକ୍ଷକ ସଂଘ ଡାକରା ଦେଇଛି। ଆସନ୍ତା ୪ ତାରିଖ ସୁଦ୍ଧା ଦାବି ପୂରଣ ନହେଲେ ୫ ତାରିଖ ଠାରୁ ଆନ୍ଦୋଳନକୁ ଓହ୍ଲାଇବାକୁ ଚେତାବନୀ ଦେଇଛନ୍ତି । ଏଥିରେ ପ୍ରାଥମିକ ଶିକ୍ଷକ ସଂଘ ସମ୍ପାଦକ ପ୍ରଦୀପ କୁମାର ମିଶ୍ର, ସହ ସମ୍ପାଦକ ମନୋରଞ୍ଜନ ପଲାଇ, ଉପ ସଭାନେତ୍ରୀ ମମତା ମହାପାତ୍ର, କୋଷାଧକ୍ଷ ପୁରନ୍ଦର ନାୟକ, ଏନପିଏସ ଶିକ୍ଷକ ପାରାଡିଶ ଫିଲିପ୍ସ, ରୁଦ୍ରପ୍ରସନ୍ନ ପାଣିଗ୍ରାହୀ, ଜ୍ୟୋତିଶଙ୍କର ତ୍ରିପାଠୀ, ଶିବରାମ ଦାସ, ସାଗର ତ୍ରିପାଠୀ, ସଂଯୁକ୍ତ। ରାଉତ, କନିଷ୍ଠ ଶିକ୍ଷକ ଅଜିତ କୁମାର ବେହେରା, କରୁଣାମୟ ପୃଷ୍ଟି, ଚକ୍ରଧର ସାହୁଙ୍କ ସମେତ ୧୦୦ରୁ ଊର୍ଦ୍ଧ୍ୱ ଶିକ୍ଷକ ଶିକ୍ଷୟତ୍ରୀ ଯୋଗ ଦେଇଥିଲେ।

# ପୁନେ ଓ ଚେନ୍ନାଇର ୧୭ତମ ଆଦିବାସୀ ଯୁବ ବିନିମୟ କାର୍ଯ୍ୟକ୍ରମରେ କନ୍ଧମାଳର ଯୁବକ ଯୁବତୀଙ୍କ ସଫଳତା

କନ୍ଧମାଳ,୦୩/୧୨ (ନି.ପ୍ର): ଯୁବ କାର୍ଯ୍ୟକ୍ରମ ଏବଂ କ୍ରୀଡ଼ା ମନ୍ତ୍ରଣାଳୟର ଅଧୀନସ୍ଥ ସ୍ୱୟଂଶାସିତ ସଂସ୍ଥା 'ମେରା ଯୁବା ଭାରତ' (ମାଇଁ ଭାରତ) ଓ ଗୃହ ମନ୍ତ୍ରଣାଳୟର ମିଳିତ ସହଯୋଗରେ ଆୟୋଜିତ ୧୭ତମ ଆଦିବାସୀ ଯୁବ ବିନିମୟ କାର୍ଯ୍ୟକ୍ରମରେ କନ୍ଧମାଳର ଯୁବ ଦଳ ଓଡ଼ିଶାର ସମ୍ମାନ ବଢ଼ାଇଛନ୍ତି। ମେରା ଯୁବା ଭାରତ, କନ୍ଧମାଳର ଅଂଶଗ୍ରହୀମାନେ ନିଜର ଦକ୍ଷତା, ସାହସ ଓ ସଂସ୍କୃତିକ ଉଦ୍ୟମ ଦ୍ୱାରା ଜାତୀୟ ମଂଚରେ ଦୃଢ଼ ଚିହ୍ନ ରଖି ଆସିଛନ୍ତି।

୨୩ରୁ ୨୯ ନଭେମ୍ବର ୨୦୨୫ ପର୍ଯ୍ୟନ୍ତ ପୁନେରେ ଆୟୋଜିତ କାର୍ଯ୍ୟକ୍ରମରେ କନ୍ଧମାଳ ପାଇଁ ବିଶେଷ ସଫଳତା ଆଣିଛନ୍ତି। ଯୁବମାନେ ବକ୍ତୃତା ପ୍ରତିଯୋଗିତାରେ ଦ୍ୱିତୀୟ ସ୍ଥାନ ଓ ଗ୍ରୁପ୍ ଡାନ୍ସରେ ପ୍ରଥମ ସ୍ଥାନ ଅଧିକାର କରି ଦର୍ଶକମାନଙ୍କୁ ମନ୍ତ୍ରମୁଗ୍ଧ କରିଛନ୍ତି। ସେମାନଙ୍କର ଭାଷଣ ଆତ୍ମବଳ, ପରିଚୟ ଓ ଅଭିରୁଚିକୁ ପ୍ରକାଶ କରିଥିଲା, ଯେତେବେଳେ ନୃତ୍ୟ ପ୍ରଦର୍ଶନ କନ୍ଧମାଳର ସମୃଦ୍ଧ ଜାତିୟ ସଂସ୍କୃତିକୁ ମଂଚରେ ଉଜାଗର କରିଥିଲା। ୨୩ ରୁ ୨୯ ନଭେମ୍ବର ପର୍ଯ୍ୟନ୍ତ ଚେନ୍ନାଇ ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ମଧ କନ୍ଧମାଳର ଦଳ ଉଲ୍ଲେଖନୀୟ ସଫଳତା ହାସଲ କରିଛି। ସେମାନେ ଗ୍ରୁପ୍ ଡାନ୍ସ ପ୍ରତିଯୋଗିତାରେ ତୃତୀୟ ସ୍ଥାନ ଅଧିକାର କରି ଦର୍ଶକ ଓ ବିଚାରକମାନଙ୍କୁ ନୃତ୍ୟର ଦ୍ରୁତ, ଗଠନ ଓ ସାଂସ୍କୃତିକ ଛାପ ଦ୍ୱାରା ପ୍ରଭାବିତ କରିଥିଲେ। ଆଦିବାସୀ ଯୁବ ବିନିମୟ କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଦେଶର ବିଭିନ୍ନ ଅଞ୍ଚଳର ଜାତିୟ ଯୁବମାନଙ୍କୁ ଏକ ମଂଚରେ ଆଣି ସାଂସ୍କୃତିକ ବିନିମୟ, ନେତୃତ୍ୱ ବିକାଶ, ଜ୍ଞାନବର୍ଧନ ଓ ଅନୁଭବ ସଂଗ୍ରହର ସୁଯୋଗ ପ୍ରଦାନ କରିବା। ସପ୍ତାହ ତଳିଆ ଆୟୋଜନରେ ସାଂସ୍କୃତିକ ସନ୍ଧ୍ୟା, ପ୍ରେରଣାଦାୟକ ବ୍ୟାଖ୍ୟାନ, ଶିକ୍ଷାମୂଳକ ଭ୍ରମଣ ଓ ସମ୍ପର୍କ ବିକାଶ କାର୍ଯ୍ୟକ୍ରମ ଯୁବମାନଙ୍କ ପାଇଁ ଅବିସ୍ମରଣୀୟ ଅନୁଭବ ତିଆରି କରିଥିଲା। ମେରା ଯୁବା ଭାରତ, କନ୍ଧମାଳର ଅଂଶଗ୍ରହଣକାରୀ ମାନଙ୍କ ପାଇଁ ଏହି କାର୍ଯ୍ୟକ୍ରମ କେବଳ ପ୍ରତିଯୋଗିତା ନୁହେଁ, ଜୀବନ ଗଢ଼ିଦେବା ଏକ ଅଭିଜ୍ଞତା ଥିଲା। ନୂଆ ଆତ୍ମବିଶ୍ୱାସ, ସ୍ମୃତି ଓ ସମ୍ପର୍କ ସହିତ ସେମାନେ ଆପଣା ଜିଲ୍ଲାକୁ ଫେରିଛନ୍ତି। ସେମାନଙ୍କ ଏହି ସଫଳତା କେବଳ କନ୍ଧମାଳକୁ ନୁହେଁ, ଓଡ଼ିଶାକୁ ମଧ୍ୟ ଗର୍ବିତ କରିଛି। ଆଗାମୀ ବର୍ଷଗୁଡ଼ିକରେ ଅଧିକ ଯୁବମାନେ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି ନିଜ ସମ୍ଭାବନାକୁ ମଂଚରେ ଦେଖାଇବେ ବୋଲି ଆଶା।

# ଶାଗକିଆରୀ ଗାଁକୁ ବିଦ୍ୟୁତ ସଂଯୋଗ କେବେ ?

ଗଞ୍ଜାମ,୦୩/୧୨ (ନି.ପ୍ର): ଗୋଟିଏ ଗଣମାଧ୍ୟମରେ ଖବର ପ୍ରଚାରିତ ଓ ପ୍ରସାରିତ ହୋଇ ମୁଖ୍ୟମନ୍ତ୍ରୀଙ୍କ ନଜରକୁ ଆସିବା ପରେ ତୁରନ୍ତ ଏହି ଗ୍ରାମକୁ ବିଦ୍ୟୁତ ସଂଯୋଗ କରିବାକୁ ସେ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏହାର ଦଶଦିନ ପରେ ସୁବର୍ଣ୍ଣପୁର ଗ୍ରାମକୁ ସ୍ୱାଧୀନତା ପ୍ରାପ୍ତି ର ୭୯ ବର୍ଷ ପରେ ବିଦ୍ୟୁତକରଣ କରାଯାଇଛି । ଏ ଧରଣର ଗଞ୍ଜାମ ଜିଲାରେ ବହୁଗ୍ରାମ ରହିଛି ସେ ଅଂଚଳର ଲୋକେ ବିଦ୍ୟୁତ ସେବାରୁ ବଂଚିତ ରହିଛନ୍ତି। ସେହିଭଳି ଗଂଜାମ ଜିଲାର ଧରାକୋଟ ବ୍ଲକ ଅନ୍ତର୍ଗତ ଶାଗକିଆରୀ ଗାଁ କୁ ଏଯାଏ ବିଦ୍ୟୁତ ସଂଯୋଗ ହୋଇନାହିଁ । ଏ ଗ୍ରାମକୁ ପୁଣିକେବେ ବିଦ୍ୟୁତକରଣ ପାଇଁ ମୁଖ୍ୟମନ୍ତ୍ରୀ ଗଂଜାମ ଜିଲାପାଳଙ୍କୁ ନିର୍ଦ୍ଦେଶ ଦେବେ ତାହା ହିଁ ଦେଖିବାକୁ ଶାଗ କିଆରୀ ଗାଁ ଲୋକେ ଚାତକ ଭଳି ଚାହିଁ ବସିଛନ୍ତି ।

# 'କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କ ପାଇଁ ଜଳବାୟୁ ଅନୁକୂଳ କୃଷି' ପ୍ରକଳ୍ପର ଉଦ୍ଘାଟନ କର୍ମଶାଳା

ଜୟପୁର,୦୩/୧୨ (ନି.ପ୍ର): କୋରାପୁଟ ସ୍ଥିତ ସଦଭାବନା ସଭାଗୃହ ଠାରେ ପ୍ରଗତି କୋରାପୁଟ ଦ୍ୱାରା ଜିଲ୍ଲା ପ୍ରଶାସନ ସହଯୋଗରେ ପୀବ୍ଲୁସି ଇଣ୍ଡିଆ ଫୋ ?ଣ୍ଡସନ ସହାୟତାରେ ଆରମ୍ଭ କରାଯାଇଥିବା କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କ ପାଇଁ ଜଳବାୟୁ ଅନୁକୂଳ କୃଷି ପ୍ରକଳ୍ପର ଉଦଘାଟନ କର୍ମଶାଳା ଆୟୋଜିତ ହୋଇଯାଇଛି । ଏହି କର୍ମଶାଳାରେ କୋରାପୁଟ ଜିଲ୍ଲାପାଳ ଶ୍ରୀ ମନୋଜ ସତ୍ୟବାନ ମହାଜନ, ମୁଖ୍ୟ ଅତିଥି ଭାବେ ଯୋଗଦାନ କରି ପ୍ରକଳ୍ପର ସଫଳ ରୂପାୟନ ନିମନ୍ତେ ଶୁଭକାମନା ଜଣାଇବା ସହ ଜିଲ୍ଲା ପ୍ରଶାସନର ସହଯୋଗ ପାଇଁ ପ୍ରତିଶୃତି ପ୍ରଦାନ କରିଥିଲେ । ଡବ୍ଲୁସି ର କାର୍ଯ୍ୟକ୍ରମ ଅଧିକାରୀ ପୁଣ୍ୟଶୀଳ ଯାନଜୋନ ପି ଡବ୍ଲୁସ ଇଣ୍ଡିଆ ଫୋଣ୍ଡସନ ର ଆଭିମୁଖ୍ୟ ସମ୍ପର୍କରେ ବିବରଣୀ ପ୍ରଦାନ କରିଥିଲେ ଓ ଲମତାପୁଟ ବ୍ଲକରେ ଆରମ୍ଭ କରାଯାଉଥିବା ପ୍ରକଳ୍ପର ସଫଳତା ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ । ପ୍ରକଳ୍ପର ଲକ୍ଷ୍ୟ, ଉଦ୍ଦେଶ୍ୟ, କାର୍ଯ୍ୟକ୍ରମ ଓ ଆର୍ଥିକ ଅଟକଳ ସମ୍ପର୍କରେ ପ୍ରଗତିର କାର୍ଯ୍ୟନିର୍ବାହୀ ଅଧିକାରୀ ଉପସ୍ଥାପନା କରିଥିଲେ । ପ୍ରକଳ୍ପ ଲମତାପୁଟ ବ୍ଲକର ତୁଷବା ଗ୍ରାମପଂଚାୟତରେ ୫ଟି ଗ୍ରାମରେ କାର୍ଯ୍ୟକାରୀ କରାଯିବ । କାର୍ଯ୍ୟକ୍ରମ ଜରିଆରେ କୃଷକ ଉତ୍ପାଦକ ଗୋଷ୍ଠୀ ଗଠନ କରି କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କ ପାଇଁ କୂପ ଖନନ, ସୌର ଚାଳିତ ପମ୍ପ, ମୃତ୍ତିକା ସଂରକ୍ଷଣ, ଫଳ ବଗିଚା ସୃଷ୍ଟି, ଶ୍ରୀ ପ୍ରଣାଳୀରେ ଧାନ ଓ ମାଣ୍ଡିଆ ଚାଷ, ଅଧା ଏକର ଆଦର୍ଶ ବଗିଚା ଇତ୍ୟାଦି କାର୍ଯ୍ୟକ୍ରମ କରାଯିବ । ଏଥି ନିମନ୍ତେ ଚାଷୀମାନଙ୍କୁ ଆବଶ୍ୟକୀୟ ତାଲିମ ପ୍ରଦାନ କରାଯିବ । ପ୍ରକଳ୍ପରେ ସମ୍ମାନିତ ଅତିଥି ଭାବେ ଜିଲ୍ଲା କୃଷି ଉଦ୍ୟାନ ବିଭାଗ ଉପନିର୍ଦ୍ଦେଶକ, ଜିଲ୍ଲା କୃଷି ଅଧିକାରୀ, ମିଶନ ଶକ୍ତି ଜିଲ୍ଲା ସଂଯୋଜକ, ଓଡିଶା ଜୀବିକା ମିଶନ ଜିଲ୍ଲା ସଂଯୋଜିକା, ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପରିଚାଳକ ଉପସ୍ଥିତ ରହି ସେମାନଙ୍କର ବିଭାଗର ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ବିସ୍ତୃତ ଭାବେ ଆଲୋଚନା କରିବା ସହ ପ୍ରକଳ୍ପ ଅଂଚଳରେ ଏହି ସବୁ କାର୍ଯ୍ୟକ୍ରମକୁ କାର୍ଯ୍ୟକାରୀ କରିବା ପାଇଁ ସେମାନଙ୍କର ସମ୍ପୂର୍ଣ୍ଣ ସହଯୋଗ ନିମନ୍ତେ ସହମତି ପ୍ରଦାନ କରିଥିଲେ । ଜିଲ୍ଲା ଯୋଜନା ବିଭାଗର ଉପ ନିର୍ଦ୍ଦେଶକ ଶ୍ରୀ ସୂର୍ଯ୍ୟକାନ୍ତ ବେହେରା ଆକାଂକ୍ଷା ଜିଲ୍ଲା କୋରାପୁଟ ତଥା ଲମତାପୁଟ ବ୍ଲକରେ କିପରି ଜିଲ୍ଲା ପ୍ରଶାସନ ସହାୟତାରେ କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କ ବିକାଶ ହୋଇପାରିବ ସେଥିନିମନ୍ତେ ଜିଲ୍ଲା ପ୍ରଶାସନ ଓ ସମସ୍ତ ବିଭାଗର ସହଯୋଗ ରହିବ ବୋଲି ମତ ବ୍ୟକ୍ତ କରିଥିଲେ ।

## ସୀମା ହେଲେ ପ୍ରଥମ



ବାଣୀବିହାର , ୦୩/୧୨ (ନି.ପ୍ର): ସମଗ୍ର ଓଡ଼ିଶାର ବିଭିନ୍ନ ବିଶ୍ୱବିଦ୍ୟାଳୟ ରେ ପିଏଚ. ଡି ଡିଗ୍ରୀ ନିମିତ୍ତ ଗବେଷଣା ରତ ଛାତ୍ରଛାତ୍ରୀ ମାନଙ୍କ ସକାଶେ ଏକ ବୃହତ୍ତର ରିସର୍ଚ୍ଚ କନକ୍ଲେଭ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ନିଜ ଗବେଷଣା ଆଧାରିତ ବିଷୟର ପୋଷ୍ଟର ପ୍ରଦର୍ଶନ ପୂର୍ବକ ବିଶେଷ କୃତିତ୍ୱ ଅର୍ଜନ କରିଥିବାରୁ ଉତ୍କଳ ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ଭାଷା ଓ ସାହିତ୍ୟ ବିଭାଗର ଗବେଷିକା ସୀମା ସ୍ୱାଇଁ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି ।ତାଙ୍କ ପୋଷ୍ଟରର ଶିରୋନାମା ଥିଲା "ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ କ୍ଷୁଦ୍ରଗଳ୍ପରେ ଆତ୍ମତତ୍ତ୍ୱ ଓ ବ୍ୟକ୍ତିତତ୍ତ୍ୱର ସମ୍ପର୍କ" । ତାଙ୍କର ଏହି ସଫଳତା ସକାଶେ ବିଭାଗ -ମୁଖ୍ୟ ତଥା ତାଙ୍କ ଗାଇଡ୍ ଡକ୍ଟର ରୁଦ୍ରନାରାୟଣ ମହାପାତ୍ର, ପରିଦର୍ଶକ ପ୍ରଫେସର ମଣୀନ୍ଦ୍ର କୁମାର ମେହେର, ଡକ୍ଟର ରମେଶ ଚନ୍ଦ୍ର ମଲ୍ଲିକ, ଆନପା ମାର୍ଣ୍ଡି, ଡକ୍ଟର ସଂଗ୍ରାମ କେଶରୀ ରାଉତ ପ୍ରମୁଖ ଶିକ୍ଷକ ବୃନ୍ଦ ତଥା ଛାତ୍ରଛାତ୍ରୀ, ଗବେଷକ ଗବେଷିକା ସମସ୍ତେ ତାଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି ।

# ସାରଳା ମହାଭାରତରେ ନାରୀର ସ୍ଥାନ ମର୍ଯ୍ୟାଦାପୂର୍ଣ୍ଣ

ବାଣୀବିହାର , ୦୩/୧୨ (ନି.ପ୍ର): ମହାକବି ସାରଳା ଦାସ ସ୍ୱରଚିତ ମହାଭାରତରେ ନାରୀଙ୍କୁ ଅତ୍ୟନ୍ତ ମର୍ଯ୍ୟାଦାପୂର୍ଣ୍ଣ ସ୍ଥାନ ଦେଇଛନ୍ତି । ସମଗ୍ର ଭାରତ ବର୍ଷରେ କବି ମହାକବିମାନଙ୍କ ଦ୍ୱାରା ରଚିତ ଉଚ୍ଚକୋଟୀର କାବ୍ୟକୀର୍ତ୍ତି ସହିତ ତୁଳନାତ୍ମକ ଆଲୋଚନା ଉପସ୍ଥାପନ କରି ବିଶ୍ୱଭାରତୀ ଶାନ୍ତିନିକେତନର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗର ପ୍ରାକ୍ତନ ପ୍ରଫେସର ନୀଳାଦ୍ରି ଭୂଷଣ ହରିଚନ୍ଦନ ଉତ୍କଳ ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ଓଡ଼ିଆ ବିଭାଗରେ ଅନୁଷ୍ଠିତ ଏକ ସ୍ୱତନ୍ତ୍ର ଜାତୀୟ ସମ୍ମାନରେ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ଉକ୍ତ ଅଭିମତ ପ୍ରକାଶ



କରିଛନ୍ତି । ପୁଣି ସାରଳା ଦାସ କିପରି ମହାଭାରତୀୟ ଚେତନାର ଥିଲେ ଶ୍ରେଷ୍ଠ ବାର୍ତ୍ତାବହ ତାହା ବିଭିନ୍ନ ପ୍ରମାଣ ଓ ଉଦାହରଣ ସହ ସେ ପ୍ରତିପାଦନ କରିଥିଲେ । ୩୬ ବର୍ଷର ଶିକ୍ଷକ ଜୀବନରେ ସ୍ୱଅର୍ଜିତ ବିରଳ ଅଭିଜ୍ଞତା ଓ ଅବିସ୍ମରଣୀୟ ବିବିଧ ଅନୁଭୂତି ବର୍ଣ୍ଣନା କରିବା ସଂଗେସଂଗେ ବିଦେଶ ଭ୍ରମଣର ଅଭିଯାନ ଆଧାରରେ ଇଣ୍ଡୋନେସିଆ ବାଲି ଦ୍ୱୀପରେ ପ୍ରତିବିମ୍ବିତ ଭାରତୀୟ ସଂସ୍କୃତି ସମ୍ପର୍କରେ ତାଙ୍କର ଆଲୋକପାତ ଅତ୍ୟନ୍ତ ମନୋମୁଗ୍ଧକର ହୋଇପାରିଥିଲା । ଏହି ସଭାରେ ସଭାପତିତ୍ୱ କରିଥିଲେ ବିଭାଗ-ମୁଖ୍ୟ ଡକ୍ଟର ରୁଦ୍ରନାରାୟଣ ମହାପାତ୍ର । ପ୍ରଫେସର ମଣୀନ୍ଦ୍ର କୁମାର ମେହେର ମୁଖ୍ୟ ଅତିଥିଙ୍କୁ ବିଭାଗ ତରଫରୁ ସମ୍ବର୍ଦ୍ଧିତ କରିଥିଲେ । ପ୍ରାଧ୍ୟାପକ ଡକ୍ଟର ସଂଗ୍ରାମ କେଶରୀ ରାଉତ ସଭା ସଂଯୋଜନା କରିଥିଲେ । ଡକ୍ଟର ରମେଶ ଚନ୍ଦ୍ର ମଲ୍ଲିକ ଅତିଥି ଅଭ୍ୟର୍ଥନା କରିଥିବାବେଳେ ଛାତ୍ରୀ ଶୁଭଦର୍ଶିନୀ ସ୍ୱାଗତ ସଂଗୀତ ଗାନ କରିଥିଲେ । ଧନ୍ୟବାଦ ଅର୍ପଣ କରିଥିଲେ ପାଠଚକ୍ର ସମ୍ପାଦକ ଦିନେଶ ନାଏକ ।ଆୟୋଜିତ ଏହି ଜାତୀୟ ସଂପକ୍ଷନରେ ବିଭାଗର ସମସ୍ତ ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରିଥିଲେ ।

# ଖଣି ଚୋରି ରୋକିବାକୁ ଦୃଢ ପଦକ୍ଷେପ ନିଆଯିବ: ଜିଲ୍ଲାପାଳ

ଖଇରା, ୦୩/୧୨ (ନି.ପ୍ର): ବାଲେଶ୍ୱର ଜିଲାପାଳ ସୂର୍ଯ୍ୟବଂଶୀ ମୟୁରବିକାଶ ବୁଧବାର ଅପରାହ୍ନରେ ଖଇରା ତହସିଲ ଅଧୀନସ୍ଥ ଶାରିଶୁଆ ପାହାଡ କପିଳଝୁରୀ-ବନ୍ଧନଟା ଓ ବଗେଇପୁର ମୌଜାର ବିଭିନ୍ନ ଖଣି ପରିଦର୍ଶନ କରିବା ସହ କାଗଜପତ୍ର ଯାଞ୍ଚ କରିଛନ୍ତି । ଏଥିସହ ଖଣି ଚୋରୀ ରୋକିବାକୁ କଡା ପଦକ୍ଷେପ ନେବା ଉପରେ ସାମ୍ବାଦିକ ମାନଙ୍କୁ ପ୍ରତିକ୍ରିୟା ଦେବା ଅବସରରେ ଚେତାବନୀ ଦେଇଛନ୍ତି । କେଉଁ କେଉଁ ଯାଗାରେ ପୋଲିସ



ଚେକ ପୋଷ୍ଟ ତିଆରୀ ହେବ ଏବଂ ଆଉ କେଉଁ ପଏଣ୍ଟରେ ସିସି କ୍ୟାମେରା ଲଗାଯିବ ସେ ସମ୍ପର୍କରେ ବିଭିନ୍ନ ବିଭାଗର ଅଧିକାରୀଙ୍କ ସହ ଆଲୋଚନା ହେବ । ଶାରିଶୁଆ ପାହାଡର ଭୌଗଳିକ ସ୍ଥିତିକୁ ଦୃଷ୍ଟିରେ ରଖି ୨ରୁ ୩ଦିନ ମଧ୍ୟରେ ବୈଠକ ବସି ଆବଶ୍ୟକ ଯୋଜନା ପ୍ରସ୍ତୁତ କରାଯିବ । ଗ୍ରିନ ଟ୍ରିବୁନାଲ ର କଟକଣା ହଟିବା ପର୍ଯ୍ୟନ୍ତ ବାଲି ଓ ପଥର ଚୋରୀ ରୋକିବାକୁ ପ୍ରଶାସନ ସବୁ ପ୍ରକାର ପଦକ୍ଷେପ ଗ୍ରହଣ କରିବ ବୋଲି ଜିଲାପାଳ ପ୍ରକାଶ କରିଛନ୍ତି । ତେବେ ଖଣି ବନ୍ଦହେଲେ ଶ୍ରମିକ ମାନେ କିଭଳି ଗୁଜୁରାଣ ମେଣ୍ଟାଇବେ ବୋଲି ଗଣମାଧ୍ୟମ ପ୍ରତିନିଧି ମାନେ ପଚାରିବା ପ୍ରଶ୍ନକୁ ଏଡାଇ ଯାଇଥିଲେ । ଜିଲାପାଳଙ୍କ ସହ ଉପଜିଲାପାଳ ସିବ ମାଲଭିଆ, ଖଣି ଅଧିକାରିଣୀ ସନ୍ତୋଷୀପ୍ରଭା ସେଠୀ, କନିଷ୍ଠ ଖଣି ଅଧିକାରୀ ଅଭିଷେକ ବେହେରା, ତହସିଲଦାର ଅମିତରଞ୍ଜନ ହୋତା, ବିଡିଓ ନାରାୟଣ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

# ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ପାଳିଲେ ଆନ୍ତର୍ଜାତିୟ ଭିନ୍ନକ୍ଷମ ଦିବସ

ଭଦ୍ରକ , ୦୩/୧୨ (ନି.ପ୍ର): ରାଜ୍ୟ ଆଇନ୍ ସେବା ପ୍ରାଧିକରଣ, କଟକଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ଭଦ୍ରକ ଧାମନଗର ସ୍ଥିତ ଶ୍ରଦ୍ଧାଳୟଠାରେ ଭିନ୍ନ କ୍ଷମ ଦିବସ ପାଳନ କରିଛନ୍ତି । ଏହି ଦିବସରେ ଦିବ୍ୟାଙ୍ଗ ମାନଙ୍କ ନିମିତ୍ତ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ସଚିବ ଶ୍ରୀ ପୁଣ୍ୟଶ୍ଳୋକ ରଥ ଦିବ୍ୟାଙ୍ଗ ମାନଙ୍କୁ ଉତ୍ସାହିତ ଉଦ୍ଦେଶ୍ୟରେ କହିଥିଲେ ଯେ ଦିବ୍ୟାଙ୍ଗ ମାନେ ହେଉଛନ୍ତି ସମାଜର ଜଣେ ଜଣେ ଯୋଦ୍ଧା, ତେଣୁ ସେମାନଙ୍କୁ ସବୁ ପ୍ରକାର ସୁବିଧା ଯଥା ସାମାଜିକ, ଅର୍ଥନୈତିକ,



ରାଜନୈତିକ, ଶିକ୍ଷା, ସ୍ୱାସ୍ଥ୍ୟ, ରୋଜଗାର ତଥା ସମାଜର ସାମାଜିକ ମୁଖ୍ୟ ସ୍ରୋତରେ ସେମାନଙ୍କୁ ସାମିଲ କରିବା ନିମିତ୍ତ ସେମାନଙ୍କ ପ୍ରତି ପ୍ରତ୍ୟେକ ନାଗରିକଙ୍କର ସାହାଯ୍ୟ ତଥା ସହାନୁଭୂତି ରଖିବା ଆବଶ୍ୟକ ।ଏହି କାର୍ଯ୍ୟକ୍ରମରେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀ ଖଗେଶ୍ୱର ସେଠୀ ଓ ସହକାରୀ ସାମାଜିକ ସୁରକ୍ଷା ଅଧିକାରୀ ସୁବାଶ ଚନ୍ଦ୍ର ନାୟକ, ଡଃ ତାପସ କୁମାର ମହାନ୍ତି, ସହାୟକ, ଏଲ ଏ ଡିସି, ଭଦ୍ରକ, ଯୋଗଦାନ କରିଥିଲେ ।

## ତହସିଲଦାରଙ୍କୁ ବାଲିମାଫିଆଙ୍କ ଦ୍ୱାରା ସଂଘବଦ୍ଧ ଆକ୍ରମଣ ଘଟଣାରେ ଆଉ ଜଣେ ଅଭିଯୁକ୍ତଙ୍କୁ ଗିରଫ

ବେତନଟୀ, ୦୩/୧୨ (ନି.ପ୍ର): ଚୋରା ବାଲିବୋଝେଇ ଟ୍ରାକ୍ଟରକୁ ଧରିବାକୁ କେନ୍ଦ୍ରକରି ବାଲିମାଫିଆମାନେ ୧୮ନଂ ଜାତୀୟରାଜପଥ ତୁଳସୀଚଉରା ଠାରେ ସଂଘବଦ୍ଧ ଭାବେ ଆକ୍ରମଣ ମାମଲାରେ ଆଉ ଜଣେ ଅଭିଯୁକ୍ତକୁ ଗିରଫକରି ବୁଧବାର କୋର୍ଟଚାଲାଣ କରିବାପରେ ବର୍ତ୍ତମାନ ଗିରଫସଂଖ୍ୟା ୧୦ରେ ପହଞ୍ଚିଛି । ଗିରଫ ଯୁବକ ଜଣକ ହେଉଛି ବଡସାହି ଥାନା ଅଧୀନ କୁଳିଅଣା ଗ୍ରାମର ସ୍ୱର୍ଗତ ଶରତଚନ୍ଦ୍ର କୁଅଁରଙ୍କ ପୁଅ ଭାଲୁ ଓରଫ ଶିବଶଙ୍କର କୁଅଁର(୨୩) ତହସିଲଦାରଙ୍କୁ ବାଲିମାଫିଆଙ୍କ ଦ୍ୱାରା ସଂଘବଦ୍ଧ ଆକ୍ରମଣ ଘଟଣାରେ ଭାଲୁ ଓରଫ ଶିବଶଙ୍କର ପରୋକ୍ଷ ଭାବରେ ଜଡିତ ଥିବାନେଇ ମୋବାଇଲ କଲରେକର୍ଡ ଏବଂ ଅନ୍ୟାନ୍ୟ ତଥ୍ୟକୁ ଆଧାରକରି ବେତନଟୀ ପୁଲିସ ଜାଣିବାକୁ ପାଇଛି । ଏହି ମାମଲାରେ ପୂର୍ବରୁ ଦୁଇଟି ପର୍ଯ୍ୟାୟରେ ମୋଟ ୯ଜଣ ଗିରଫ ହୋଇ କୋର୍ଟଚାଲାଣ ହୋଇଥିବା ବେଳେ ଭାଲୁ ଓଫ ଶିବଶଙ୍କର କୁଅଁର ଗିରଫ ହେବାପରେ ଏହି ସଂଖ୍ୟା ୧୦ରେ ପହଞ୍ଚିଛି । ଶିବଶଙ୍କର କୁଅଁରକୁ ପୁଲିସ ସ୍ୱାସ୍ଥ୍ୟପରୀକ୍ଷାକରାଇ ବେତନଟୀ ଜେଏମଏଫସି କୋର୍ଟରେ ହାଜର କରାଇଥିଲେ । ଜାମିନ ନାମଞ୍ଜୁର ହେବାରୁ ବାରିପଦାସ୍ଥିତ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି ।

## ମାଲକାନଗିରି ଜିଲ୍ଲାରେ ୪ ଦିନିଆ ବିଶେଷଜ୍ଞ ସ୍ୱାସ୍ଥ୍ୟସେବା ଶିବିର

ଭୁବନେଶ୍ୱର, ୦୩/୧୨ (ନି.ପ୍ର): ମୁଖ୍ୟମନ୍ତ୍ରୀ ବାୟୁ ସ୍ୱାସ୍ଥ୍ୟ ସେବା ଯୋଜନାରେ ମାଲକାନଗିରି ଜିଲ୍ଲାର ଦୂରଦୂରାନ୍ତ ଅଞ୍ଚଳରେ ବସବାସ କରୁଥିବା ଲୋକମାନଙ୍କୁ ସାର୍ବଜନୀନ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ଯୋଗାଇବା ନିମନ୍ତେ ବୁଧବାର ଶ୍ରୀ ରାମ ଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ ଏବଂ ହସପିଟାଲର ବିଶେଷଜ୍ଞ ଟିମ୍ ମାଲକାନଗିରି ଜିଲ୍ଲା ସଦର ମହକୁମା ହସ୍ପିଟାଲରେ ପହଂଚିଛନ୍ତି । ନିଶ୍ଚେତକ ବିଭାଗ ଡାକ୍ତର କମଳାକାନ୍ତ ବାରିକ, ୟୁରୋଲୋଜି ବିଭାଗ ଡାକ୍ତର ଶଶାଙ୍କ ଶେଖର ପ୍ରସାଦ ମହାପାତ୍ର, ହୃଦରୋଗ ବିଭାଗ ଡାକ୍ତର ବିଶ୍ୱବିକାଶ ମିଶ୍ର, ଗାଷ୍ଟ୍ରୋଏଂଟୋଲୋଜି ବିଭାଗ ଡାକ୍ତର ଶୁଭମ୍ ବେହେରା, ନେଫ୍ରୋଲୋଜି ବିଭାଗ ଡାକ୍ତର ଗୁଡିକା ମଲ୍ଲିକ ଏବଂ ନ୍ୟୁରୋଲୋଜି ବିଭାଗ ଡାକ୍ତର ପଲ୍ଲବୀ ଦାଶଙ୍କ ସମେତ ସହାୟକମାନେ ଆଜି ସକାଳୁ ସେଠାରେ ରୋଗୀଙ୍କର ପ୍ରାରମ୍ଭିକ ପରୀକ୍ଷା ନିରୀକ୍ଷା ଆରମ୍ଭ କରିଛନ୍ତି ।

# ମାସିକ ୧୦,୦୦୦ରୁ କମ୍ ଆୟ ବ୍ୟକ୍ତିଙ୍କୁ ଆୟୁଷ୍ମାନ ଯୋଜନାରେ ସାମିଲ କରାଯାଉ : ବିଧାୟକ ସନାତନ ବିଜୁଳି

ବେତନଟୀ , ୦୩/୧୨ (ନି.ପ୍ର): ଓଡିଶାରେ ବହୁ ଗରିବ ଲୋକ ଜାତୀୟ ଖାଦ୍ୟ ସୁରକ୍ଷା ଆଇନରେ ବଞ୍ଚିତ ଥିବାରୁ ପ୍ରତିବର୍ଷ ରାଜ୍ୟରେ ବହୁ ଗରିବ ଲୋକ ସ୍ୱାସ୍ଥ୍ୟ ସେବାରୁ ବଞ୍ଚିତ ହୋଇ ମୃତ୍ୟୁବରଣ କରୁଛନ୍ତି । ପୂର୍ବ ବିଜେଡି ସରକାର ୨୦୧୮ ମସିହାରେ ରାସନକାର୍ଡ ହିତାଧିକାରୀଙ୍କୁ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା (ବି.ଏସ.କେ.ୱାଇ)ରେ ସାମିଲ କରିଥିଲେ । ପରେ ୨୦୨୩ ମସିହାରେ ଏହାର ନାମ ପରିବର୍ତ୍ତନ କରି ବି.ଏସ.କେ.ୱାଇ ନବୀନ କାର୍ଡ ପ୍ରଦାନ କରିଥିଲେ । କେନ୍ଦ୍ର ସରକାର ୨୦୧୮ ମସିହାରେ ସାରା ଦେଶରେ ଆୟୁଷ୍ମାନ ଭାରତ ଯୋଜନା ଲାଗୁ କରିବାକୁ ନିର୍ଦ୍ଦେଶ ଦେଇଥିଲା । ତେବେ ତତ୍କାଳୀନ ବିଜେଡି ସରକାର ଏହାକୁ ଲାଗୁ



କରିନଥିଲେ । ରାଜ୍ୟରେ ବିଜେପି ଡବଲ ଇଞ୍ଜିନ ସରକାର ଆସିବା ପରେ ବିଏସକେୱାଇ କାର୍ଡକୁ ଅଚଳ କରି ଆୟୁଷ୍ମାନ ଯୋଜନା ଲାଗୁ କରିଛନ୍ତି । ଏହି ଯୋଜନାରେ କେବଳ ରାସନ କାର୍ଡ ହିତାଧିକାରୀ ଲାଭ ପାଉଥିବା ବେଳେ ରାସନକାର୍ଡ ନଥିବା ଅଧିକାଂଶ ଗରିବ ଏବଂ ମଧ୍ୟବିତ୍ତ ଏହି ଯୋଜନାରୁ ବାଦ ପଡୁଥିଲେ । ଏଥିରେ ପ୍ରତି ପରିବାରକୁ ବାର୍ଷିକ ୫ ଲକ୍ଷ ଏବଂ ପରିବାର ର ମହିଳା ସଦସ୍ୟଙ୍କ ନିମନ୍ତେ ଅତିରିକ୍ତ ୫ ଲକ୍ଷ ଟଙ୍କାର ସ୍ୱାସ୍ଥ୍ୟ ବୀମା ଯୋଗାଇ ଦେବାର ବ୍ୟବସ୍ଥା ରହିଛି । ତେବେ ରାସନକାର୍ଡ ନଥିବା ପରିବାରଙ୍କୁ ମଧ୍ୟ ସାମିଲ କରିବାକୁ ବିଧାୟକ ଦାବି କରିଛନ୍ତି । ବର୍ତ୍ତମାନ ଓଡିଶାରେ ପ୍ରାୟ ୩ କୋଟି ୫୨ ଲକ୍ଷ ଲୋକ ଏହି ଯୋଜନାରେ ସାମିଲ ହେଇଥିବା ନେଇ ବିଧାନସଭାରେ ସବିଶେଷ ତଥ୍ୟ ପ୍ରଦାନ କରିଛନ୍ତି ମୟୂରଭଞ୍ଜ ଜିଲ୍ଲା ବଡ଼ସାହି ନିର୍ବାଚନ ମଣ୍ଡଳୀର ବିଧାୟକ ଶ୍ରୀ ସନାତନ ବିଜୁଳି । ତେବେ ବିଏସକେୱାଇ ଏବଂ ଆୟୁଷ୍ମାନ କାର୍ଡ ତୁଳନାରେ କମ ଖର୍ଚ୍ଚରେ ରୋଗୀ ସୁସ୍ଥ ହୋଇ ଘରକୁ ଫେରୁଛନ୍ତି ବୋଲି ବିଧାୟକ ଦାବି କରିଛନ୍ତି । ବିଜେଡି ସରକାର ସମୟରେ ହାର୍ଟ ପେସେଣ୍ଟ ର ସର୍ଜରୀ ନିମନ୍ତେ ଏକ ପେସମେକର ର ମୂଲ୍ୟ ୨,୬୨,୦୦୦ ଥିବା ବେଳେ ଆୟୁଷ୍ମାନ ଇନଭଏସ ରେ ମାତ୍ର ୭୫,୦୦୦ ରେ ହେଇପାରୁଛି । ତେବେ ଏହିଭଳି ଅନେକ ଉଦାହରଣ ଦେଇ ବିରୋଧୀଙ୍କୁ ସମାଲୋଚନା କରିଛନ୍ତି ବିଧାୟକ ଶ୍ରୀ ବିଜୁଳି ।

# ଆରୁହା ପଞ୍ଚାୟତରେ ଏସବିଆଇର ସିଏସପି ପ୍ଲସ ଗ୍ରାହକ ସେବା କେନ୍ଦ୍ରର ଉଦ୍ଘାଟନ

ଜଳେଶ୍ୱର, ୦୩/୧୨ (ନି.ପ୍ର): ପଞ୍ଚାୟତ ସ୍ତରରେ ସରକାରଙ୍କ ବିଭିନ୍ନ ଯୋଜନାର ହିତାଧିକାରୀ ମାନେ ବ୍ୟାଙ୍କରେ ଅର୍ଥର କାରବାର ପାଇଁ ବହୁ ଦୂର ଦୁରାନ୍ତକୁ ଯିବାକୁ ପଡୁଥିଲା ।କିନ୍ତୁ ଆଉ ସେ ଭଳି ଅସୁବିଧା ପଡ଼ିବ ନାହିଁ । ତେଣୁ ଜଳେଶ୍ୱର ବ୍ଲକ ଆରୁହା ଗ୍ରାମ ପଞ୍ଚାୟତ ପରିସରରେ ନୂତନ ଭାବେ ଏସବିଆଇ ର ସିଏସପି ପ୍ଲସ ଗ୍ରାହକ ସେବା କେନ୍ଦ୍ରର ଶୁଭ ଉଦ୍ଘାଟନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି ।ଏହି ଏସବିଆଇ ର ସିଏସପି ପ୍ଲସ ଗ୍ରାହକ ସେବା କେନ୍ଦ୍ରକୁ ଜଳେଶ୍ୱର ବ୍ଲକର ବିଡ଼ିଓ ଗୌରାଙ୍ଗ ଚରଣ ଘୋଷ ଓ ସରପଞ୍ଚ ତପନୀ ଭୂୟାଁ ମିଳିତ ଭାବେ ଫିତା କାଟି ଆନୁଷ୍ଠାନିକ ଭାବେ ଉଦ୍ଘାଟନ କରିଥିଲେ ।ଜଳେଶ୍ୱର ବ୍ଲକର ଫାଇନାନ୍ସ ଅଫିସର ଜୀବନ କୁମାର ପରିଡ଼ା,ସଦସ୍ୟା ମଧୁମିତା ମହାନ୍ତି,ନାଏବ ସରପଞ୍ଚ ବରୁଣ କୁମାର ଜେନା,ପ୍ରାକ୍ତନ ସଦସ୍ୟ




ରାଜେନ୍ଦ୍ର ପାତ୍ର,ପିଇଓ ଶଙ୍କର ନାରାୟଣ ସାହୁ,ଏଡିଇଓ ବିନୋଦ କୁମାର ବେହେରା ଅତିଥି ଭାବେ ଯୋଗ ଦେଇ ଏହିଭଳି କାର୍ଯ୍ୟକୁ ପ୍ରଶଂସା କରିଥିଲେ ।ଏସବିଆଇ ପ୍ଲସ ଗ୍ରାହକ ସେବା କେନ୍ଦ୍ରର ଶାଖା ପରିଚାଳିକା ଅମିତା ବେହେରା, ଏମବିକେ ଜ୍ୟୋତ୍ସ୍ନା ରାଣୀ ମହାପାତ୍ର,ସମାଜ ସେବୀ ଦିଲ୍ଲୀପ କୁମାର ପଣ୍ଡା,ୱାର୍ଡ ସଭ୍ୟ ମଧୁସୁଦନ ପ୍ରଧାନ,ପ୍ରାକ୍ତନ ପ୍ରଧାନ ଶିକ୍ଷକ କେଦାର ଚରଣ ଗୀରି, ସନ୍ତୋଷ କୁମାର ଭୂୟାଁ,ଜିତପ୍ରକାସ ଜେନା, ରମାକାନ୍ତ ବେହେରା,ନବ କୁମାର ବେହେରା,ମନୋଜ କୁମାର ପ୍ରଧାନଙ୍କ ସହ ବହୁ ବ୍ୟକ୍ତି ବିଶେଷ ଉପସ୍ଥିତ ଥିଲେ । ଶେଷରେ ସାମ୍ବାଦିକ ମନୋଜ କୁମାର ଭୂୟାଁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

### ଗୁଳିବିନିମୟରେ...

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

ସର୍ଚ୍ଚ ଅପରେସନ ଜାରି ରହିଛି । ବସ୍ତର ଆଇଜି ପି ସୁନ୍ଦରରାଜ କହିଛନ୍ତି, ଡିଆରଜି ଦନ୍ତେୱାଡା-ବିଜାପୁର, ଏସଟିଏଫ୍, ସିଆରପିଏଫ୍ ଏବଂ କୋବ୍ରା ଟିମର ଯୁଗ୍ମ ଅପରେସନରେ ବିଜାପୁର-ଦନ୍ତେୱାଡା ଭିତରେ ଜିଲ୍ଲା ସୀମାରେ ପଶ୍ଚିମ ବସ୍ତର କ୍ଷେତରେ ୭ଜଣ ନକ୍ସଲ ନିପାତ ହୋଇଛନ୍ତି । କର୍ତ୍ତବ୍ୟରତ ଦୁଇ ଜଣ ଯବାନ ସହିଦ ହୋଇଥିବା ବେଳେ ଅନ୍ୟ ଜଣେ ଯବାନ ଆହତ ହୋଇଛନ୍ତି ।

### ଚାଷୀଙ୍କୁ ସ୍ୱପ୍ନ ...

କରିଛି କଂଗ୍ରେସ ? ବିଜେପିର ଯୁକ୍ତି, ଧାନ ବିକି ଚାଷୀଙ୍କ ଆୟରେ ବୃଦ୍ଧି ହୋଇଛି । ୨୦୧୮-୧୯ରେ ରାଜ୍ୟର କୃଷକ ପରିବାରର ମାସିକ ଆୟ ୫ ହଜାର ୧୧୨ ଟଙ୍କା ଥିଲା । ଯାହା ଦେଶର ଅନ୍ୟ ରାଜ୍ୟର ଚାଷୀଙ୍କ ଆୟ ତୁଳନାରେ ଯଥେଷ୍ଟ କମ । ସର୍ବାଧିକ ଆୟ କରୁଥିବା ଚାଷୀଙ୍କ ତାଲିକାର ତଳଆଡୁ ଦ୍ୱିତୀୟ ସ୍ଥାନରେ ରହିଛି ଓଡ଼ିଶା । ଏହି ତଥ୍ୟ ହିଁ ସୂଚାଉଛି କେତେ କଷ୍ଟରେ ଜୀବନ ଜିଉଁଛନ୍ତି ଓଡ଼ିଶାର ଚାଷୀ । ଅନ୍ୟପଟେ ସରକାର ଚାଷୀଙ୍କୁ ନେଇ ସଫଳତାର ଫର୍ଦ୍ଦ ଓଲଟାଇଛନ୍ତି । ନୂଆ ସରକାରରେ ଜଣେ ବି ଚାଷୀ ଋଣଭାର କିମ୍ବା ଚାପଗ୍ରସ୍ତ ହୋଇ ଜୀବନ ହାରିନଥିବା କହିଛନ୍ତି ମନ୍ତ୍ରୀ । ଶାସକ-ବିରୋଧୀଙ୍କ ତର୍କ ଭିତରେ ପ୍ରଶ୍ନ ଉଠୁଛି, ୧୨ ହଜାର ଟଙ୍କାରେ କ'ଣ ଚାଷୀ ନିଜର ପରିବାର ପୋଷି ପାରିବ ? ଦୁଇଗୁଣା କାହିଁକି, ଚାଷୀଙ୍କ ଆୟ ବହୁଗୁଣା କାହିଁକି ହେବନି ?

### ଦିଲ୍ଲୀ ନଗର ନିଗମ...

ତେଣୁ ୨ରୁ ୩ ଘଣ୍ଟା ମଧ୍ୟରେ ଭୋଟ ଗଣତି ଶେଷ ହେବା ସହ ରେଜଲ୍ଟ ପ୍ରକାଶ ପାଇଛି । ବିନୋଦ ନଗର ଆସନରେ ବିଜେପିର ସରଳା ଚୌଧୁରୀ ୧,୭୬୯ ଖଣ୍ଡ ଭୋଟରେ ବିଜୟୀ ହୋଇଛନ୍ତି । ଦ୍ୱାରକା ବିରେ ବିଜେପିର ମନୀଷା ଦେବୀ ୯,୧୦୦ ଖଣ୍ଡ ଭୋଟରେ ବାଜିମାତ କରିଛନ୍ତି । ଅଶୋକ ବିହାରରେ ବିଜେପିର ବୀଣା ଆସିଜା ୪୦୫ ଭୋଟ, ଗ୍ରେଟର କୈଳାସରେ ବିଜେପିର ଅଞ୍ଜୁମ ମଣ୍ଡଳ ୪,୧୬୫ ଭୋଟ, ଦିନଚୌ କଲାରେ ବିଜେପିର ରେଖା ରାଣୀ ୫,୬୩୭ ଭୋଟ, ଚାନ୍ଦନୀ ମହଲରେ ସ୍ୱାଧୀନ ପ୍ରାର୍ଥୀ ମହମ୍ମଦ ଇମ୍ରାନ ୪,୫୯୨ ଭୋଟ, ମୁଣ୍ଡକାରେ ଆପ୍‌ର ଅନିଲ ୧,୫୭୭ ଭୋଟ, ସଙ୍ଗମ ବିହାର ଏରେ କଂଗ୍ରେସର ସୁରେଶ ଚୌଧୁରୀ ୩,୬୨୮ ଭୋଟ, ଶାଲିମାର ବାଗ ବିରେ ବିଜେପିର ଅନିତା ଜୈନ ୧୦,୧୦୧ ଭୋଟ, ଦକ୍ଷିଣ ପୁରୀରେ ଆପର ରାମ ସ୍ୱରୂପ କୌନଜିଆ ୨,୨୬୨ ଭୋଟ, ଚାନ୍ଦନୀ ଚୌକରେ ବିଜେପିର ସୁମନ କୁମାର ଗୁପ୍ତା ୧,୧୮୨ ଭୋଟ ଓ ନାରାଇନାରେ ଆପ୍‌ର ରାଜନ ଅରୋରା ମାତ୍ର ୧୪୮ ଖଣ୍ଡ ଭୋଟରେ ବିଜୟୀ ହୋଇଛନ୍ତି ।

# ପ୍ରଧାନମନ୍ତ୍ରୀଙ୍କ ୧୨୮ତମ 'ମନ୍ କି ବାତ୍' କାର୍ଯ୍ୟକ୍ରମ: ରାଜ୍ୟରେ ବସ୍ତା ନିର୍ବାଚନ ମଣ୍ଡଳୀ ପ୍ରଥମ

ବାଲେଶ୍ୱର, ୦୩/୧୨ (ନି.ପ୍ର): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ 'ମନ୍ କି ବାତ୍' କାର୍ଯ୍ୟକ୍ରମ ଦେଶର ସମସ୍ତ ବୁଥ୍‌ସ୍ତରରେ ଅନୁଷ୍ଠିତ ହେଉଛି । ଗତ ନଭେମ୍ବର ୩୦ ତାରିଖ ୧୨୮ତମ 'ମନ୍ କି ବାତ୍' କାର୍ଯ୍ୟକ୍ରମରେ ପୁଣିଥରେ ବସ୍ତା ନିର୍ବାଚନମଣ୍ଡଳୀ ରାଜ୍ୟରେ ପ୍ରଥମ ହୋଇଛି । ୧୭ମାସ ମଧ୍ୟରେ ୧୨ଥର ଲଗାତର ଭାବେ ବସ୍ତା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ୨୫୭ ନମ୍ବର ବୁଥ୍‌ରେ ଏହି କାର୍ଯ୍ୟକ୍ରମ ଶତପ୍ରତିଶତ ସଫଳ ହୋଇଛି । ଏହି କ୍ରମରେ ୧୨୮ତମ 'ମନ୍ କି ବାତ୍' କାର୍ଯ୍ୟକ୍ରମରେ ଦେଶର ୧୭ଟି ସ୍ଥାନରେ ପ୍ରଧାନମନ୍ତ୍ରୀ ସିଧାପ୍ରସାରଣ ଜରିଆରେ ଶ୍ରୋତାଙ୍କୁ ଦେଖିବାର ବିଜ୍ଞପ୍ତି ପ୍ରକାଶ ପାଇଥିବା ବେଳେ ବାଲେଶ୍ୱର ସଂସଦୀୟ କ୍ଷେତ୍ର ବସ୍ତା



ବିଧାନସଭା (୩୭)ର ବାଲିଆପାଳ ବ୍ଲକ ୧୪୭ ନମ୍ବର ବୁଥ୍ ଅସ୍ତି ପଞ୍ଚାୟତରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ହଜାର ହଜାର ଶ୍ରୋତା ଉପସ୍ଥିତ ରହି ପ୍ରଧାନମନ୍ତ୍ରୀଙ୍କ ଅଭିଭାଷଣ ଶୁଣିଥିଲେ । ପ୍ରଧାନମନ୍ତ୍ରୀ ମଧ୍ୟ ସିଧାସଳଖ ଶ୍ରୋତାମାନଙ୍କୁ ଭିଡ଼ିଓ କନଫାରେନ୍ସିଂ ଜରିଆରେ ଦେଖିଥିଲେ । ବାଲେଶ୍ୱର ଉତର ଜିଲା ସଂଯୋଜକ କୃଷ୍ଣଚନ୍ଦ୍ର ଦଉଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ବାଲେଶ୍ୱର ଉତର ଜିଲା ସଭାପତି ପ୍ରଦୀପ କୁମାର ପଣ୍ଡା, ରାଜ୍ୟ ସଂଯୋଜିକା ମନସ୍ୱିତା ଖୁଣ୍ଟିଆଙ୍କ ସମେତ ବସ୍ତା, ଜଳେଶ୍ୱର ଓ ଭୋଗରାଇର ନେତୃବୃନ୍ଦ ଓ ଶ୍ରୋତା ଉପସ୍ଥିତ ଥିଲେ । ଏମ୍‌ପି ଷଡ଼ଙ୍ଗୀଙ୍କ ସମେତ ରାଜ୍ୟ ଓ ଜିଲା ନେତୃତ୍ୱଙ୍କ ମାର୍ଗଦର୍ଶନ, ଦଳୀୟ ନେତା ଓ କର୍ମୀଙ୍କ ଦୃଢ଼ ଇଚ୍ଛାଶକ୍ତି ଯୋଗୁଁ ଏହି ସଫଳତା ମିଳିଛି ବୋଲି ଜିଲା ସଂଯୋଜକ ଦଉ ପ୍ରତିକ୍ରିୟାରେ କହିଛନ୍ତି ।

# ଜୀ ସାର୍ଥକର ଲୋକପ୍ରିୟ ମେଗା ଧାରାବାହିକ 'ଭାଗ୍ୟରେଖା'ରେ ଆସିଲା ବିବାହ ଋତୁ

ଭୁବନେଶ୍ୱର, ୦୩/୧୨ (ନି.ପ୍ର): ଓଡିଶାର ଘରେ ଘରେ ପରିଚିତ ଜୀ ସାର୍ଥକ ଓଡ଼ିଆ ଘରର ପରମ୍ପରା ଓ ରୀତିନୀତିକୁ ଆଖିରେ ରଖି ଭେଟି ଦେଉଥିବା ବିଭିନ୍ନ ମନୋରଞ୍ଜନ ଭିତ୍ତିକ କାର୍ଯ୍ୟକ୍ରମ ଓ ଧାରାବାହିକ ପାଇଁ ଓଡ଼ିଶାରେ ଏକ ନମ୍ବର ହୋଇ ପାରିଛି । ନୂଆ ଓ ଭିନ୍ନ ରୁଚିର କାହାଣୀ ପରଷୁ ଥିବାରୁ ଦର୍ଶକଙ୍କୁ ବାନ୍ଧି ରଖିବାରେ ସଫଳ ହୋଇଛି ଜୀ ସାର୍ଥକ । ଦର୍ଶକଙ୍କର ଅତି ପ୍ରିୟ ମେଗା ଧାରାବାହିକ 'ଭାଗ୍ୟରେଖା' ଏବେ ୫୦୦ ଅଧ୍ୟାୟ ଅତିକ୍ରମ କରି ସାରିଛି ଯାହା ପ୍ରତି ସୋମବାର ରୁ ଶନିବାର ରାତି ୯ଟାରେ ଓଡିଆ ଦର୍ଶକଙ୍କ ଭଲପାଇବା ପାଇଛି । ଆଗକୁ ଏହି ଧାରାବାହିକର କାହାଣୀରେ ଆସିବାକୁ ହେବାକୁ ଯାଉଛି ଆହୁରି ରୋମାଞ୍ଚକର ମୋଡ଼ । ସୌଭାଗ୍ୟ ଓ କାଜଲ ଙ୍କ ନିର୍ବନ୍ଧ ଦିନ ସୌଭାଗ୍ୟ ସ୍ମୃତି କୁ ଭୁଲ ବୁଝି ବହୁତ କିଛି କହି ଦେଇଛନ୍ତି, ଯାହାର ଫଳ ସ୍ୱରୂପ ସ୍ମୃତି ଘର ଛାଡି ଚାଲି ଯିବାର ନିଷ୍ପତ୍ତି ନେଇଛନ୍ତି । ସ୍ମୃତି ଘରୁ ବାହାରକୁ ଯିବା ପରେ, ଅମିତ ତାଙ୍କୁ ଅପହରଣ କରି ଏକ ମନ୍ଦିରରେ ବିବାହ କରିବାକୁ ବାଧ କରେ । ହେଲେ ଠିକ୍ ସମୟରେ ସୌଭାଗ୍ୟ ପହଞ୍ଚି ସ୍ମୃତିଙ୍କୁ ଉଦ୍ଧାର



କରନ୍ତି ଓ ସେହି ସ୍ଥାନରୁ ଖସିଯିବା ସମୟରେ, ଦୁହେଁ ରାତିସାରା ଅନ୍ୟ ଏକ ମନ୍ଦିରରେ ଲୁଚି ରହନ୍ତି । ଭୋର ସମୟରେ ଗାଁ ଲୋକମାନେ ସେମାନଙ୍କୁ ପାଇଥାନ୍ତି ଏବଂ ସେମାନେ ଘରୁ ଲୁଚି ପଳାଇଯାଇଥିବା ଭାବି ମନ୍ଦିରର ସମ୍ମାନ ଓ ପବିତ୍ରତା ରକ୍ଷା ପାଇଁ ସେମାନଙ୍କୁ ସେହି ମନ୍ଦିରରେ ବିବାହ କରିବାକୁ ବାଧ କରନ୍ତି । ଗାଁ ଲୋକ ଧମକ ଦିଅନ୍ତି କି ଯଦି ସେମାନେ ଏବେ ବାହା ନ ହୁଅନ୍ତି, ତେବେ ସେମାନଙ୍କୁ ହତ୍ୟା କରାଯିବ । କୌଣସି ବିକଳ୍ପ ନ ପାଇ, ସେମାନେ ବାଧ ହୋଇ ବିବାହ କରନ୍ତି । ହେଲେ ସୁପରଷ୍ଟାର ସୌଭାଗ୍ୟ ଏବଂ ସରଳ ଗ୍ରାମୀଣ ଝିଅ ସ୍ମୃତି ଘରକୁ ଫେରିବେ ତ ? ସୌଭାଗ୍ୟ କଣ ସ୍ମୃତି କୁ ସ୍ତ୍ରୀ ରୂପେ ଗ୍ରହଣ କରିବେ ? ସେମାନଙ୍କ ପରିବାର ସମାଜ ର ସାମ୍ନା କରିପାରିବେ ତ ?ସେମାନଙ୍କର ଅପ୍ରତ୍ୟାଶିତ ବିବାହକୁ ପରିବାର ଗ୍ରହଣ କରିବେ ତ ? ଏମିତି ଅନେକ ପ୍ରଶ୍ନ ର ଉତ୍ତର ଜାଣିବା ପାଇଁ ହେଲେ ଆଗକୁ ନିୟମିତ ଦେଖିବାକୁ ହେବ ଜୀ ସାର୍ଥକରେ 'ଭାଗ୍ୟରେଖା' । 'ଭାଗ୍ୟରେଖା' କାହାଣୀ ହେଉଛି ନୂତନ ପିଢିର ରାଗରୁଷା, ମାନ ଅଭିମାନ, ଷଡଯନ୍ତ୍ର ଓ ଭଲପାଇବା ନେଇ ଆଧାରିତ ଧାରାବାହିକ । ତେଣୁ କାହାଣୀରେ ଆସୁଥିବା ନୂଆ ନୂଆ ରୋମାଞ୍ଚ ଆମ ଦର୍ଶକଙ୍କୁ ଏକ ନୂତନ ଅନୁଭବ ଦେବ ବୋଲି ଜୀ-ସାର୍ଥକର ଚିଫ୍ ଚ୍ୟାନେଲ୍ ଅଫିସର ଶ୍ରୀ ରାହୁଲ ରାଓ କହିଛନ୍ତି ।

# ବାସୁଦେବପୁର କଳା ସଂସ୍କୃତ ସଂଘ ପକ୍ଷରୁ ବୈଠକ ଅନୁଷ୍ଠିତ

ବାସୁଦେବପୁର , ୦୩/୧୨ (ନି.ପ୍ର): ଭଦ୍ରକ ଜିଲ୍ଲା ବାସୁଦେବପୁର ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସର ରେ ଥିବା ସଭା ଗୃହ ରେ କଳା ସଂସ୍କୃତି ବିଭାଗ ପକ୍ଷ ରୁ ଏକ ବୈଠକ ଅନୁଷ୍ଠିତ ହୋଇ ଯାଇଛି । ସଭାପତି କରୁଣା କର ମଲ୍ଲିକ ଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ଏହି ବୈଠକରେ ମୁଖ୍ୟ ଅତିଥି ଭାବେ ବିଡ଼ିଓ ତନ୍ମୀତା କର ଯୋଗ ଦେଇ ଓଡ଼ିଶା ର କଳା ସଂସ୍କୃତି କୁ ଭୂୟସୀ ପ୍ରଶଂସା କରିବା ସହ କଳାକାର ମାନଙ୍କ ବିଷୟ ରେ ଅନେକ କଥା ନିଜ ବକ୍ତବ୍ୟ ରେ କହିଥିଲେ । ବାସୁଦେବପୁର କଳା ସଂସ୍କୃତି ସଂଘ ପକ୍ଷରୁ ଥିବା ଦାବି ଗୁଡ଼ିକ ଉପରେ ସେ ଦୃଷ୍ଟି ଦେଇ ସମାଧାନ କରିବାକୁ ଚେଷ୍ଟା କରିବେ ବୋଲି କହିଥିଲେ । ଅନୁଷ୍ଠିତ ଏହି ବୈଠକରେ ସଂପାଦକ ମଦନ ପାଢୀ, ଉପ ସଭାପତି ଅଭୟ କୁମାର ସାମଲ ଙ୍କ ସହ ବିଭିନ୍ନ ସ୍ଥାନ ରୁ ଦୀର୍ଘ ଦିନ ଧରି କଳା ସଂସ୍କୃତି ସହ ଜଡିତ କଳାକାର ମାନେ ଉପସ୍ଥିତ ରହି ଥିଲେ ।

# କୁଳଡିହା ଅଭୟାରଣ୍ୟରୁ ୫ ଶିକାରୀ ଗିରଫ: ୨ଦେଶୀ ବନ୍ଧୁକ ଜବତ

ନୀଳଗିରି , ୦୩/୧୨ (ନି.ପ୍ର): କୁଳଡ଼ିହା ଅଭୟାରଣ୍ୟରେ ପଶୁଶିକାରକୁ ସମ୍ପୂର୍ଣ୍ଣ ମୂଳପୋଛ କରିବାପାଇଁ ଅଣ୍ଟାଭିଡ଼ିଛି ବନବିଭାଗ। ବିଗତ ଦେଢ଼ବର୍ଷ ମଧ୍ୟରେ ୬୦ରୁ ଉର୍ଦ୍ଧ ଶିକାରୀଙ୍କୁ କାବୁକରି ଜେଲ ହାଜତକୁ ପଠାଯାଇଥିବା ବେଳେ ପୁନର୍ବାର ଆଜିଭୋର ବିଶେଷସୂତ୍ରରୁ ଖବରପାଇ କୁଳଡିହା ଅଭୟାରଣ୍ୟର ଇନଚାର୍ଜ ତଥା ଏସିଏଫ୍ ସୁବ୍ରତ କୁମାର ବେହେରାଙ୍କ ନେତୃତ୍ୱରେ ବନବିଭାଗର ଏକ ଟିମ୍ ପଞ୍ଚଲିଙ୍ଗେଶ୍ୱର ସେକ୍ସନ ଖୁଲିଆଚୁଆ ମୁହଁ ପ୍ରବେଶ ପଥରେ ଜଗିରହିଥିବା ବେଳେ ଶିକାର ଉଦ୍ଦେଶ୍ୟରେ ଅଭୟାରଣ୍ୟ ମଧ୍ୟକୁ ପ୍ରବେଶ କରିଥିବା ୫ଜଣ ଶିକାରୀଙ୍କୁ କାବୁକରିବା ସହିତ ସେମାନଙ୍କୁ ବନ୍ୟଜନ୍ତୁ ଆଇନ୍ ଧାରା ୫୧ଅନୁଯାୟୀ ଗିରଫ କରିଛି। ଅଭିଯୁକ୍ତ ଶିକାରୀ ହେଲେ ନିର୍ମଳ ସିଂ(୪୩), ଚିନ୍ତାମଣି ସିଂ(୪୫), ଶ୍ୟାମ ସିଂ(୩୦), ବ୍ରଜକିଶୋର ସିଂ(୫୧) ଏବଂ ହରିମୋହନ ସିଂ(୪୦)। ସମସ୍ତ ଅଭିଯୁକ୍ତ ନୀଳଗିରି ଥାନା ଔପଦା ବ୍ଲକ୍ କାଣ୍ଡଗରଡି ପଞ୍ଚାୟତ ଖୁଲିଆଗ୍ରାମର ଅଟନ୍ତି। ସେମାନଙ୍କ ନିକଟରୁ ଦୁଇଟି ଗୁଳିଭର୍ତ୍ତି ଦେଶୀବନ୍ଧୁକ ଜବତ କରାଯିବା ସହିତ ୧୦ଗ୍ରାମ ଲାଲବାରୁଦ, ୧୦୦ଗ୍ରାମ କଳାବାରୁଦ, ୩ଟି କାଣ୍ଡ, ୧୭ଟି ଶର, କାଟଗୁଲି ଆଦି ବିଭିନ୍ନ ପ୍ରକାରର ଶିକାରସାମଗ୍ରୀ ଜବତ କରିଛି। ଏନେଇ ବନବିଭାଗ ୧୩କେ-୨୫/୨୬ରେ କେସ ରୁଜୁକରି ଆଜି ଅଭିଯୁକ୍ତ ଶିକାରୀଙ୍କୁ କୋର୍ଟଚାଲାଣ କରାଯିବାର ସୂଚନା ରହିଛି।



# ମହିଳା ଓ ବାଳିକାଙ୍କ ବିରୁଦ୍ଧରେ ଘଟୁଥିବା ହିଂସାକୁ ବିଲୋପ ପାଇଁ ସମ୍ମିଳତ ପ୍ରୟାସ ଶୀର୍ଷକ ସଚେତନତା ସଭା

ଭଦ୍ରକ, ୦୩/୧୨ (ନି.ପ୍ର): ଭଦ୍ରକ ଜିଲ୍ଲା ପୋଲିସ କାର୍ଯ୍ୟାଳୟ ସଭାଗୃହରେ ୧୬ ଦିବସୀୟ ଲିଙ୍ଗ ଭିତ୍ତିକ ଅଭିଯାନ ଅବସରରେ ମହିଳା ଓ ଶିଶୁଙ୍କ ବିରୁଦ୍ଧରେ ହିଂସା ବିଲୋପ ପାଇଁ ସମ୍ମିଳିତ ପ୍ରୟାସ ଶୀର୍ଷକ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି । ମହିଳା ଓ ଶିଶୁ ବିଭାଗ, ଓଡ଼ିଶା ସରକାର ଏବଂ ଫେଲୋସିପ, ଆସିଆନା ଓ ନୁହାସ୍ ଶକ୍ତି ସଦନ ସହଯୋଗରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ଫେଲୋସିପ୍ର ସମ୍ପାଦକ ଏସ୍.ଏମ୍.ଫାରୁକ୍ ସଭାପତିତ୍ୱ କରିଥିଲେ । ମୁଖ୍ୟ ଅତିଥି ରୂପେ ଆରକ୍ଷୀ ଅଧିକ୍ଷକ ମନୋଜ ରାଉତ ଯୋଗଦେଇ ନିଜ ଅଭିଭାଷଣରେ ପରିବାରରେ ସଚେତନତା ମୁଖ୍ୟ ବୋଲି କହିବା ସହ ବିଭିନ୍ନ ଦୃଷ୍ଟାନ୍ତ ମୂଳକ ଉଦାହରଣ ଦେଇଥିଲେ । ସ୍ୱାଗତ ଭାଷଣରେ ଫେଲୋସିପ୍ ସଂପାଦକ ଲଲାଟେନ୍ଦୁ ମହାନ୍ତି କାର୍ଯ୍ୟକ୍ରମର ମୂଳ ବିଷୟ ବସ୍ତୁ 'ମହିଳାମାନଙ୍କ ପାଇଁ ସୁରକ୍ଷିତ ସ୍ଥାନ' ଉପରେ ଆଲୋକପାତ କରିଥିଲେ । ସମ୍ମାନୀୟ ଅତିଥିଭାବେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସସ୍ମିତ ମାଝୀ, ଅରୁପ ଅଭିଶେକ୍ ଯୋଗଦେଇ ସମାଜରେ ଘଟୁଥିବା ହିଂସା ପାଇଁ ଆମକୁ ପ୍ରଥମେ ସଜାଗ ରହିବା ସଂଗେ ସଂଗେ ଆଇନ୍ର ସାହାଯ୍ୟ ନେବା ପାଇଁ ପରାମର୍ଶ ଦେଇଥିଲେ । ଡ଼ି.ଏସ୍.ପି. ବିଶ୍ୱପତି ପଣ୍ଡା, ଦୀପ୍ତିରେଖା ପ୍ରିୟଦର୍ଶନୀ ସାହୁ, ନିରୀକ୍ଷଣ ଅଧିକାରିଣୀ ବନ୍ଦନା ଦେବୀ, ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍ର ଆଇନ୍ ଅଧିକାରୀ ସୁବ୍ରତ ଦାସ ପ୍ରମୁଖ ଯୋଗଦାନ କରି ସାମାଜିକ ଗଣମାଧ୍ୟମର ବ୍ୟବହାର ପ୍ରତି ସର୍ତକ ଓ ସଚେତନତା ରହିବା ସହ ସର୍ବଦା ମନବଳ ଦୃଢ଼ ରଖି ବିଭିନ୍ନ ବିଭାଗ ସହ ସମନ୍ୱୟ ସହଯୋଗ ରଖିଲେ ଅପରାଧ ଓ ଅପରାଧି କବଳରୁ ରକ୍ଷା ପାଇପାରିବେ ବୋଲି ମତପୋଷଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ୧୧ନଂ ୱାର୍ଡ଼ କାଉନ୍ସିଲର ପ୍ରତିନିଧି ପଙ୍କଜ ବଳ, ଚାଇଲଡ଼ି ଲାଇନ୍ର ସଂଯୋଜିକା ଶୁଭଶ୍ରୀ କର, ହନିଫ୍ କ୍ଲବର ବରିଷ୍ଠ ସଦସ୍ୟ ନାସିରୁଦ୍ଦିନ୍ ଖାନ୍, ସେକ୍ ଜହିର୍, ଏମ୍.ଏସ୍.ଏଫ୍.ର ପରାମର୍ଶଦାତା ସେକ୍ ଆସିଫ୍ ଇକ୍ବାଲ, ସଭାପତି ସେକ୍ ଇମ୍ଦାଦ, ଫେମିଲି କାଉନ୍ସିଲର ପରାମର୍ଶଦାତ୍ରୀ ସ୍ନେହଲତା ପଣ୍ଡା, ପ୍ରିୟଙ୍କା ସାହୁ ପୋଲିସ୍ ଅଧିକାରୀ, ଓମେନ୍ ହେଲ୍ପ ଲାଇନ୍ର ୧୮୧ର କର୍ମକର୍ତ୍ତା ଏବଂ ଜାନକୀ ଦେବୀ ନର୍ସିଂ ସ୍କୁଲ ଶିକ୍ଷୟିତ୍ରୀ ଓ ଛାତ୍ରୀମାନେ ପ୍ରମୁଖ ଯୋଗଦାନ କରିଥିଲେ । ଏହି କାର୍ଯ୍ୟକ୍ରମକୁ ଆସିଆନା ସଂଯୋଗ ରିଆଜ ଅହମଦ୍ ପରିଚାଳନା କରିଥିବା ବେଳେ ଫେଲୋସିପ୍ର ଅଧ୍ୟକ୍ଷ ଯୋଗମାୟା ଋନ୍ଦ, ନୁହାସ୍ ଅଧ୍ୟକ୍ଷ ଉଷାରାଣୀ ବେହେରା, ୱାନ୍ ଷ୍ଟପ୍ ସେଣ୍ଟରର ଏକାଉଟାଣ୍ଟ ଲିପ୍ସା ନାୟକ, ଫେଲୋସିପ୍ର କର୍ମକର୍ତ୍ତା ଜିତେନ୍ଦ୍ର ନାୟକ ସହଯୋଗ କରିଥିଲେ । ପରିଶେଷରେ ସଖୀ କେନ୍ଦ୍ରପ୍ରଶାସିକା ପୁଷ୍ପଲତା ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।

# ସାହିତ୍ୟ ପତ୍ରିକା ଏଯାବତ୍ ପାର୍ବଣ ଗୀତି ବିଶେଷାଙ୍କ ଉନ୍ମୋଚିତ

ଆରଡ଼ି, ୦୩/୧୨ (ନି.ପ୍ର): ବିଶ୍ୱ ସାହିତ୍ୟ ତଥା ଓଡିଆ ସାହିତ୍ୟ ସମକାଳର ନିରୁତା ସାହିତ୍ୟକୁ ନେଇ ଏଯାବତ୍ ,ସର୍ଜନାର ଯୋଗଯାତ୍ରା ସାହିତ୍ୟ ପତ୍ରିକା ଅଳ୍ପ କିଛି ବର୍ଷ ମଧ୍ୟରେ ଓଡ଼ିଶାର ବହୁ ରୁଚିଶୀଳ ପାଠକଙ୍କ ପାଖକୁ ପହଞ୍ଚିପାରିଛି ଓ ଯେଉଁଭଳି ଆଦର ଲାଭ କରିଛି, ତାହା ଅନେକଙ୍କ ପାଇଁ ଉଦାହରଣୀୟ ବୋଲି ଏହାର ପାର୍ବଣ ୨୦୨୫ , ଗୀତି କବିତା ବିଶେଷ ସଂଖ୍ୟା ଉନ୍ମୋଚନ ହେବା ଅବସରରେ ମୁଖ୍ୟ ଅତିଥି ବରିଷ୍ଠ କବି ବିମଳ ଜେନା ପ୍ରକାଶ କରିଛନ୍ତି । ଗତ ନଭେମ୍ବର ୩୦ ଦିନ ଆରଡ଼ି ଠାରେ ଚାନ୍ଦବାଲି ବ୍ଲକ ନାନ୍ଦପୁର ଗାଁର ବାସିନ୍ଦା ତଥା ଅବସରପ୍ରାପ୍ତ ପ୍ରଧାନଶିକ୍ଷକ, ନାଟ୍ୟଗୁରୁ ରମେଶ ଚନ୍ଦ୍ର ପଣ୍ଡା ସ୍ମୃତି କମିଟି ପକ୍ଷରୁ ଆୟୋଜିତ ପୁଣ୍ୟଶ୍ଲୋକ ସ୍ୱର୍ଗତ ପଣ୍ଡାଙ୍କ ଚତୁର୍ଥ ଶ୍ରାଦ୍ଧ ବାର୍ଷିକୀ ପାଳନ ସମାରୋହରେ ଏଯାବତ୍ ସାହିତ୍ୟ ପରିଷଦର ସଭାପତି ଅଧ୍ୟାପକ ଆର୍ଯ୍ୟବ୍ରତ ଦାସ ପୌରହିତ୍ୟ କରିଥିଲେ । ଉଦଘାଟକ ଭାବେ ବିଜେପି ରାଜ୍ୟ କୃଷକ ମୋର୍ଚ୍ଚାର ସଭାପତି ମହେଶ୍ୱର ସାହୁ ସଭାକୁ ଉଦ୍ ?ଘାଟନ କରିଥିବା ଏଯାବତ୍ ପତ୍ରିକାର ସମ୍ପାଦକ ମାନସ ରଞ୍ଜନ ପଣ୍ଡା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ କଲେଜ ଅଧ୍ୟକ୍ଷ ତଥା କବି ଡ଼ ଅବନୀ ପ୍ରଧାନ, ସମ୍ମାନିତ ଅତିଥି ଭାବେ ବରିଷ୍ଠ ରାଜନେତା କିଶୋର ନାୟକ ଓ ଚାନ୍ଦବାଲି ବାର ଆସୋସିଏସନର ସଭାପତି ଉପେନ୍ଦ୍ର ରାଉଳ ଯୋଗ ଦେଇଥିଲେ । ଯୁବ ସମାଜସେବୀ ସ୍ୱଦେଶ ପଣ୍ଡା କାର୍ଯ୍ୟକ୍ରମ ସଂଯୋଜନା କରିଥିଲା ବେଳେ ଏହି ଅବସରରେ ବାଣୀପୁତ୍ର ନିତ୍ୟାନନ୍ଦ ପାଣିଗ୍ରାହୀଙ୍କ ରଚିତ ଏବଂ ବାଲେଶ୍ୱର ଇଙ୍କ୍ କଲଚର୍ ପ୍ରକାଶନ ଦ୍ୱାରା ପ୍ରକାଶିତ ପୁସ୍ତକ ' ଗୀତି ଅର୍ଘ୍ୟ ' ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା । ନାଟ୍ୟକାର ତଥା ନିର୍ଦ୍ଦେଶକ ଡ଼ ଦିଲ୍ଲୀପ କୁମାର ରଥ ଏବଂ ବରିଷ୍ଠ କଳାକାର ବରିଷ୍ଠ କଳାକାର ରତିକାନ୍ତ ନାୟକଙ୍କୁ ନାଟ୍ୟ ଗୁରୁ ରମେଶପଣ୍ଡା ସ୍ମୃତି ସ୍ମାରକୀ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲାବେଳେ ନାନ୍ଦପୁର ଉଚ୍ଚବିଦ୍ୟାଳୟର କୃତୀ ଛାତ୍ରୀ ଶ୍ରଦ୍ଧାରାଣୀ ବିଶ୍ୱାଳ, ରଶ୍ମିରେଖା ରାୟ ଓ ସୁଜାତା ମାଝୀଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ଏଯାବତ୍ ପତ୍ରିକାର ସତ୍ୱାଧିକାରୀ ଅସ୍ମିତ୍ ଅନୁଭବ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ସ୍ଥାନୀୟ ଅଞ୍ଚଳର ବହୁ ବିଶିଷ୍ଟ ଲୋକ ସାମିଲ ହୋଇଥିଲେ ।



# ବଡ଼ସାହି କଲେଜରେ ରକ୍ତଦାନ ଶିବିର



ବଡ଼ସାହି, ୦୩/୧୨ (ନି.ପ୍ର): ସ୍ଥାନୀୟ ବଡ଼ସାହି ପଞ୍ଚାୟତ ସମିତି ମହାବିଦ୍ୟାଳୟରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ୟୁଥ୍ ରେଡ୍ କ୍ରସ୍ ଏନ୍ ଏସ୍ ଏସ୍ ଏନ୍ ସି ସି ର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ଶିବିର ଅଧ୍ୟକ୍ଷ୍ୟ ପ୍ରଫେସର୍ ରଞ୍ଜନ କୁମାର ଦାସ ଫିତାକାଟି ଉଦ୍ଘାଟନ କରିଥିଲେ । ବାରିପଦା ବ୍ଲଡ୍ ବ୍ୟାଙ୍କର ଡାକ୍ତର ନୀଲେଶ କୁମାର ଦାଶଙ୍କ ନେତୃତ୍ୱରେ ଅନ୍ୟ କର୍ମଚାରୀମାନେ କଲେଜ୍ ର ଛାତ୍ରଛାତ୍ରୀଙ୍କ ଠାରୁ ରକ୍ତ ସଂଗ୍ରହ କରିଥିଲେ । କଲେଜ୍ ର ପ୍ରାଧ୍ୟାପକ ଫକୀର ଚରଣ ସାହୁ, ପ୍ରାଧ୍ୟାପକ ଡ଼. ଜୀବନ କୁମାର ପଣ୍ଡିତ, ୟୁଥ୍ ରେଡ୍ କ୍ରସ୍ ଉପଦେଷ୍ଟା ଅଧ୍ୟାପକ ଗୁଲୁ ସୋରେନ, ଡେମୋନଷ୍ଟ୍ରେଟର ପ୍ରଦୀପ ଜେନା,ଅଧ୍ୟାପିକା ଦେବୀ ଅର୍ଚ୍ଚନା ବିଶ୍ୱାଳ, ଡାଟା ଅପରେଟର ରାଜୀବ ଲୋଚନ କର, କର୍ମଚାରୀ ସତ୍ୟପ୍ରିୟ ମହାନ୍ତ ଏବଂ କଲେଜ୍ ର ଛାତ୍ରଛାତ୍ରୀ ରକ୍ତ ଦାନ କରିଥିଲେ । ୟୁଥ୍ ରେଡ୍ କ୍ରସ୍ ସ୍ୱେଚ୍ଛାସେବୀ,ଏନ୍ ଏସ୍ ଏସ୍ ସ୍ୱେଚ୍ଛାସେବୀ,ଏନ୍ ସି ସି ସ୍ୱେଚ୍ଛାସେବୀ ମାନେ ଏହି ଶିବିରକୁ ପରିଚାଳନା କରିଥିଲେ । କଲେଜ୍ ର ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ରକ୍ତଦାନ ପାଇଁ ଆଗ୍ରହ ପ୍ରକାଶ ପାଇଥିଲା । ଅଧ୍ୟକ୍ଷ୍ୟ ପ୍ରଫେସର୍ ଦାସ, ଅଧ୍ୟାପକ ବିନୋଦ କୁମାର ପରିଡା, ୟୁଥ୍ ରେଡ୍ କ୍ରସ୍ ଉପଦେଷ୍ଟା ଅଧ୍ୟାପକ ଗୁଲୁ ସୋରେନ,ଏନ୍ ସି ସି ପ୍ରୋଗ୍ରାମ ଅଫିସର ଲେଫ୍ଟନାଣ୍ଡ ଡ଼. ପାର୍ଥ ସାରଥି ବିଶ୍ୱାଳ,ଏନ୍ ଏସ୍ ଏସ୍ ପ୍ରୋଗ୍ରାମ ଅଫିସର ଡ଼. ରିତୁ ଲତା ବିଶ୍ୱାଳ ପ୍ରଭୃତି ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଶିରକ୍ତଦାନ ଶିବିର ସଫଳତାର ସହିତ ଆୟୋଜିତ ହୋଇଥିଲା । ସର୍ବଶେଷରେ ଅଧ୍ୟାପକ ନିରଞ୍ଜନ ହେମ୍ବ୍ରମ୍ ଏହି ଶିବିରର ସଫଳତା ପାଇଁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ଏଥିରେ ୨୭ ୟୁନିଟ୍ ବ୍ଲଡ୍ ସଂଗୃହିତ ହୋଇଥିଲା ।

# ରାଜ୍ୟରେ ୧୦ ଲକ୍ଷ ୯୨,୮୩୨ ଜଣ ଗୋ ଚାଷୀ

ଭୁବନେଶ୍ୱର, ୦୩/୧୨ (ନି.ପ୍ର): ରାଜ୍ୟରେ ୧୦ ଲକ୍ଷ ୯୨,୮୩୨ ଜଣ ଗୋ ଚାଷୀ ଅଛନ୍ତି । ବିଗତ ୧୦ ବର୍ଷରେ ୨ କୋଟି ୭୦ ହଜାର ୭୫ ଲକ୍ଷ ୧୦ ହଜାର ମେଟ୍ରିକ ଟନ ଦୁଗ୍ଧ ହୋଇଛି ଉତ୍ପାଦନ । ୨୦ ତମ ପ୍ରାଣୀଧନ ଗଣନା ଅନୁଯାଇ ରାଜ୍ୟରେ ରହିଛି ୩୬ କୋଟି ୪୨ ଲକ୍ଷ ୭୯୭ ଗାଈ। ଗୋପାଳନ ମାଧ୍ୟମରେ ବାର୍ଷିକ ରୋଜଗାର ୫୦ ହଜାର ଟଙ୍କା । ସର୍ବାଧିକ ବାଲେଶ୍ୱର ଜିଲ୍ଲାରେ ୧ ଲକ୍ଷ ୩୧ ହଜାର ୨୯୪ ଗୋ ପାଳନ କରୁଛନ୍ତି ଚାଷୀ। ବିଧାନସଭାରେ କଂଗ୍ରେସ ବିଧାୟକ ରାମ ଚନ୍ଦ୍ର କାଡାମଙ୍କ ପ୍ରଶ୍ନରେ ମନ୍ତ୍ରୀ ଉତ୍ତର ରଖିଛନ୍ତି ।

# ଗୀତାର ବାଣୀ ମାନବ ଜୀବନକୁ ସାର୍ଥକ କରେ

ବାରିପଦା , ୦୩/୧୨ (ନି.ପ୍ର): ମୟୂରଭଞ୍ଜର ଆଧ୍ୟାତ୍ମିକ ଅନୁଷ୍ଠାନ ଗୀତାବାଣୀ ପ୍ରଚାର ସଂଘ ଆନୁକୂଲ୍ୟରେ ପବିତ୍ର ଗୀତା ଜୟନ୍ତୀ ଅବସରରେ ଏକ ପ୍ରବଚନ କାର୍ଯ୍ୟକ୍ରମ ସ୍ଥାନୀୟ ଶ୍ରୀମା ମହିଳା ମହାବିଦ୍ୟାଳୟ ସଭା କକ୍ଷରେ ମହାବିଦ୍ୟାଳୟର ଅଧ୍ୟକ୍ଷା ମୀନାକ୍ଷୀ ମହାନ୍ତଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ଅଧ୍ୟକ୍ଷା ଶ୍ରୀମତୀ ମହାନ୍ତ ସ୍ୱାଗତ ଭାଷଣ ଦେଇ ଛାତ୍ରୀମାନଙ୍କର ଆଧ୍ୟାତ୍ମିକ ଚେତନାର ଅଭିବୃଦ୍ଧି ପାଇଁ ଶ୍ରୀମଦ୍ ଭଗବଦ୍ ଗୀତାର ବାଣୀ ସହାୟକ ବୋଲ ମତ ପ୍ରଦାନ କରିଥିଲେ । ଏହି ଅବସରରେ ଜଗନ୍ନାଥ ସଂସ୍କୃତିର ଗବେଷକ ତଥା ବିଶିଷ୍ଟ ଗୀତା ପ୍ରବଚକ ଭାଗବତ ପଣ୍ଡା ମୁଖ୍ୟ ଆଲୋଚକଭାବେ ଯୋଗ ଦେଇ ଶ୍ରୀମଦ୍ ଭଗବଦ୍ ଗୀତାର ପଠନ ଓ ଶ୍ରବଣ ଦ୍ୱାରା ସାଧାରଣ ମଣିଷ ଅତି ମାନୁଷୀଶକ୍ତିର ଅଧିକାରୀ ହେବା ସହିତ ତା' ଜୀବନରେ ମୁକ୍ତି ଲାଭ କରିବାର ସୁଗମ ପନ୍ଥା ସବୁ ବିଭିନ୍ନ ଉଦାହରଣ ମାଧ୍ୟମରେ ଦର୍ଶାଇ ଗୀତାର ମାର୍ଗ ଅନୁସରଣଷର ଛାତ୍ରୀମାନେ ଭବିଷ୍ୟତରେ ଉତ୍ତମ ଗୃହିଣୀ ହୋଇ ନିଜ ଘରକୁ ବୈକୁଣ୍ଠ କରିପାରିବେ ବୋଲି ବକ୍ତବ୍ୟରେ କହିଥିଲେ । ଓଡ଼ିଆ ବିଭାଗର ଅନୁଷ୍ଠାନର ଅଧ୍ୟକ୍ଷ ଡା. ପାର୍ଥ ସାରଥୀ ଜେନା ତାଙ୍କ ଅଭିଭାଷଣରେ ଗୀତାର ଗୂଢ ତତ୍ତ୍ୱ ସମ୍ପର୍କରେ ବିସ୍ତୃତ ଆଲୋଚନା କରି ଜାତି, ଧର୍ମ, ବର୍ଣ୍ଣ , ସମ୍ପ୍ରଦାୟ ନିର୍ବିଶେଷରେ ସମସ୍ତେ ଗୀତାପାଠ କରିବାକୁ ଆହ୍ୱାନ ଦେବା ସହିତ ଏକମାତ୍ର ଶରଣାଗତି ହିଁ ଭଗବାନଙ୍କୁ ପ୍ରାପ୍ତ କରିବାର ଶ୍ରେଷ୍ଠ ଉପାୟ ବୋଲି ମତ ରଖିଥିଲେ । ଅଧ୍ୟାପକ ଦୀପକ କୁମାର ରାଉତ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ସମାରୋହରେ ଅଧ୍ୟାପିକା ଐଶ୍ୱର୍ଯ୍ୟା ବଡପଣ୍ଡା, ଅଧ୍ୟାପକ ଶିବନାରାୟଣ ମିଶ୍ର ଓ କାର୍ତ୍ତିକେଶ୍ୱର ନାୟକ ପ୍ରମୁଖ ସ୍ୱକୀୟ ମତ ଉପସ୍ଥାପନ କରିଥିଲେ । ପରିଶେଷରେ ଉପସ୍ଥିତ ଛାତ୍ରୀମାନଙ୍କୁ ଅନୁଷ୍ଠାନ ପକ୍ଷରୁ ଶ୍ରୀମଦ୍ ଭଗବଦ୍ ଗୀତା ଗ୍ରନ୍ଥ ବଣ୍ଟନ କରାଯାଇଥିଲା




ପ୍ରକାଶ ପାଇଲା....

ଡ. ଭାଗବତ ବେହେରାଙ୍କ ଲିଖିତ ଜଗନ୍ନାଥ ଚେତନା ସମ୍ବଳିତ ଦୁଇଟି ଆଧ୍ୟାତ୍ମିକ ଉପନ୍ୟାସ :

ପତିତପାବନ | କଳାପାହାଡ଼




ପ୍ରାପ୍ତିସ୍ଥାନ: ତାରିଣୀ ବିଦ୍ୟାଭଣ୍ଡାର
ଷ୍ଟେସନ ରୋଡ଼, ବାଲେଶ୍ୱର-୧

# କପ୍ତିପଦାରେ ବିଶ୍ୱ ଭିନ୍ନକ୍ଷମ ଦିବସ ପାଳିତ

## କପ୍ତିପଦା ଭିନ୍ନକ୍ଷମ ମଂଚ ସମଗ୍ର ଜିଲ୍ଲାର ନେଉଛି ନେତୃତ୍ୱ : ପ୍ରମିଳା ପଣ୍ଡା

ଉଦଳା, ୦୩/୧୨ (ନି.ପ୍ର): ପ୍ରତିବର୍ଷ ପରି କପ୍ତିପଦା ଭିନ୍ନକ୍ଷମ ମଂଚ ଓ ସ୍ୱେଚ୍ଛାସେବି ସଂଗଠନ 'ସମ୍ଭବ'ର ମିଳିତ ଉଦ୍ୟମରେ କପ୍ତିପଦା ଠାରେ ଆଜି ଡ଼ିସେମ୍ବର ୩ ତାରିଖ ବୁଧବାର ଦିନ ବିଶ୍ୱଭିନ୍ନକ୍ଷମ ଦିବସ ପାଳିତ ହୋଇ ଯାଇଛି । ଏହି ଅବସରରେ ରକ୍ତଦାନ ଶିବିର, ସାଧାରଣ ସଭା ଓ ସମ୍ବର୍ଦ୍ଧନା ପ୍ରଦାନର ପର୍ବ ଅନୁଷ୍ଠିତ ହୋଇଥିଲା । କପ୍ତିପଦା ବ୍ଲକ କାର୍ଯ୍ୟାଳୟ ପରିସରରେ ଥିବା କଲ୍ୟାଣ ମଣ୍ଡପ ଠାରେ ଆଜିର ସମସ୍ତ କାର୍ଯ୍ୟକ୍ରମ ପାଇଁ ମଂଚ ପ୍ରସ୍ତୁତ ହୋଇଥିଲା । ପ୍ରଭାତରେ ସମଗ୍ର ବ୍ଲକର ବିଭିନ୍ନ ଅଂଚଳରୁ ଶତାଧିକ ଭିନ୍ନକ୍ଷମ ଭାଇ ଭଉଣୀ ଏକତ୍ରୀତ ହୋଇ ରକ୍ତଦାନ କରିଥିଲେ । ଡ଼ା. ଖଗେଶ୍ୱର ସିଂହଙ୍କ ସହିତ ଉଦଳା ଡ଼ାକ୍ତରଖାନା ପରିସରରେ ଥିବା ବ୍ଲଡ଼ ବ୍ୟାଙ୍କର କର୍ମଚାରି ମାନେ ଉକ୍ତ ରକ୍ତଦାନ ଶିବିରରେ ସହଯୋଗ କରିଥିଲେ । ପରେ ଅନୁଷ୍ଠିତ ସାଧାରଣ ସଭାରେ କପ୍ତିପଦା ଭିନ୍ନକ୍ଷମ ମଂଚର ସଭାପତି ମନୋରଂଜନ ଜେନା ଅଧ୍ୟକ୍ଷତା କରି ଆଜକୁ ୧୨ ବର୍ଷ ଧରି ମଂଚ ତରଫରୁ ଏହି ଦିବସ କିପରି ପାଳିତ ହୋଇ ଆସୁଛି ଓ ଆଗାମି ଦିନର କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ । ଏହାପରେ ମଂଚର ସମ୍ପାଦକ ସଂଜୟ ସ୍ୱାଇଁ ବିବରଣି ପାଠ କରିବା ସହ ମଂଚାସିନ ଅତିଥି ମାନଙ୍କର ପରିଚୟ ପ୍ରଦାନ କରିଥିଲେ । ଅବସରପ୍ରାପ୍ତ ଜିଲ୍ଲା ଚିକିତ୍ସାଧିକାରି ଡ଼ା. ଶିବାନନ୍ଦ ମହାନ୍ତି ଓ ଉଦଳା ବିଜ୍ଞାପିତ ଅଂଚଳ ପରିଷଦର ନଗରପାଳ ପ୍ରମିଳା ପଣ୍ଡା ଯଥାକ୍ରମେ ମୁଖ୍ୟ ଅତିଥି ଓ ମୁଖ୍ୟ ବକ୍ତା ଭାବରେ ଯୋଗଦେଇ ସମଗ୍ର ଜିଲ୍ଲାରେ ବସବାସ କରୁଥିବା ଭିନ୍ନକ୍ଷମ ଭାଇ ଭଉଣୀ ମାନଙ୍କର ବିଭିନ୍ନ ଦାବି ସମ୍ପର୍କରେ କପ୍ତିପଦା ଭିନ୍ନକ୍ଷମ ମଂଚ ଯେଉଁଭଳି ସ୍ୱର ଉଠାଇଛି ଏହାକୁ ଭୂୟସୀ ପ୍ରଶଂସା କରିଥିଲେ । ଅବସରପ୍ରାପ୍ତ ଜିଲ୍ଲା ସମାଜ ମଙ୍ଗଳ ଅଧିକାରି ନାରାୟଣ ବେହେରା ସମ୍ମାନିତ ଅତିଥି ଭାବରେ ଯୋଗଦେଇ ଭିନ୍ନକ୍ଷମ ଭାଇ ଭଉଣୀ ମାନଙ୍କ ପାଇଁ ଥିବା ସରକାରି ସୁବିଧା ସୁଯୋଗ ବିଷୟରେ ଅବଗତ କରାଇଥିଲେ । ପରେ ମଂଚ ତରଫରୁ ସଂଜୟ ସ୍ୱାଇଁ, ସୁଭଦ୍ରା ମଂଜରି ସାହୁ ଓ ପୂର୍ଣ୍ଣଚନ୍ଦ୍ର ସେଠିଙ୍କୁ ମାନପତ୍ର, ଉତରୀୟ ଓ ପୁଷ୍ପଗୁଚ୍ଛ ଅର୍ପଣ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା । ଅବସରପ୍ରାପ୍ତ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରଫୁଲ୍ଲ ମହାଳିକ ମଂଚ ପରିଚାଳନା ଦାୟିତ୍ୱ ତୁଲାଇଥିବା ବେଳେ ଶିକ୍ଷକ ସନ୍ତୋଷ ସାହୁ ପ୍ରାରମ୍ଭରେ ସ୍ୱାଗତ ଭାଷଣ ଓ ଆଜିର ଦିବସ ପାଳନର ଉଦେଶ୍ୟ ସମ୍ପର୍କରେ ଅବଗତ କରାଇଥିଲେ । ଆଶିଷ ମଲ୍ଲିକ ଶେଷରେ ଧନ୍ୟବାଦ ଅର୍ପଣ କରିବା ପରେ କାର୍ଯ୍ୟକ୍ରମର ଯବନିକା ପଡ଼ିଥିଲା ।




# ଅର୍ନ୍ତଜାତୀୟ ଭିନ୍ନକ୍ଷମ ଦିବସ ପାଳିତ

ବସ୍ତା, ୦୩/୧୨ (ନି.ପ୍ର): ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଆଶା ଦ୍ୱାରା ପରିଚାଳିତ ଲକ୍ଷ୍ମୀ ବାସନ୍ତୀ ସ୍ୱତନ୍ତ୍ର ମୂକ ଓ ବଧିର ଆବାସିକ ବିଦ୍ୟାଳୟ ଓ ଏଲିନା ଏଲିଶା ମାନସିକ ଅନଗ୍ରସର ବିଦ୍ୟାଳୟରେ ଅର୍ନ୍ତଜାତୀୟ ଭିନ୍ନକ୍ଷମ ଦିବସ ବୁଧବାର ପାଳିତ ହୋଇଯାଇଛି। ସକାଳେ ବିଦ୍ୟାଳୟରୁ ବାହାରି ଜଳକାପ୍ରଜେକ୍ଟ ପରିକ୍ରମାକରି ଥିଲେ । ବିଦ୍ୟାଳୟ ସଭାଗୃହରେ ଏକ ସଭାର ଆୟୋଜନ ହୋଇଥିଲା । ଆଶା ର ପ୍ରତିଷ୍ଠାତା ଓ ସମ୍ପାଦକ ତଥା ଯୁବ ସମାଜସେବୀ ଶ୍ରୀଯୁକ୍ତ ଅମର କୁମାର ପାଳ ପୌରହିତ କରିଥିଲେ। ପୂର୍ବତନ ସମ୍ପାଦିକା ଶ୍ରୀମତୀ ମଞ୍ଜୁବତି ବିଶ୍ୱାଳ ଆର୍ନ୍ତଜାତୀୟ ଭିନ୍ନକ୍ଷମ ଦିବସ ପାଳନ ବିଷୟରେ ମତବ୍ୟକ୍ତ କରିଥିଲେ ।ମଥାନୀ ସେବା ସମବାୟ ସମିତି ର ପୂର୍ବତନ ନିର୍ଦ୍ଦେଶକ ଅନିରୁଦ୍ଧ ଆଇଚ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ପତକା ଦେଖାଇ ଶୁଭ ଉଦ୍ଘାଟନ କରିଥିଲେ ।ମୁଖ୍ୟବକ୍ତାବସ୍ତା ପ୍ରେସ କ୍ଲବ ର ସଭାପତି ଶ୍ରୀଯୁକ୍ତ ବିଜୟ କୁମାର ଭୂୟାଁ ସମ୍ମାନିତ ଅତିଥି ସେବା ସମବାୟ ସମିତିର ସଭାପତି କିଶୋର କୁମାର ପାଳ ଉପସ୍ଥିତ ଥିଲେ। ଶ୍ରୀଯୁକ୍ତ ପାଳ ଭିନ୍ନକ୍ଷମ ମାନଙ୍କୁ ସମାଜିକ, ଅର୍ଥନୈତିକ, ସାଂସ୍କୃତିକ, ଓ ରାଜନୈତିକ କ୍ଷେତ୍ରରେ ସାମିଲ କରିବା ଓ ଉତ୍ସାହିତ କରିବା ସହିତ ଆଜିର ଦିନର ମୁଖ୍ୟ ଉଦ୍ଦେଶ୍ୟ ବୋଲି କହିଥିଲେ।ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର କର୍ମକର୍ତ୍ତା ଅରୁଣ କୁମାର ଦାସ, ଗଜେନ୍ଦ୍ର ନାଥ ପ୍ରଧାନ, ସ୍ମିତାରାଣୀ ମହାପାତ୍ର, ନିର୍ମଳା ବାସିନୀ ସେନାପତି, ଅପରାଜିତା ସେନାପତି,ଚନ୍ଦନ କୁମାର ବିଶ୍ୱାଳ, ପ୍ରଦୀପ କୁମାର ସାହୁ,ଅଶୋକ ବିଶ୍ୱାଳ,ହର୍ଷ ବର୍ଦ୍ଧନ ଧଳ,ଜୟଶ୍ରୀ ସ୍ୱାଇଁ,ସନ୍ଧ୍ୟାରଣି ବିଶ୍ୱାଳ,ସରସ୍ୱତୀ ସାହୁ, ଅପର୍ଣା ରାଉତ, ଅଞ୍ଜୁରାଣୀ ଦାସ,ଅଜୟ କୁମାର ଦଳାଇ, ଗୌରାଙ୍ଗ ଚରଣ ଦାସ, ହେମଙ୍ଗିନି ମହର୍ଣା,ରତିକାନ୍ତ ପରିଡ଼ା, ପ୍ରଜ୍ଞା ପ୍ରକାଶ ପାଳ,ଏଲିନା ଏଲିଶା ପାଳ,ସୁମନ। ପରିଡ଼ା, ରାଜେଶ ସାହୁଉପସ୍ଥିତଥିଲେ ପଞ୍ଚାନନ ବେହେରା ଧନ୍ୟବାଦ ଜଣାଇ କାର୍ଯ୍ୟକ୍ରମ ସାଙ୍ଗ କରିଥିଲେ।

❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Editor: Sairindhree Sahoo
❒ Managing & Executive Editor : Srustidhar Parida